

ସୁଟିଂ ସାରିଲେ ସାହିଦ
▶ପୃଷ୍ଠା ୨ ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-71 ◆THURSDAY ◆4 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୧ ◆ଗୁରୁବାର ◆୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସେବି ବିରୋଧରେ ମାମଲା ରୁଜୁକଲା ଆମେରିକୀୟ କମ୍ପାନୀ

■ **ମୁମ୍ବଇ, ୩।୯ (ଏଜେନ୍ସି):** ଭାରତୀୟ ସେୟାର ବଜାର ନିୟାମକ ସେବି ତଥା 'ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ' ବିରୋଧରେ ଆମେରିକୀୟ ଟ୍ରେଡିଂ କମ୍ପାନୀ 'ଜେନ୍ ଷ୍ଟ୍ରିଟ୍ ଗ୍ରୁପ' ମାମଲା ରୁଜୁ କରିଛି। ଜାଲିଆତି କରି ୪,୮୪୪ କୋଟି ଟଙ୍କାର ଲାଭ (ବେଆଇନ) ଉଠାଇ ଥିବା ଅଭିଯୋଗରେ ସେବି ପୂର୍ବରୁ ଏହି କମ୍ପାନୀକୁ ସେୟାର ବଜାରରୁ ନିଷିଦ୍ଧ କରିଦେଇଥିଲା। ରିପୋର୍ଟ ଅନୁଯାୟୀ ସେବିର ଏହି ନିଷ୍ପତ୍ତିକୁ ବିରୋଧ କରି ଜେନ୍ ଷ୍ଟ୍ରିଟ ସିକ୍ୟୁରିଟିଜ୍ ଅପିଲେଟ ଟ୍ରିବ୍ୟୁନାଲ (ସ୍ୟାଟ୍)ରେ ଆବେଦନ ଦାଏର କରିଛି। ସେୟାର ବଜାରକୁ ନେଇ ନିୟାମକ ଦେଇଥିବା ନିଷ୍ପତ୍ତି ଉପରେ ସ୍ୟାଟ୍‌ରେ ଶୁଣାଣି ହୋଇଥାଏ। ତେବେ ଏହାକୁ ଜେନ୍ ଷ୍ଟ୍ରିଟ୍ କିମ୍ବା ସେବି ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରେ ଜେନ୍ ଷ୍ଟ୍ରିଟ୍‌ର କାରବାର ଉପରେ ସେବି କଟକଣା ଲଗାଇ ଦେଇଥିଲା। ଏହି କମ୍ପାନୀ ନିଫ୍ଟି-୫୦ ଏବଂ ବ୍ୟାଙ୍କ ନିଫ୍ଟିରେ ଜାଲିଆତି କରି ବିପୁଳ ଲାଭ କମାଇ ଥିବା କୁହାଯାଇଥିଲା। ୨୦୨୩ ଜାନୁଆରୀରୁ ୨୦୨୫ ମେ' ମଧ୍ୟରେ ଜେନ୍ ଷ୍ଟ୍ରିଟ୍ ୩୬,୬୭୧ କୋଟି ଟଙ୍କା ଲାଭ କରିଥିଲା। ଏଥିରୁ ୪,୮୪୪ କୋଟି ଟଙ୍କାର ଲାଭ ବେଆଇନ ଭାବେ ଉପାର୍ଜନ କରିଥିଲା। ପୁଣି ଥରେ କାରବାର କରିବା ପାଇଁ ଏହି ଅର୍ଥକୁ ଏସ୍‌କ୍ରୋ ଆକାଉଣ୍ଟରେ ଜମା କରିବାକୁ ସେବି ନିର୍ଦ୍ଦେଶ ଦେଇଥିଲା। ପରେ ଜୁଲାଇ ୧୧ରେ ଜେନ୍ ଷ୍ଟ୍ରିଟ ଏହି ରାଶି ଜମା କରିଥିଲା। ଜୁଲାଇ ୧୮ରେ ସେବି ଏହି କମ୍ପାନୀକୁ କିଛି ସର୍ତ୍ତରେ ପୁଣି କାରବାର ପାଇଁ ଅନୁମତି ଦେଇଥିଲା ବୋଲି ସୂଚନା ମିଳିଛି। ତେବେ ଜାଲିଆତି କରୁଥିବା ସହଯୋଗୀ କମ୍ପାନୀଠାରୁ ଦୂରେଇ ରହିବାକୁ ଜେନ୍ ଷ୍ଟ୍ରିଟ୍‌କୁ ଚେତାବନୀ ଦେଇଥିଲା।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୪ ମୃତ

■ **କ୍ୱେଟା, ୩।୯ (ଏଜେନ୍ସି):** ପାକିସ୍ତାନର କ୍ୱେଟାରେ ମଙ୍ଗଳବାର ରାତିରେ ଆୟୋଜିତ ବାଲୋଚ୍ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ରାଲିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ଆହତଙ୍କ ମଧ୍ୟରେ ବିଏନ୍‌ପି ନେତା ଅହମ୍ମଦ ନୱାଜ ଓ ମୁସା ବାଲୋଚ ଅଛନ୍ତି।

ବେଲୁଚିସ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅତାଉଲ୍ଲା ମେନଗାଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶାହୱାନୀ ଷ୍ଟାଡିୟମରେ ଏହି ରାଲିର ଆୟୋଜନ କରାଯାଇଥିଲା। ରାଲି ସରିବାର କିଛି ସମୟ ପୂର୍ବରୁ ପାର୍କିଂ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିଲା। ଗତ ମାର୍ଚ୍ଚରେ ଲାକଡାରାରେ ମଧ୍ୟ ଏଭଳି ଏକ



ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ତେବେ ଘଟଣା ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଜଣେ ୩୫ରୁ ୪୦ ବର୍ଷର ବ୍ୟକ୍ତି ୮ କେଜିର ବିସ୍ଫୋରକ ନେଇ ଏହି କାଣ୍ଡ ଘଟାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଏଣିକି ୩ଟି ସ୍ଲାବ୍‌ରେ ଜିଏସ୍‌ଟି

**ହଟିଲା ୧୨%, ୨୮% ଟିକସ ସ୍ଲାବ୍**

**୫%, ୧୮% ସ୍ଲାବ୍‌ରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ**

**ତମାଖୁ, ବିଳାସ ସାମଗ୍ରୀ ଉପରେ ୪୦% ଟିକସ**

**ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମାରୁ ଜିଏସ୍‌ଟି ଛାଡ଼**

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ୨୦୧୭ରେ ଦ୍ରବ୍ୟ ଓ ସେବା କର ବା ଜିଏସ୍‌ଟି ଆରମ୍ଭ ହେବା ପରେ କେନ୍ଦ୍ର ସରକାର ପ୍ରଥମ ଥର ଲାଗି ଏହାର ହାରରେ ବଡ଼ ଧରଣର ସଂଶୋଧନ କରିଛନ୍ତି। ମଧ୍ୟବିତ୍ତ ଓ ସାଧାରଣ ଜନତାଙ୍କୁ ମହଙ୍ଗାମାଡ଼ରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଅନେକ ଦୈନିକ ବ୍ୟବହାର ହେଉଥିବା ସାମଗ୍ରୀ ଉପରେ ଜିଏସ୍‌ଟି ହାର କମାଇ ଦିଆଯାଇଛି। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଓ ଜୀବନ ବୀମାକୁ ସଂପୂର୍ଣ୍ଣ ରୂପେ ଜିଏସ୍‌ଟି ମୁକ୍ତ କରାଯାଇଥିବା ବେଳେ ବିଳାସପୂର୍ଣ୍ଣ ସାମଗ୍ରୀ ଓ ସିଗାରେଟ୍, ତମାଖୁ ଉପରେ ଅଧିକ ଟିକସ ଧାର୍ଯ୍ୟ କରାଯାଇଛି। କର୍କଟ ରୋଗ ଔଷଧକୁ ମଧ୍ୟ ଜିଏସ୍‌ଟି କବଳରୁ ମୁକ୍ତ କରାଯାଇଛି। ଦୁଗ୍ଧ, ପନୀର ଓ ଭାରତୀୟ ବ୍ରେଡ୍ ଉପରେ ମଧ୍ୟ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ। ଆଜି ୧୦ ଘଣ୍ଟାରୁ ଅଧିକ ସମୟ ଚାଲିଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହିସବୁ ନିଷ୍ପତ୍ତି ନିଆଯାଇଛି। ସଂଶୋଧିତ ହାର ଆସନ୍ତା ୨୨ ତାରିଖରୁ ଲାଗୁ ହେବ ବୋଲି କେନ୍ଦ୍ର ଅର୍ଥ



**ସେପ୍ଟେମ୍ବର ୨୨ରୁ ଲାଗୁହେବ ନୂଆ ଟିକସ ହାର**

ମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୨୮% ଏବଂ ୧୨% ସ୍ଲାବକୁ ହଟାଇ ଜିଏସ୍‌ଟି ହାରକୁ ୧୮% ଓ ୫%ରେ ସୀମିତ ରଖାଯାଇଛି। ୨୮% ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀକୁ ୧୮% ସ୍ଲାବରେ ସାମିଲ କରାଯାଇଥିବା ବେଳେ ୧୨% ସ୍ଲାବରେ ଥିବା ୯୯ ପ୍ରତିଶତ ସାମଗ୍ରୀ ଉପରେ ଏବେ ମାତ୍ର ୫ % ପ୍ରତିଶତ ଟିକସ ଲାଗିବ।

ନୂତନ ଜିଏସ୍‌ଟି ସ୍ଲାବ୍ ସମ୍ପର୍କରେ ଆଜି ରାତିରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଶ୍ରୀମତୀ ସୀତାରମଣ। ସେ କହିଛନ୍ତି ଯେ କ୍ଷୀର, ରୁଟି, ପିଜା, ପାଉଁରୁଟି, ଛେନା ସମେତ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀକୁ ଜିଏସ୍‌ଟିରୁ ବାଦ୍ ଦିଆଯାଇଛି। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମାକୁ ଜିଏସ୍‌ଟି ମୁକ୍ତ କରାଯାଇଛି। ସିମେଣ୍ଟ ଉପରେ ଟିକସକୁ ୨୮ ପ୍ରତିଶତରୁ ହ୍ରାସ କରି ୧୮ ପ୍ରତିଶତ ରଖାଯାଇଛି।

ଏହା ବ୍ୟତୀତ ତମାଖୁ ଏବଂ ବିଳାସପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଉପରେ ୪୦%ର ନୂଆ ଟିକସ ଲାଗୁ କରାଯାଇଛି। ବିଳାସପୂର୍ଣ୍ଣ କାର୍, ବଡ଼ ଏସ୍‌ୟୁଭି, ସିଗାରେଟ, ଗୁଟ୍‌ଖା ଏବଂ କାର୍ବୋନେଟେଡ୍ ଡ୍ରିଙ୍କ୍ସ ଆଦି ଏହି ଶ୍ରେଣୀରେ ରହିବ।

ସେହିପରି ୩୫୦ ସିସି ଇଞ୍ଜିନ ବିଶିଷ୍ଟ ଗାଡ଼ି ଉପରେ ଟିକସ ହାର ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ତିନି ଚକିଆ ଗାଡ଼ିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି। ୪ମିଟର ଲମ୍ବ ଏବଂ ୧୨୦୦ ସିସି ଇଞ୍ଜିନ ବିଶିଷ୍ଟ ପେଟ୍ରୋଲ, ସିଏନଜି, ଏଲପିଜି ଗାଡ଼ିକୁ ମଧ୍ୟ ୧୮ ପ୍ରତିଶତ ହାରରେ ରଖାଯାଇଛି। ୪ ମିଟର ଲମ୍ବ ଏବଂ ୧୫୦୦ ସିସି ଇଞ୍ଜିନ ବିଶିଷ୍ଟ ଡିଜେଲ ଗାଡିକୁ ମଧ୍ୟ ଏହି ଶ୍ରେଣୀରେ ରଖାଯାଇଛି। ଅଟୋମୋବାଇଲ ସାମଗ୍ରୀର ମୂଲ୍ୟ ହ୍ରାସ କରିବା ପାଇଁ ଏହାକୁ ୨୮ ପ୍ରତିଶତରୁ ହଟାଇ ୫ ପ୍ରତିଶତ ସ୍ଲାବରେ ରଖାଯାଇଛି। ଟ୍ରାକ୍ଟରକୁ ୧୨ ପ୍ରତିଶତରୁ ହ୍ରାସ କରି ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି। ୧୩ ସିଟ୍ ବିଶିଷ୍ଟ ବାଣିଜ୍ୟିକ ▶ପୃଷ୍ଠା-୭

**ଦିଲ୍ଲୀରେ ମୋହନ, ମନମୋହନ**

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

■ **ଭୁବନେଶ୍ୱର, ୩।୯ (ସମିସ):** ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନାଜଳ୍ପନା ଜାରି ରହିଥିବା ବେଳେ ବୁଧବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମନମୋହନଙ୍କ ଦିଲ୍ଲୀ ଗସ୍ତ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି।

ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି। ଏପରିସ୍ଥଳରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କ ଏକା ସମୟରେ ଦିଲ୍ଲୀ ଗସ୍ତ ପରେ ଖୁବଶୀଘ୍ର ରାଜ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ଓ ମନ୍ତ୍ରୀ ପରିଷଦରେ ଆଉ ୬ ମନ୍ତ୍ରୀଙ୍କୁ ସ୍ଥାନ ମିଳିବା ଚର୍ଚ୍ଚା ଦାନା ବାନ୍ଧିଛି। ଗତ ଅଗଷ୍ଟରେ ମଧ୍ୟ ମୋହନ-ମନମୋହନ ଯୋଡ଼ି ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରିଥିଲେ। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ସେତେବେଳେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଏହାପରେ ଏକାଧିକ ବାର ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ସଂଗଠନ ବିସ୍ତାର ନେଇ ରାଜ୍ୟ ଓ ଶୀର୍ଷ ନେତୃତ୍ୱ ଆଲୋଚନା କରି ସାରିଛନ୍ତି। ମାତ୍ର ପ୍ରତିଥର ବିଭିନ୍ନ କାରଣ ଯୋଗୁଁ ଏନେଇ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧିକୁ ନେଇ ଶାସକ ଦଳରେ ଏକ ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ଗଠନର ୧୪ ମାସ ବିତିଥିଲେ ମଧ୍ୟ ବିଭିନ୍ନ ନିଗମ ଓ ବୋର୍ଡରେ ଦଳୀୟ ନେତାଙ୍କୁ ଥଇଥାନ ନ ହେବା ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହାବ୍ୟତୀତ ଦଳରେ ଗୋଷ୍ଠୀ ବିବାଦ ଓ ବିଭିନ୍ନ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ଭାବ୍ୟ ମନ୍ତ୍ରୀପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଥିଲା। ଏହି ଖବର ଦିଲ୍ଲୀରେ ପହଞ୍ଚିଥିଲା। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମିଳିମିଶି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିଲେ ହେଁ ତାହା ଚୂଡ଼ାନ୍ତ ହୋଇ ନ ଥିଲା।

ଶେଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି। ▶ପୃଷ୍ଠା-୭

## ନିଶା ନିବାରଣ କେନ୍ଦ୍ରରେ ହତ୍ୟା

■ **ଭୁବନେଶ୍ୱର, ୩।୯ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଭାବନୀୟ ଘଟଣା। ନିଶା ଛାଡ଼ିବାକୁ ଆସିଥିବା ଜଣେ



**ପାଳନ ହେଉନାହିଁ ମାର୍ଗଦର୍ଶିକା**

**ପୁଲିସ ପାଖରେ ନାହିଁ କେନ୍ଦ୍ରର ତଥ୍ୟ**

ଯୁବକ ପ୍ରାଣ ହରାଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଡିୟର ଲାଇଫ୍ ୱେଲନେସ ହିଲନେସ୍ ସେଣ୍ଟରରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ବାଙ୍କୀ ସିଂହନାଥପୁରର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ନିଶା ନିବାରଣ କେନ୍ଦ୍ରକୁ ନେଇ ରହିଥିବା ଏସ୍‌ଓପି ପାଳନ ହେଉନଥିବାରୁ ବାରମ୍ବାର ଏଭଳି ଅଘଟଣ ସାମ୍ନାକୁ ଆସୁଛି। ପୁଲିସ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାରୁ ଅନ୍ତେବାସୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ସିଂହନାଥପୁରର ସୂର୍ଯ୍ୟକାନ୍ତଙ୍କୁ ଗତ ୨୯ ତାରିଖରେ ପରିବାର ଲୋକେ ଜିଏ କଲୋନୀସ୍ଥିତ ଡିୟର ଲାଇଫ୍ ୱେଲନେସ ହିଲନେସ୍ ନିଶା ▶ପୃଷ୍ଠା-୭

**ସରକାରୀ ଅର୍ଥ ହଡ଼ପ ଅଭିଯୋଗ**

## ୮ ଏସ୍‌ଏଚ୍‌ଜି ମହିଳାଙ୍କୁ ଗିରଫ କଲା ଭିଜିଲାନ୍ସ

■ **ଜଗତସିଂହପୁର, ୩।୯ (ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅଧୀନ କୁରୁକି ଗ୍ରାମର ୮ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ଆଜି ଭିଜିଲାନ୍ସ ଗିରଫ କରିଥିବା ସୂଚନା ଦେଇଛନ୍ତି ଭିଜିଲାନ୍ସ ଡିଏସ୍‌ପି ଅନୁପମା ସାହୁ। ପରେ ସେମାନଙ୍କୁ କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା ଏବଂ ସେଠାରେ ସମସ୍ତ ୮ ଜଣଙ୍କୁ ଜାମିନ ମିଳିଥିବା ସୂଚନା ମିଳିଛି। ସେମାନେ ହେଲେ ମାନୀ ଦାସ, ପ୍ରଭାତୀ ଦାସ, ପ୍ରମିଳା ଦାସ, ଲିଲି ଦାସ, ଛବିଲତା ଦାସ, ହେମା ଦାସ, ଶାନ୍ତିଲତା ପରିଡା ଏବଂ ମମତା ପରିଡ଼ା। ଗତ ୨୦୧୦ ମସିହାରେ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ▶ପୃଷ୍ଠା-୭

**ବିଦ୍ୟୁତ୍ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ସ୍ଥିରକଲେ ଓଇଆର୍‌ସି**

## ୩ ମିନିଟରେ ଫୋନ୍‌କଲ୍ ଉତ୍ତର ନ ଦେଲେ ଜରିମାନା

■ **ଭୁବନେଶ୍ୱର, ୩।୯ (ସମିସ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତସେବାର ନୂତନ ମାନଦଣ୍ଡ ଓ ଦକ୍ଷତା ଚିଠା ଅଧିନିୟମ ୨୦୨୫ ପ୍ରକାଶ କରିଛନ୍ତି। ଏହି ଅଧିନିୟମ ଅନୁଯାୟୀ ବିଦ୍ୟୁତ ଉପଭୋକ୍ତାଙ୍କ କଲ୍‌ର ଉତ୍ତର ବିଦ୍ୟୁତ ସେବା ପ୍ରଦାନକାରୀ କମ୍ପାନୀ ଟାଟା ପାୱାର ୩ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ବାଧ୍ୟ। ଏଥିରେ ଖିଲାପ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ଜରିମାନା ପ୍ରଦାନ କରିବ। ଏହି ଜରିମାନା ଅର୍ଥ କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କ ମାସିକ ବିଜୁଳି ଦେୟରୁ କାଟି ବିଲ୍ ପଠାଇବ।

ଅନ୍ୟପକ୍ଷରେ ଉପଭୋକ୍ତା କଲ୍ କରିବାର ୫ ମିନିଟ ଭିତରେ କଲସେଣ୍ଟର ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାକୁ ଗୋଟେ ଅଭିଯୋଗ ନମ୍ବର ପ୍ରଦାନ




କରିବେ। ଏହି ପ୍ରକ୍ରିୟା ପାଳନରେ ବିଫଳ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ୧୦୦ ଟଙ୍କା ଜରିମାନା ଦେବେ। ବିଦ୍ୟୁତ୍ ବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ୍ ସମସ୍ୟା, ଭୋଲ୍‌ଟେଜ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିରକରି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏହି ଚିଠା ଅଧିନିୟମ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜାରିକରି ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କ ମତାମତ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବାପାଇଁ ଆୟୋଗ ନିବେଦନ କରିଛନ୍ତି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଏପରି ଅଭିଯୋଗକୁ ବିଶ୍ୱାସକୁ ନେଇ ଓଇଆରସି ବିତରଣ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁରୁଣା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ନବୀକରଣ କରି ନୂତନ ଅଧିନିୟମ-୨୦୨୫ର ଚିଠା ବିଜ୍ଞାପିତ କରିଛନ୍ତି। ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟୁତ ନିୟାମକ ▶ପୃଷ୍ଠା-୭

# ଦିଲ୍ଲୀରେ ପଶିଲା ଯମୁନା ପାଣି



■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦେଶର ସମ୍ପୂର୍ଣ୍ଣ ଉତ୍ତର ପଶ୍ଚିମ ଭାଗରେ ପ୍ରବଳ ବର୍ଷା ଜାରି ରହିଛି। ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ହିମାଚଳ, ଜମ୍ମୁ- କଶ୍ମୀର, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଆଜି ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପଞ୍ଜାବ। ରାଜ୍ୟର ୨୩ଟି ଜିଲ୍ଲାର ଏବେ ବି ୧୨୦୦ ଗାଁ ପାଣି ଘେରରେ ରହିଛି। ବର୍ଷା ଓ ବନ୍ୟାରେ ୩୦ ଜଣ ପ୍ରାଣ ହରାଇଲେଣି ଏବଂ ୩ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ହରିୟାଣାର ଝଜ୍ଜର,

**ପଞ୍ଜାବରେ ଭୀଷଣ ବନ୍ୟା; ୩୦ ମୃତ**

**ବର୍ଷାରେ ଉବୁଟୁବୁ ୟୁପିର ୨୦ ସହର**

ହିସାର, ଯମୁନାନଗର, କୁରୁକ୍ଷେତ୍ର, ଅମ୍ବାଲା ଓ ପଞ୍ଚକୁଲା ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଓ ୩ରୁ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଖାସ୍ କରି ଅମ୍ବାଲାର ସ୍ଥିତି ଗମ୍ଭୀର ରହିଛି। ହଜାର ହଜାର ଘରେ ୨ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ୨୦୦ରୁ ଅଧିକ ସ୍କୁଲକୁ ବନ୍ଦ କରିଦିଆଯାଇଛି।

ରାଜଧାନୀ ଦିଲ୍ଲୀ ଅବସ୍ଥା ମଧ୍ୟ ଖରାପ। ବର୍ଷା ଓ ବନ୍ୟା ଯୋଗୁଁ ରାଜଧାନୀ ବେହାଲ। ଦିଲ୍ଲୀରେ ଯମୁନା ନଦୀର ଜଳ ବିପଦ ସଂକେତ (୨୦୫ ମିଟର) ଉପରେ ଅର୍ଥାତ ୨୦୬.୮ ମିଟରରେ ପ୍ରବାହିତ ହେଉଛି। ୧୨ ବର୍ଷ ପରେ ପ୍ରଥମ ଥର ଲାଗି ଯମୁନା ଭୟଙ୍କର ରୂପ ଧାରଣ କରିଛି। ଦିଲ୍ଲୀର ଯମୁନା ବଜାର, ତିବତ୍ତ ବଜାର, ମୋନେଷ୍ଟ୍ରି ବଜାରରେ ପାଣି ପଶି ଯାଇଛି। ତଳିଆ ଅଞ୍ଚଳରେ ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ଦିଲ୍ଲୀରେ ସମସ୍ତ ସ୍କୁଲକୁ ବନ୍ଦ ରଖାଯାଇଛି ଓ ଅନ୍‌ଲାଇନ୍ କ୍ଲାସ ଜାରି ରହିଛି। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପାଣି ଜମି ରହିଥିବାରୁ ୩୪୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

## ରାଜ୍ୟସାରା ନିର୍ଧୂମ୍ ବର୍ଷା

■ **ଭୁବନେଶ୍ୱର, ୩।୯ (ସମିସ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ

**ଫୁଲୁଛି ସବୁ ନଦୀ**

ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ହୋଇଛି। ଯାଜପୁରରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୯୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୬୭ ମିମି ବର୍ଷା ସହ ବାଲେଶ୍ୱର



୫୦, ପାରାଦୀପ ୪୨, ବାରିପଦା ୫୦, କେନ୍ଦୁଝର ୫୦, ଛତ୍ରପୁର ୫୦, ଦେବଗଡ଼ ୫୮, ନୂଆପଡ଼ା ମଧ୍ୟ ୩୮ ମିମି ବର୍ଷା ରେକର୍ଡ ହୋଇଛି।

ଏହି ସଦୃଶ ଲଘୁଚାପ ଟି ଆସନ୍ତା ୨୪ ଘଣ୍ଟା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଉତ୍ତର ଓଡିଶା ମଧ୍ୟ ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ରାଜ୍ୟରେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ▶ପୃଷ୍ଠା-୭

# ସମ୍ପୂର୍ଣ୍ଣା


ସକାଳ THE SAKALA
www.sakalaepaper.com

## ଆଜିର ଇତିହାସ

- ୧୮୮୮- ଗାନ୍ଧିଜୀ ଇଂଲଣ୍ଡକୁ ଜଳ ଯାତ୍ରା ଆରମ୍ଭ କଲେ।
- ୧୯୨୭- ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨- ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭- ମହାରାଷ୍ଟ୍ରରେ ୬.୫ ତୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୧୯୮୫- ଟାଇଟାନିକ୍ ଜାହାଜ ବୁଡ଼ିବାର ୭୩ ବର୍ଷ ପରେ ଏହାର ଚିତ୍ର ସାମ୍ନାକୁ ଆସିଲା।
- ୨୦୦୦- ସିଡ୍‌ନୀରେ ୨୭ତମ ଅଲମ୍ପିକ୍ ଖେଳର ଆରମ୍ଭ ହୋଇଥିଲା।
- ୨୦୧୯- ପଞ୍ଜାବର ବାଟାଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଯୋଗୁଁ ୨୩ ଜଣକ ମୃତ୍ୟୁ ହୋଇଥିଲା।

## ବିଶାଳଙ୍କ ଫିଲ୍ମର ସୁଟିଂ ସାରିଲେ ଶାହିଦ୍





ବଲିଉଡ୍ ଅଭିନେତା ଶାହିଦ୍ କପୁର ପୁଣି ଥରେ ବିଶାଲ ଭରଦ୍ୱାଜଙ୍କ ଏକ ଫିଲ୍ମରେ କାମ କରୁଛନ୍ତି। ଏହାପୂର୍ବରୁ ଶାହିଦ୍, ବିଶାଲଙ୍କ ଫିଲ୍ମ 'କମିନେ', 'ହୈଦର', 'ରେଗୁନ୍'ରେ କାମ କରିଥିଲେ। ଇତିମଧ୍ୟରେ ଶାହିଦ୍ ଏହି ଫିଲ୍ମର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ଫିଲ୍ମର ଟାଇଟଲ କ'ଣ ହେବ ତାହା ଏଯାବତ୍ ଫାଇନାଲ କରାଯାଇ ନାହିଁ। ଏଥିରେ ତ୍ରିପ୍ତି ଡିମ୍ରି ଶାହିଦ୍‌ଙ୍କ ବିପକ୍ଷରେ ଦେଖାଯିବେ। ଦିଶା ପଟାନି, ନାନା ପାଟେକର୍, ଫରିଦା ଜଲାଲ, ଅବିନାଶ ତିୱାରି ପ୍ରମୁଖ ମଧ୍ୟ ଏଥିରେ ନଜର ଆସିବେ।

ନିକଟରେ ଶାହିଦ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ବିଶାଲ ଶାହିଦ୍‌ଙ୍କୁ କିଛି ବୁଝାଉଥିବାର ଦେଖାଯାଇଥିଲେ। ଶାହିଦ୍ ଏହି ଫଟୋ ସହିତ ଏକ ନୋଟ୍ ମଧ୍ୟ ଲେଖିଥିଲେ। ଶାହିଦ୍ ଲେଖିଥିଲେ ଯେ, 'ବିଶାଲଙ୍କ ସହ ମୋର ଚତୁର୍ଥ ଫିଲ୍ମର ସୁଟିଂ ଶେଷ ହୋଇଛି। ସବୁଥର ଭଳି ମୋ ପାଇଁ ଏକ ସଂପୂର୍ଣ୍ଣ ଏକ ନୂଆ ଦୁନିଆ ଓ ପୂରାପୂରି ଏକ ଅଲଗା ଚରିତ୍ର। ଖୁବ୍ ଶୀଘ୍ର ଫିଲ୍ମର ଘୋଷଣା କରାଯିବ। ତ୍ରିପ୍ତିଙ୍କ ସହ କାମ କରି ବହୁତ ଭଲ ଲାଗିଲା। ନାନା ପାଟେକର ବହୁତ ଜଟିଳ ସିନ୍‌ଗୁଡ଼ିକ ବି ସରଳ କରି ଦେଉଥିଲେ। ଫରିଦା ଜଲାଲଙ୍କ ଶାଳୀନତା ପାଇଁ ଧନ୍ୟବାଦ। ଅବିନାଶ ତିୱାରୀ ଆପଣଙ୍କ ପ୍ଲେଲିଷ୍ଟ ପାଇଁ ଧନ୍ୟବାଦ। ଦିଶା ଆପଣ ଓ ମୁଁ ଦୁଇଟି ଗୀତରେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି।' ଏହି ଫିଲ୍ମ ଡିସେମ୍ବର ୫ରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ଫୁଡ୍ ଡେଲିଭରି କରୁଛି ରୋବୋ ଡଗ୍




ଏଆଇ ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କ୍ଷେତ୍ର ସବୁଠିକି ପ୍ରବେଶ କରି ସାରିଛି। ଅନଲାଇନ୍ ଫୁଡ୍ ଡେଲିଭରିରେ ମଧ୍ୟ ଏଆଇ ତା'ର ଆଧିପତ୍ୟ ବିସ୍ତାର କଲାଣି। ଏଯାବତ୍ ୧୦ ମିନିଟ୍‌ରେ ଖାଦ୍ୟ ପହଞ୍ଚାଇବାର କାମ ଡେଲିଭରି ବୟ କରୁଥିବା ବେଳେ ଏବେ ଏହି କାମ ଏଆଇ ରୋବଟ୍ କରିବା ଆରମ୍ଭ କଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଅଟକି ନ ଯାଇ ଯେକୌଣସି ପ୍ରତିକୂଳ ସ୍ଥିତିରେ ବି ଗ୍ରାହକଙ୍କ ପାଖରେ ଖାଦ୍ୟକୁ ଠିକ୍ ସମୟରେ ପହଞ୍ଚାଇବ। ଏହା ଫୁଡ୍ ଡେଲିଭରି କାର୍ଯ୍ୟକୁ ଆହୁରି ସୁବିଧା ଓ ସହଜ କରିବ ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ସୁଇଜରଲ୍ୟାଣ୍ଡର ଜ୍ୟୁରିଖ ସହରରେ ଏବେ ଖାଦ୍ୟ ଡେଲିଭରିର କାମ ଏଆଇ ରୋବୋ ଡଗ୍ କରୁଛନ୍ତି। ଡଚ୍ କମ୍ପାନି 'ଜଷ୍ଟ ଇଟ୍ ଟେକ୍‌ଅୱେ ଡଟ୍‌କମ୍' ସ୍ୱିସ୍ ରୋବୋଟିକ୍ସ କମ୍ପାନି 'ଆରଆଇଭିଆର' ସହିତ ମିଶି ଖାଦ୍ୟ ଡେଲିଭରି କରିବା ଲାଗି ରୋବୋ ଡଗ୍ ବ୍ୟବହାର କରିବା ଆରମ୍ଭ କରିଛି। ଅବଶ୍ୟ ଏହି ଏଆଇ ରୋବୋ ଡଗ୍ ସାଧାରଣ ଡେଲିଭରି ରୋବଟ୍‌ଠାରୁ ଅଲଗା। ଖାଦ୍ୟ ଡେଲିଭରି ଲାଗି ଏମାନଙ୍କୁ କୌଣସି ଗାଡ଼ିର ଆବଶ୍ୟକତା ପଡ଼ି ନ ଥାଏ। ରୋବୋ ଡଗ୍‌ର ଗୋଡ଼ ସହ ଚକ ମଧ୍ୟ ଲାଗିଛି। ତେଣୁ ଏହା ସହରର ଅଣଓସାରିଆ ତଥା ଅତି ସଂକୀର୍ଣ୍ଣ ରାସ୍ତାରେ ବି ଅତି ସହଜରେ ଗତି କରିପାରେ। ଏଥିରେ ଫିଜିକାଲ ଏଆଇ ଟେକ୍ନିକ୍‌ର ବ୍ୟବହାର କରାଯାଇଛି। ଏହା ସିଡ଼ିଗୁଡ଼ିକୁ ବେଶ୍ ସହଜରେ ଚଢ଼ିପାରେ। କେବଳ ସେତିକି ନୁହେଁ, ଏହା ମଣିଷ, ଗାଡ଼ି, ସାଇକଲ, ଡଷ୍ଟବିନ୍ ଆଦିକୁ ଏଡ଼ାଇ ବେଶ୍ ସହଜରେ ଚାଲିପାରେ। ଏହାବାଦ୍ ଅତ୍ୟଧିକ ବର୍ଷା, ଝଡ଼, ତୋଫାନ, ତୁଷାରପାତ ବେଳେ ବି ଏହା କାର୍ଯ୍ୟ କରିଥାଏ। ଏହା ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଦୌଡ଼ି ପାରିବ। ଆବଶ୍ୟକ ପଡ଼ିଲେ ରିମୋଟ୍ ଦ୍ୱାରା ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଏହା ହେଉଛି ୟୁରୋପର ପ୍ରଥମ କମ୍ପାନି, ଯାହାକି ଫୁଡ୍ ଡେଲିଭରି ଲାଗି ଫିଜିକାଲ ଏଆଇ ଟେକ୍ନିକ୍ ଯୁକ୍ତ ରୋବୋ ଡଗ୍‌କୁ ବ୍ୟବହାର କରୁଛି। ଅନ୍ୟପଟେ ରୋବୋ ଡଗ୍ କେବଳ ଫାଷ୍ଟଫୁଡ୍ ପର୍ଯ୍ୟନ୍ତ ସୀମିତ ନାହାନ୍ତି, ବରଂ ଘରୋଇ ଜିନିଷ, ଔଷଧ, ଡ୍ରେସ୍ ଆଦି ନିତିଦିନିଆ ଜିନିଷର ଡେଲିଭରି କରିବାକୁ ମଧ୍ୟ ସକ୍ଷମ। ଅନଲାଇନ୍ ସପିଂର ବଢୁଥିବା ଚାହିଦାକୁ ଦେଖିଲେ ସହରରେ ଡେଲିଭରି କାର୍ଯ୍ୟର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏ ପ୍ରକାର ରୋବଟ୍ ଡେଲିଭରି କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ ସୁବିଧାଜନକ କରିପାରିବ।


## କନ୍ୟା ସନ୍ତାନ ଜନ୍ମରେ ଡାକ୍ତର ନିଅନ୍ତିନି ଫି'



ସାଧାରଣତଃ କ୍ୱଚିତ୍ ଡାକ୍ତର ମାଗଣାରେ ରୋଗୀଙ୍କ ଚିକିତ୍ସା କରିଥାନ୍ତି। ଏହି କ୍ରମରେ ଏମିତି ବି ଜଣେ ଡାକ୍ତର ଅଛନ୍ତି, ସେ ଚିକିତ୍ସା କରୁଥିବା କୌଣସି ମହିଳା କନ୍ୟା ସନ୍ତାନକୁ ଜନ୍ମ ଦେଲେ ତାଙ୍କଠାରୁ ଆଦୌ ଫି' ନିଅନ୍ତି ନାହିଁ। ଏହି କଥା ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାସହ ସେ ଡାକ୍ତର ଗଣେଶ ରାଖଙ୍କ ଅସାଧାରଣ କରୁଣା ଏବଂ ମାନବିକତାକୁ ପ୍ରଶଂସା କରିଛନ୍ତି। ତେବେ ଡା. ଗଣେଶଙ୍କ ଏହି ମହାନ କାମ ସମ୍ପର୍କରେ ପ୍ରଥମେ ଆଇଏଏସ୍ ଅଧିକାରୀ ଡି. ପ୍ରଶାନ୍ତ ନାୟାର ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଆନନ୍ଦଙ୍କ ନଜର ଏହି ପୋଷ୍ଟ ଉପରେ ପଡ଼ିବା ପରେ ସେ ମଧ୍ୟ ଏହାକୁ ସେୟାର୍ କରିଥିଲେ। ନାୟାରଙ୍କ ପୋଷ୍ଟ ଅନୁସାରେ, 'ଜଣେ ଦିନମଜୁରିଆ ନିଜ ସ୍ତ୍ରୀଙ୍କୁ ପ୍ରସବ ଲାଗି ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଶ୍ରମିକ ଜଣକ ଭାବିଥିଲେ ସିଜରିଆନର ଖର୍ଚ୍ଚ ଉଠାଇବା ଲାଗି ଘର ଜମିବାଡ଼ି ବନ୍ଧା ପକାଇବାକୁ ପଡ଼ିପାରେ। ତେବେ ପିଲାଟି ଜନ୍ମ ପରେ ପୁଅ ନା ଝିଅ ହୋଇଛି ସେ ଡା. ଗଣେଶଙ୍କୁ ପଚାରିଥିଲେ। ଡା. ଗଣେଶ ତାଙ୍କ ଘରକୁ ପରୀ ଆସିଥିବା କହିଲେ। ହସ୍‌ପିଟାଲ ଫି'କୁ ନେଇ ବ୍ୟକ୍ତି ଜଣକ ଦ୍ୱନ୍ଦ୍ୱରେ ଥିବା ବେଳେ ଡା. ଗଣେଶ କହିଲେ, ଝିଅ ଜନ୍ମ ନେଲେ ସେ ଟଙ୍କା ନିଅନ୍ତି ନାହିଁ। ଏହି କଥାରେ ଝିଅଟିର ବାପା ଭାବପ୍ରବଣ ହୋଇ ଡା. ଗଣେଶଙ୍କୁ ଦେବତା ବୋଲି କହିଥିଲେ। ତେବେ ଏକ ଦଶକରୁ ଅଧିକ ସମୟ ଧରି ଡା. ଗଣେଶ ଏହି ମହାନ୍ କାର୍ଯ୍ୟ କରି ଆସୁଛନ୍ତି। ସେ ୨୦୦୭ ମସିହାରେ ନିଜର ହସ୍‌ପିଟାଲ କରିବା ପରେ ଏକ ହଜାରରୁ ଊର୍ଦ୍ଧ୍ୱ କନ୍ୟା ସନ୍ତାନଙ୍କର ସେ ମାଗଣାରେ ପ୍ରସବ କରାଇଛନ୍ତି। ଏକଦା ଏକ ସାକ୍ଷାତକାରେ ଡାକ୍ତର ଗଣେଶ କହିଥିଲେ ଯେ, ଯେତେବେଳେ ଲୋକେ ଝିଅ ଜନ୍ମର ଖୁସିକୁ ପାଳନ କରିବେ, ସେ ପୁଣି ଥରେ ଫି' ନେବା ଆରମ୍ଭ କରିବେ। ଅନ୍ୟପକ୍ଷରେ ଡାକ୍ତରଙ୍କ ଏହି କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

## ରଙ୍ଗ ଚିହ୍ନଟ କରି ଶୁଆର ବିଶ୍ୱ ରେକର୍ଡ

ଶୁଆକୁ ସବୁଠାରୁ ଚାଲାକ ପକ୍ଷୀ କୁହାଯାଏ। ମଣିଷର କଥାକୁ ଶୁଆ ଅତି ସହଜରେ ନକଲ କରିପାରେ। ତେବେ ତାଲିମ୍ ଦେଲେ ଏହା ବହୁ ଅବିଶ୍ୱସନୀୟ କାର୍ଯ୍ୟ କରିପାରେ, ବୋଲି ପ୍ରମାଣ କରିଛି ଚୀନ୍‌ର ଏକ ଶୁଆ। ଜିୟାଓଗୁୟୀ ନାମରେ ପରିଚିତ ଏହି ଶୁଆଟି ୧୦ଟି ରଙ୍ଗ ଚିହ୍ନଟ କରି ବିଶ୍ୱ ରେକର୍ଡ କରିଛି। ତେବେ ଜିୟାଓଗୁୟୀ ମାତ୍ର ୩୩.୫୦ ସେକେଣ୍ଡରେ ଏହି କାରନାମା କରି ଦେଖାଇଥିଲା। ଶୁଆଟି ସାମ୍ନାରେ ଛୋଟ ଛୋଟ ୧୦ଟି ପ୍ଲାଷ୍ଟିକ୍ ଡବା ରଖାଯାଇଥିଲା। ଏହି ପ୍ଲାଷ୍ଟିକ୍ ଡବାଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗର ଥିଲା। ଡବାଗୁଡ଼ିକ ସହ ୧୦ଟି ବିଭିନ୍ନ ରଙ୍ଗର ବଲ୍ ରଖାଯାଇଥିଲା। ବଲ୍ ଓ ଡବାଗୁଡ଼ିକୁ ମିଶାଇ ଦିଆଯାଇଥିଲା। ଜିୟାଓଗୁୟୀକୁ ବହୁତ କମ୍ ସମୟ ମଧ୍ୟରେ ପ୍ରତିଟି ବଲ୍‌କୁ ତା'ର ରଙ୍ଗ ସହ ମିଶି ଯାଉଥିବା ଡବାରେ ପକାଇବାର ଥିଲା। ସେ ବହୁତ କମ୍ ସମୟ ମଧ୍ୟରେ ଏହାକୁ କରି ଦେଇଥିଲା। ସବୁଠୁ ବଡ଼ କଥା ହେଉଛି, ଏହା ଗୋଲାପି ରଙ୍ଗର ଦୁଇଟି ସେଡ୍‌କୁ ମଧ୍ୟ ଚିହ୍ନଟ କରି ଦେଇଥିଲା। ଏହି ରେକର୍ଡ ୨୦୨୪ ମସିହାରେ ଚୀନ୍ ହେନାନ୍ ପ୍ରାନ୍ତରେ ହୋଇଥିଲା। ଏହାର ଆନୁଷ୍ଠାନିକ ଘୋଷଣା ୧୪ ଅଗଷ୍ଟ, ୨୦୨୫ ମସିହାରେ ହୋଇଛି। ତେବେ ଜିୟାଓଗୁୟୀ ଏଭଳି ରେକର୍ଡ କରିବାର ଶ୍ରେୟ ତା'ର ମାଲିକ କିନ୍ ଫେଙ୍ଗ୍‌କୁ ଯାଏ। ଫେଙ୍ଗ୍ ଏହି ଶୁଆଟିକୁ ୨୦୨୦ ମସିହାରେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଫେଙ୍ଗ୍ ଶୁଆଟିକୁ ନିଜ ସନ୍ତାନ ଭଳି ରଖିଥିଲେ। ଏହାପରେ ଦୁହିଁଙ୍କ ସମ୍ପର୍କ ଆହୁରି ନିବିଡ଼ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜିୟାଓଗୁୟୀ ବିଭିନ୍ନ ରଙ୍ଗର ବଲ୍ ଖେଳିବାକୁ ଭଲ ପାଉଥିବା ଫେଙ୍ଗ୍ ଲକ୍ଷ୍ୟ ରଖିଥିଲେ। ଏହାପରେ ସେ ଶୁଆଟିକୁ ରଙ୍ଗ ଚିହ୍ନଟ କରିବା ଦିଗରେ ତାଲିମ ଦେଲେ। ବହୁତ କମ୍ ଦିନ ମଧ୍ୟରେ ଜିୟାଓଗୁୟୀ ରଙ୍ଗ ଚିହ୍ନଟ କରିବାରେ ମାହିର୍ ହୋଇ ଯାଇଥିଲା।





## ନୋଜ୍ ପ୍ଲଗ୍‌ରେ ନାକ ବନ୍ଦ କରନ୍ତି ମହିଳା



ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ରହୁଥିବା ଅପାତାନି ଜନଜାତି ସେମାନଙ୍କ ନିଆରା ସଂସ୍କୃତି ଓ ପରମ୍ପରା ଲାଗି ଲୋକପ୍ରିୟ। ତେବେ ଉକ୍ତ ଜନଜାତିର ମହିଳାଙ୍କୁ ନେଇ ଅଧିକ ଚର୍ଚ୍ଚା ହୋଇଥାଏ। ବିଶେଷକରି ସେମାନଙ୍କ ମୁହଁର ଟାଟୁ ଓ ନାକରେ ପିନ୍ଧୁଥିବା ବଡ଼ ବଡ଼ ନୋଜ ପ୍ଲଗ୍ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସେମାନଙ୍କର ଏହି ପରମ୍ପରା ପଛରେ ଅନେକ ଲୋକକଥା ପ୍ରଚଳିତ। ଅପାତାନି ଜନଜାତିର ମହିଳା ଦେଖିବାକୁ ବେଶ୍ ସୁନ୍ଦର ହେଉଥିବାରୁ ପୂର୍ବରୁ ସେମାନଙ୍କୁ ଆଖପାଖର ଜନଜାତିର ପୁରୁଷମାନେ ଅପହରଣ କରି ନେଇଯାଉଥିଲେ। ତେଣୁ ପରିବାର ଲୋକେ ଝିଅମାନଙ୍କ ସୁରକ୍ଷା ଲାଗି ସେମାନଙ୍କ ମୁହଁରେ ଗାଢ଼ ନୀଳ ରଙ୍ଗର ଟାଟୁ ଆଙ୍କିବା ଆରମ୍ଭ କଲେ। ଏହାଦ୍ୱାରା ସେମାନେ କମ୍ ଆକର୍ଷଣୀୟ ଦିଶିବେ ଏବଂ ଅପହରଣରୁ ରକ୍ଷା ମିଳିବ ବୋଲି ଭାବିଲେ। ସେହିପରି ଅନ୍ୟ ଏକ ଲୋକକଥା ଅନୁସାରେ, ଯେତେବେଳେ ଏହି ଜନଜାତିର ପୁରୁଷମାନେ ଯୁଦ୍ଧରେ ପ୍ରାଣ ହରାଉ ଥିଲେ, ସେମାନଙ୍କ ଆତ୍ମା ଘରକୁ ଫେରି ଆସୁଥିଲା। ସେମାନେ ନିଜ ସ୍ତ୍ରୀକୁ ଚିହ୍ନି ନ ପାରି ସେମାନଙ୍କୁ ହଇରାଣ କରୁଥିଲେ। ଏଭଳି ସ୍ଥିତିରେ ଏହି ଜନଜାତିର ପୂଜାରି ମହିଳାଙ୍କୁ ମୁହଁରେ ଟାଟୁ କରିବାକୁ କହିଲେ। ଏହାଦ୍ୱାରା ଆତ୍ମା ସେମାନଙ୍କୁ ଚିହ୍ନିପାରିବ। ଏହି ପ୍ରଥା ଧୀରେ ଧୀରେ ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଅଂଶ ପାଲଟିଲା। ସେହିପରି ଏହି ଜନଜାତିରେ ଝିଅମାନଙ୍କର ଋତୁସ୍ରାବ ଆରମ୍ଭ ହେଲେ କପାଳରୁ ମଥା ପର୍ଯ୍ୟନ୍ତ ଏକ ମୋଟା ସିଧା ରେଖା ଏବଂ ଥୋଡ଼ିରେ ପାଞ୍ଚଟି ସିଧା ରେଖା ଟଣାଯାଉଥିଲା। ଏ ଲାଗି ତିନିଟି ମୁନିଆ ବା ତୀକ୍ଷ୍ଣ ଛୁଞ୍ଚି ବ୍ୟବହାର କରାଯାଏ। ସେହିଭଳି ଏଠାକାର ମହିଳାମାନେ ବ୍ୟବହାର କରୁଥିବା ବଡ଼ ବଡ଼ କଳା ରଙ୍ଗର ନୋଜ ପ୍ଲଗ୍ ଜଙ୍ଗଲର ଏକ ସ୍ୱତନ୍ତ୍ର କାଠରେ ତିଆରି କରାଯାଉ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରଥା କୁରୂପ ଆପଣାଇବା ଲାଗି କରାଯାଇଥିଲା। ଧୀରେ ଧୀରେ ଏହି ପରମ୍ପରା ମହିଳାଙ୍କ ପାଇଁ ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ପାଲଟିଲା। ସେହିପରି କୌଣସି ମହିଳାଙ୍କ ମୁହଁରେ ଟାଟୁ ଓ ନାକରେ ନୋଜ୍ ପ୍ଲଗ୍ ନ ଥିଲେ, ସେମାନେ ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ ନାହିଁ। ଅନ୍ୟପଟେ ସମୟ ସହିତ ଓ ଆଧୁନିକତାର ପ୍ରବେଶ ଯୋଗୁଁ ଏହି ଜନଜାତିର ଯୁବପିଢ଼ି ଏଭଳି ପ୍ରଥାକୁ ବୋଝ ବୋଲି ଭାବୁଛନ୍ତି। ଟାଟୁ ଓ ନୋଜ ପ୍ଲଗ୍ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଦେଇଛି ବୋଲି ଭାବୁଛନ୍ତି। ୧୯୭୦ ମସିହାରେ ଅପାତାନି ୟୁଥ୍ ଆସୋସିଏସନ ଏବଂ ସରକାରଙ୍କ ପ୍ରୟାସରେ ଏହା ଉପରେ କଟକଣା ଲାଗିଛି। ଏଠାକାର ମହିଳାମାନଙ୍କୁ ଆଉ ନାକରେ ନୋଜ୍ ପ୍ଲଗ୍ କିମ୍ବା ମୁହଁରେ ଟାଟୁ ଖୋଦେଇବାକୁ ପଡୁନାହିଁ। ଆଜି ଏହି ପରମ୍ପରା ଇତିହାସ ଓ ସଂସ୍କୃତିର ଅଂଶ ହୋଇ ରହି ଯାଇଛି।

## ଚର୍ଚ୍ଚାରେ ୮୪ ବର୍ଷ ପୁରୁଣା ଫଟୋ



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ଏକ ଫଟୋ ଚର୍ଚ୍ଚା ସାଉଁଟୁଛି। ତାହା ପୁଣି ୮୪ ବର୍ଷ ପୁରୁଣା। ତେବେ ଏ ଫଟୋରେ କିଛି ଏଭଳି ଦେଖିବାକୁ ମିଳିଛି, ଯାହାକି ଲୋକଙ୍କ ମନରେ ଟାଇମ୍ ଟ୍ରାଭେଲକୁ ନେଇ ବିଶ୍ୱାସ ଜନ୍ମାଇଛି। ଯଦିଓ ଟାଇମ୍ ଟ୍ରାଭେଲ ଏବେ ସୁଦ୍ଧା ବିଜ୍ଞାନ ଫାଟାନ୍ସି କାହାଣୀ ଏବଂ ଫିଲ୍ମରେ ଦେଖିବାକୁ ମିଳୁଥିଲା। ହେଲେ ଏହି ଫଟୋଟି ଏହା ବାସ୍ତବ ବୋଲି ବୁଝିବାକୁ ଏକପ୍ରକାର ବାଧ୍ୟ କରାଇଛି। ଏହି ଫଟୋଟିକୁ ୧୯୪୧ ମସିହାରେ ଫଟୋଗ୍ରାଫର ଏଡୱାର୍ଡ ରସକମ୍ ଶିକାଗୋର ସାଉଥ ସାଇଡ୍ ଅଞ୍ଚଳରେ ଉତ୍ତୋଳନ କରିଥିଲେ। ଏଥିରେ କିଛି ଯୁବକଯୁବତୀ ଓ ବାଳକ ବାଳିକା ଏକ ସିନେମା ହଲ୍ ବାହାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। ପ୍ରାୟ ସମସ୍ତେ ସଫାସୁତୁରା ଓ ଆକର୍ଷଣୀୟ ପୋଷାକ ପିନ୍ଧିଛନ୍ତି। ମୋଟାମୋଟି କହିବାକୁ ଗଲେ ସେମାନେ ସେସମୟର ପୋଷାକ ପିନ୍ଧିଛନ୍ତି। ଏହାରି ଭିତରେ ଜଣେ ଯୁବକଙ୍କ ହାତରେ ଥିବା ଜିନିଷକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଲାଗି ରହିଛି। ସେ ଆୟତାକାର ଆକୃତିର ଗୋଟିଏ ଜିନିଷ ଧରିଛନ୍ତି। ତେବେ ସେ ହାତରେ ଆପଲ୍‌ର ଆଇପ୍ୟାଡ୍ ଧରିଛନ୍ତି ବୋଲି କେତେଜଣ ମତ ରଖିଛନ୍ତି। ସେହିପରି ଅନେକେ ଏହାକୁ ଆଇପ୍ୟାଡ୍ ବୋଲି ମାନିବାକୁ ପ୍ରସ୍ତୁତ ନାହାନ୍ତି। ଅନେକ ଲୋକ କହୁଛନ୍ତି, ଯୁବକଙ୍କ ହାତରେ ଏକ ପୁସ୍ତକ ଅଛି। ସେତେବେଳେ ସିନେମା ହଲ୍‌ରେ ପରିଚାରକମାନେ ବୁଲୁଥିଲେ ଏବଂ କେହି କଲମ କିମ୍ବା ନୋଟ୍‌ବୁକରେ ଯେମିତି ସିନେମାର ନକଲ କରିବାକୁ ଚେଷ୍ଟା କରୁଛିକି ତାହା ଦେଖୁଥିଲେ। ଏହିପରି ଭାବେ ଲୋକମାନେ ଏହି ଫଟୋ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଶୁଭ ଖବର ମିଳିପାରେ। ନୂତନ ଜମି କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ରୁହନ୍ତୁ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଅଜଣାଲୋକଙ୍କଠାରୁ ସାହାଯ୍ୟ ମିଳିବ। ନିଜ କାର୍ଯ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ବିଗିଡ଼ିପାରେ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଦୀର୍ଘ ଦିନର ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଆଇଟି କର୍ମଚାରୀଙ୍କ ପାଇଁ ସମୟ ଭଲ। ଉଧାର ଟଙ୍କା ଫେରି ପାଇବେ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦାନ ଧର୍ମ କରିବେ।

**ଧନୁ:** ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

## ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ

# ଗଠନ ହେଲା ୧୪ ସବ୍ କମିଟି



- ପ୍ରଥମଥର ଶ୍ରୀମନ୍ଦିର ସୁରକ୍ଷା ଲାଗି ସବ୍ କମିଟି ଗଠିତ
- ଧାଡ଼ି ଦର୍ଶନ ଓ ରତ୍ନ ଅଳଙ୍କାର ଗଣତିମଣତିକୁ ଅନୁମୋଦନ
- ନାଟମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା

ପୁରୀ,୩।୯ (ସମିସ): ନୂତନ ଭାବେ ଗଠନ କରାଯାଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ଭକ୍ତ ନିବାସରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ 'ଧାଡ଼ି ଦର୍ଶନ' ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ, ରତ୍ନଭଣ୍ଡାରର ଗଣତିମଣତି ସମେତ ମହାପ୍ରଭୁଙ୍କ ସେବାପୂଜା, ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଏବଂ ଶ୍ରୀମନ୍ଦିର କାର୍ଯ୍ୟର ସୁଚାରୁ ସମ୍ପାଦନ ପାଇଁ ୧୪ଟି ସବ୍ କମିଟି ଗଠନ କରାଯାଇଛି। ଯେଉଁ କମିଟି ମଧ୍ୟରେ ୪ଟି ସାମ୍ବିଧାନିକ ସବ୍ କମିଟି ଯଥା- ଅର୍ଥ, ନୀତି, ରତ୍ନଭଣ୍ଡାର ଏବଂ ଅପିଲ ସବ୍ କମିଟି ରହିଛି। ପ୍ରଥମଥର ପାଇଁ ଗଠନ ହୋଇଥିବା ଶ୍ରୀମନ୍ଦିର ସୁରକ୍ଷା ସବ୍ କମିଟିରେ ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ ଅଧ୍ୟକ୍ଷ ରହିଛନ୍ତି। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଓ ପ୍ରକାଶନ ସବ୍ କମିଟି, ସେବକ କଲ୍ୟାଣ ସବ୍ କମିଟି, ପ୍ରକଳ୍ପ ସାଂସ୍କୃତିକ ସବ୍ କମିଟି, ପ୍ରକଳ୍ପ ବୈଷୟିକ ସବ୍ କମିଟି, ଲ୍ୟାଣ୍ଡ ସବ୍ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ଟ୍ରଷ୍ଟ ବୋର୍ଡ ସବ୍ କମିଟି, ସଂସ୍ଥା ସବ୍ କମିଟି, ସଂସ୍ଥା ସବ୍ କମିଟି, ନୀତି ସମ୍ବନ୍ୱୟ ସବ୍ କମିଟି ଗଠନ କରାଯାଇଛି।

ଶ୍ରୀମନ୍ଦିରରେ 'ଧାଡ଼ି ଦର୍ଶନ' ବ୍ୟବସ୍ଥା ଲାଗୁ କରିବାକୁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଭକ୍ତମାନେ ନାଟମଣ୍ଡପରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିବେ। ଏଥିପାଇଁ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର କରାଯିବ। ଏହିସବୁ ପ୍ରକ୍ରିୟା ଆସନ୍ତା ୧୫ ତାରିଖ ସୁଦ୍ଧା ଶେଷ ହେବା ପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବା ଲାଗି ଆଲୋଚନା ହୋଇଛି।

ସେହିପରି ଭକ୍ତମାନଙ୍କ ସୁବିଧା ନିମନ୍ତେ ଏଏସ୍‌ଆଇ ମଧ୍ୟ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖରାଦିନେ ଭକ୍ତମାନଙ୍କୁ ଆରାମଦାୟକ ଦର୍ଶନ ଅନୁଭବ ପ୍ରଦାନ କରିବ। ଏଥିସହିତ ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ସାମିଲ ରହିବ। ସେହିପରି ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାର ସବ୍ କମିଟି ଏହି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବ ଓ ସମସ୍ତ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବ। ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ୍ ବ୍ୟବସ୍ଥା ପାଇଁ ଏକ କମିଟି ଗଠନ ହୋଇଛି। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ କରାଯିବ।

ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନର ଗଭର୍ଣ୍ଣିଂବଡି ପାଖକୁ ପଠାଯିବ। ଜଗନ୍ନାଥ ଧାମ ଶବ୍ଦର କୌଣସି ଅପବ୍ୟବହାର କରିପାରିବେ ନାହିଁ। ସଂସଦ ଭବନରେ ରଥ ଚକ ସ୍ଥାନ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି। ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ଉପରେ ଆଲୋଚନା କରାଯାଇଛି।

ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସବ୍ କମିଟିଗୁଡ଼ିକ ଶୀଘ୍ର ନିଜ ନିଜ କାର୍ଯ୍ୟ ଯୋଜନା ଉପରେ କାମ ଆରମ୍ଭ କରିବେ। ଭକ୍ତଙ୍କୁ ଉନ୍ନତ ଅନୁଭବ ପ୍ରଦାନ କରିବା ଏବଂ ମନ୍ଦିରର ସମସ୍ତ ଦିଗରେ ସୁବ୍ୟବସ୍ଥିତ ପରିଚାଳନା ଆମର ପ୍ରାଥମିକତା। ଧାଡ଼ି ଦର୍ଶନ ବ୍ୟବସ୍ଥା ସଫଳ ହେଲେ ଏହାକୁ ସ୍ଥାୟୀ ଭାବେ ଲାଗୁ କରାଯାଇପାରେ।

# ଶ୍ରୀହୀନ ସିଂହଦ୍ୱାର, ଲାଗିପାରୁନି ଦଶାବତାର ମୂର୍ତ୍ତି

ପୁରୀ,୩।୯ (ସମିସ): ବର୍ଷେ କି ଦୁଇବର୍ଷ ଅବା ପାଞ୍ଚବର୍ଷ ନୁହେଁ, ଦୀର୍ଘ ୧୪ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ସାଧାରଣତଃ ଭକ୍ତମାନ ଶ୍ରୀମନ୍ଦିରକୁ ପ୍ରବେଶ କରିବା ପୂର୍ବରୁ ଅରୁଣ ସ୍ତମ୍ଭକୁ ମୁଣ୍ଡିଆ ମାରିଥା'ନ୍ତି। ପରେ ସିଂହଦ୍ୱାର ଗୁମୁଟ ଉପରେ ଥିବା ଦଶାବତାର ମୂର୍ତ୍ତିର ସାନ୍ନିଧ୍ୟ ନେଇ ବାଇଶିପାହାଚ ଦେଇ ବଡ଼ଦେଉଳକୁ ପ୍ରବେଶ କରିଥାନ୍ତି। ହେଲେ ଚଉଦ ବର୍ଷ ପୂର୍ବେ ସିଂହଦ୍ୱାର ମରାମତି ନାଁରେ ଦଶାବତାର ମୂର୍ତ୍ତିକୁ ଖୋଲି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ତାକୁ ନେଇ ଉଠିଥିଲା ବାଦ ବିବାଦ। ତେବେ ଏହି ବିବାଦ ଏବଂ ଆଇନର ଜାଲ ମଧ୍ୟରେ ଛନ୍ଦି ହୋଇଗଲା ଭକ୍ତଙ୍କ ଭାବାବେଗ।

## ଏଏସ୍‌ଆଇ କି ପରିଚାଳନା କମିଟିର ଚିନ୍ତା ନାହିଁ

ଆଇନର ଆଳ ଦେଖାଇ ଭକ୍ତଙ୍କ ବିଶ୍ୱାସରେ ପୂର୍ଣ୍ଣଚ୍ଛେଦ ଟାଣିଦେଇଛି ଏଏସ୍‌ଆଇ। ଶ୍ରୀମନ୍ଦିର ପରିଚାଳନା କମିଟି ବି ଚୁପ୍ ବସିଛି। ଫଳସ୍ୱରୂପ ଏବେ ଶ୍ରୀହୀନ ଶ୍ରୀମନ୍ଦିର ସିଂହଦ୍ୱାର।

କାହିଁ କେଉଁ ଅମଳରୁ ସିଂହଦ୍ୱାର ସମ୍ମୁଖରେ ଦଶାବତାର ମୂର୍ତ୍ତି ପୂଜା ପାଇ ଆସୁଥିଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଯିବାବେଳେ ଶ୍ରଦ୍ଧାଳୁମାନେ ମଥା ଟେକି ଦଶାବତାର ମୂର୍ତ୍ତିଙ୍କୁ ଭକ୍ତମାନେ ମୁଣ୍ଡିଆ ମାରି ମନ୍ଦିର ପ୍ରବେଶ କରୁଥିଲେ। କିନ୍ତୁ ଶ୍ରୀମନ୍ଦିର ମରାମତି, ସଂରକ୍ଷଣ ଆଳରେ ୨୦୧୨ରେ ଏଏସ୍‌ଆଇ ଏହାକୁ ସିଂହଦ୍ୱାର ଗୁମୁଟରୁ ଚୁନର ମୂର୍ତ୍ତିକୁ ହଟାଇ ଦେଇଥିଲା। ହେଲେ ବିଡ଼ମ୍ବନାର ବିଷୟ ଦଶାବତାରଙ୍କ ସ୍ଥାନରେ ସାଦା ପଥର ଲଗାଯାଇଥିଲା, ଯାହା ଏବେ ବି ରହିଛି। ଏହା ଶ୍ରୀମନ୍ଦିରର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଘୋର୍ ଆଘାତ ପହଞ୍ଚାଇଛି। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଏକାଧିକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ମନ୍ଦିର ପ୍ରଶାସନ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। ସେହି ଅନୁଯାୟୀ ପଥରରେ ମୂର୍ତ୍ତି ମଧ୍ୟ ବରାଦ ଦିଆଗଲା। କିନ୍ତୁ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନୀତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଲ୍‌କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢ଼ିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହନ୍ତି, ସେ ହେଉଛନ୍ତି ଅବତାରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ।

ଦୀର୍ଘବର୍ଷ ହେବ ଶ୍ରୀମନ୍ଦିର ସମ୍ମୁଖରେ ଦଶାବତାର ମୂର୍ତ୍ତି ନ ଲାଗିବା ନେଇ ଶ୍ରଦ୍ଧାଳୁ ଏଏସ୍‌ଆଇକୁ ଦାୟୀ କରିଛନ୍ତି। କାରଣ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ହେଉଛି ଏଏସ୍‌ଆଇର। ଯେତେବେଳେ ଏଏସ୍‌ଆଇ ପକ୍ଷରୁ ଶ୍ରୀମନ୍ଦିର ମରାମତି କରାଗଲା ସେ ସମୟରେ ଦଶାବତାର ମୂର୍ତ୍ତି କ୍ଷତବିକ୍ଷତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଖଡ଼ି ପଥରରେ ନିର୍ମାଣ କରାଯାଇଥିବାରୁ ମରାମତି ସମୟରେ ଏହାକୁ କାଢ଼ି ଦିଆଯାଇଥିବା କହି ଏଏସ୍‌ଆଇ ଚୁପ୍ ବସିଲା। ଏବେ ଏହି ପ୍ରସଙ୍ଗକୁ ଏଏସ୍‌ଆଇ ସମ୍ପୂର୍ଣ୍ଣ ଭୁଲିଯାଇଛି।

ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ପରିଚାଳନା କମିଟି ଅନେକ ନିଷ୍ପତ୍ତି ନେଇଥାଏ। ପରିଚାଳନା କମିଟିରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ତାହା କାର୍ଯ୍ୟକାରୀ ହୁଏ। ହେଲେ ଏ ଦିଗରେ ପରିଚାଳନା କମିଟି ମଧ୍ୟ ନିରବ ରହିଛି।

# 'ସେମିକନ' ସମ୍ମିଳନୀରେ ଓଡ଼ିଶା ସହ ୨ ଏମ୍‌ଓୟୁ



- ୨୬୫୫ କୋଟି ଟଙ୍କାର ବୁଝାମଣା ସ୍ୱାକ୍ଷର
- 'ଜାପାନ ସେମିକନ୍'କୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ଭୁବନେଶ୍ୱର,୩।୯ (ସମିସ): ସେମିକନ୍-୨୦୨୫ ସମ୍ମିଳନୀରେ ରାଜ୍ୟ ସରକାର ଟପ୍ରାକ୍ ହାଇ-ଟେକ୍ ପିସିବି ଓ ସାନକୋଡ୍ ଟେକ୍‌କୋଲୋଜି ସହ ୨୬୫୫ କୋଟି ଟଙ୍କାର ଦୁଇଟି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଟପ୍ରାକ୍ଟ ହାଇଟେକ୍ ସଂସ୍ଥା ଉନ୍ନତ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଉତ୍ପାଦନ କ୍ଷେତ୍ରରେ ୧୦୦୫ କୋଟି ଟଙ୍କା ନିବେଶ କରିବ। ସେହିପରି ସାନକୋଡ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଏହାର ବିଶ୍ୱସ୍ତରୀୟ ଅଂଶୀଦାରମାନଙ୍କ ସହାୟତାରେ ୧,୬୫୦ କୋଟି ଟଙ୍କା ନିବେଶ କରିବ।

ନୂଆଦିଲ୍ଲୀରେ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ 'ଓଡ଼ିଶା ପାଭିଲିୟନ' ଷ୍ଟଲକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ସହିତ ତାଳ ଦେଇ ଓଡ଼ିଶା ଦେଶର ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ଯାତ୍ରାରେ ଏକ ପ୍ରମୁଖ କେନ୍ଦ୍ର ହେବାକୁ ପ୍ରତିବଦ୍ଧ। ଏନ୍‌ଆଇଟି ରାଉରକେଲା ଏବଂ ପିଏମ୍‌ଇସି ବ୍ରହ୍ମପୁର ଦ୍ୱାରା ପ୍ରଥମ ମେଡ୍-ଇନ୍-ଇଣ୍ଡିଆ ଚିପ୍ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ରାଜ୍ୟ ପାଇଁ ଏହା ଏକ ଅତ୍ୟନ୍ତ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର କମ୍ପାନୀଗୁଡ଼ିକ ସହିତ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଆର୍‌ଆଇଆର୍ ପାୱାର ଇଲେକ୍ଟ୍ରୋନିକ୍ସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ 'ଏସ୍‌ଆଇସି ୱେଫର ଫାବ୍ରିକେସନ୍' ସୁବିଧା ବିଷୟରେ ସୂଚନା ଦେଇଛନ୍ତି। ଏହା ଆସନ୍ତା ମାର୍ଚ୍ଚ ୨୦୨୬ ରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବ ବୋଲି ଆଶା କରାଯାଉଛି। ସେହିପରି ଏସ୍‌ଆଇସିସେମ୍ ପିଭିଟି ଏଲ୍‌ଟିଡି, ଥ୍ରୀ-ଡି ଗ୍ଲାସ୍ ସଲ୍ୟୁସନ୍ସ ଆଇଏନ୍‌ସି, ଭଳି ସଂସ୍ଥା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ସଂସ୍ଥା ଓ ନିବେଶ ଆଦି ସମ୍ପର୍କରେ ଅବଗତ କରାଇଛନ୍ତି। ୧୯୪୪ କୋଟି ନିବେଶ ସହିତ ୱେଷ୍ଟର୍ଣ୍ଣ ଡିଜିଟାଲ୍, ରେନେସାସ୍, ଏନ୍‌ଏକ୍ସପି ସେମିଣ୍ଡକ୍ଟର୍, ସିମେନ୍ସ ଏବଂ ମାଇକ୍ରୋନ୍ ସହିତ ମଧ୍ୟ ମଧ୍ୟ ଓଡ଼ିଶା ଜଡ଼ିତ ହୋଇଛି। ଏହି ସଂସ୍ଥାଗୁଡ଼ିକ ଆଇଆଇଟି ଭୁବନେଶ୍ୱର ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନ ସହିତ ସହଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। 'ସେମି'ର ସଭାପତି ଏବଂ ସିଇଓ ଅଜିତ ମନୋଚା ଓଡ଼ିଶାର ସେମିକଣ୍ଡକ୍ଟର୍ ନୀତିକୁ ପ୍ରଶଂସା କରିବା ସହ ଜାପାନ ସେମିକନକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି।

## ଇନ୍ସପେକ୍ଟର, ସବ ଇନ୍ସପେକ୍ଟର କରିବେ ଏସ୍‌ସି ଓ ଏସ୍‌ଟି ଅତ୍ୟାଚାର ଅଭିଯୋଗ ତଦନ୍ତ

# ସାଂଘାତିକ ଷଡ଼ଯନ୍ତ୍ର କରୁଛନ୍ତି ସରକାର: ବିଜେଡି

ଭୁବନେଶ୍ୱର,୩।୯ (ସମିସ): ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହେଉଥିବା 'ଅନ୍ୱେଷା' ଯୋଜନା ବନ୍ଦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଏହି ସମୟରେ ଅନୁସୂଚୀତ ଜାତି ଓ ଜନଜାତି ଆଇନ ଆଧାରରେ ଅଭିଯୋଗର ତଦନ୍ତ ଅନ୍ୟୂନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଉପରେ ନ୍ୟସ୍ତ ଥିବା ନିୟମକୁ



- ରାଜ୍ୟ ବିଜେପି ସରକାର ଏସ୍‌ସି, ଏସ୍‌ଟି ବିରୋଧୀ
- ଅନ୍ୱେଷା ଯୋଜନାକୁ ଅନୁଦାନ ବନ୍ଦ ଦୁର୍ଭାଗ୍ୟଜନକ

ସରକାର ପରିବର୍ତ୍ତନ କରିଛନ୍ତି। ଏହି ତଦନ୍ତ ଏବେ ଇନ୍ସପେକ୍ଟର ବା ସବ ଇନ୍ସପେକ୍ଟର ପାହ୍ୟାର ଅଧିକାରୀ କରିପାରିବେ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ନେବା ଦୁର୍ଭାଗ୍ୟଜନକ ଏବଂ ସରକାର ଆଦିବାସୀ ଓ ଦଳିତ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି ବିଜେଡି। ଶଙ୍ଖ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟିକା ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସୁଦାମ ମାରାଣ୍ଡି ଓ ଦଳର ମିଡ଼ିଆ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଏହି ପ୍ରସଙ୍ଗରେ ରାଜ୍ୟ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ପ୍ରମିଳା ମଲ୍ଲିକ କହିଛନ୍ତି ଯେ ସମଗ୍ର ରାଜ୍ୟରେ ୧୭ଟି ଜିଲ୍ଲାରେ ୧୬୩ଟି ପବ୍ଲିକ ସ୍କୁଲର ୯୮ଟି ଛାତ୍ରାବାସରେ ରହୁଥିବା ଆଦିବାସୀ ଛାତ୍ରଛାତ୍ରୀମାନେ ଅନ୍ୱେଷା ଯୋଜନାରେ ଲାଭ ପାଉଥିଲେ। ୨୦୧୫-୧୬ରେ ନବୀନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅନ୍ୱେଷା ଯୋଜନାରେ ୨୨ ହଜାର ୩ଶହ ୪୦ଜଣ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି। ଶିକ୍ଷା ବର୍ଷ ଆରମ୍ଭ ହେବାର ୫ ମାସ ବିତି ଯାଇଥିଲେ ମଧ୍ୟ ସମଗ୍ର ଓଡ଼ିଶାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଚଳିତ ଶିକ୍ଷା ବର୍ଷ ପାଇଁ ଅନୁଦାନ ମିଳିନାହିଁ। ପୂର୍ବ ବର୍ଷର ବଳକା ଟଙ୍କାରେ କାମ ଚଳେଇ ନିଆଯାଉଥିଲା; କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ମାସ ସରିବା କ୍ଷଣି ସରକାର ସବୁ ବଳକା ଟଙ୍କା ଫେରାଇ ନେଇଗଲେ। ସରକାରଙ୍କ ପକ୍ଷରୁ ଅର୍ଥ ଆସି ନଥିବାରୁ ଅନେକ ଛାତ୍ରଛାତ୍ରୀ ହଷ୍ଟେଲ ଛାଡିଲେଣି।

ବରିଷ୍ଠ ନେତା ସୁଦାମ ମାରାଣ୍ଡି କହିଥିଲେ ଯେ ରାଜ୍ୟରେ ବାସ କରୁଥିବା ଲୋକଙ୍କ ଭିତରୁ ପ୍ରାୟ ୪୦ ପ୍ରତିଶତ ଲୋକ ଏସଟି ଏସସି ବର୍ଗର। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜ୍ୟର ଏସଟି ଏସସି ବର୍ଗର ଲୋକଙ୍କ ବିରୋଧରେ ସାଂଘାତିକ ଷଡ଼ଯନ୍ତ୍ର। ସରକାର ଏହାକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ ନହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ମାରାଣ୍ଡି କହିଥିଲେ।

ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ, ଜନଜାତି (ଅତ୍ୟାଚାର ନିବାରଣ) ଆଇନ, ୧୯୮୯ (୧୯୮୯ ର ୩୩) ର ଧାରା ୨୩ ର ଉପ-ଧାରା (୧) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ନିୟମ ପ୍ରଣୟନ କରୁଛନ୍ତି। ସଂସଦରେ ଅନୁମୋଦିତ ନିୟମକୁ ରାଜ୍ୟ ସରକାର ଏକତରଫା ଭାବେ ପରିବର୍ତ୍ତନ କରିବା ନିୟମ ବିରୋଧୀ ବୋଲି ଶ୍ରୀ ମାଝୀ କହିଛନ୍ତି।

# ପରିକଳ୍ପନାରେ ଅଟକିଗଲା 'ମନୋଦୟ'

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୧୧ଟି ଜିଲ୍ଲାରେ 'ମନୋଦୟ' ସ୍ଥାପନ କରିବାକୁ ଯୋଜନା କରିଥିଲେ ସରକାର। ଏହାଦ୍ୱାରା ଉକ୍ତ ଜିଲ୍ଲା ସମେତ ନିକଟବର୍ତ୍ତୀ ଜିଲ୍ଲାର ଦିବ୍ୟାଙ୍ଗ ପିଲାମାନେ ସମସ୍ତ ସୁବିଧା ପାଇଥାଆନ୍ତେ। ଫଳରେ କେବଳ ଭୁବନେଶ୍ୱରରେ ରହିଥିବା 'ଭିନ୍ନକ୍ଷମ ପ୍ରତିଷ୍ଠାନ କେନ୍ଦ୍ର-ମନୋଦୟ'କୁ ମାନସିକ ଓ ଶାରିରୀକ ଭିନ୍ନକ୍ଷମଙ୍କ ଚିକିତ୍ସା ନିମନ୍ତେ ଦୂର ଦୂରାନ୍ତରୁ ଆସିବାକୁ ପଡ଼ି ନ ଥାନ୍ତା। ମାତ୍ର ସରକାର ବଦଳିବା ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହି ପରିକଳ୍ପନା ଅଧାରେ ଅଟକିଯାଇଛି। ବିଭାଗ ଏହି ପ୍ରସଙ୍ଗକୁ ଭୁଲି ଯାଇଛି ଓ ସରକାର ବି ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଭିନ୍ନକ୍ଷମ ପିଲାମାନେ କିପରି ସ୍ୱାବଲମ୍ବନଶୀଳ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ, ଏଥିପାଇଁ ପୂର୍ବତନ ରାଜ୍ୟ ସରକାର ୨୦୨୧ ମସିହାରେ ପୋଖରୀପୁଟସ୍ଥିତ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ) ପରିସରରେ 'ମନୋଦୟ' ବା ଏସିଆଇଇପି(ଷ୍ଟେଟ ଇନଷ୍ଟିଚ୍ୟୁଟ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନସ ୱିଥ୍ ଡିଜାବିଲିଟିଜ୍) ସ୍ଥାପନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୬ବର୍ଷ ପର୍ଯ୍ୟନ୍ତ ଉଭୟ ମାନସିକ ଓ ଶାରିରୀକ ଦିବ୍ୟାଙ୍ଗମାନେ ସମସ୍ତ ସୁବିଧା ମାଗଣାରେ ପାଉଛନ୍ତି। ଏହାସହ ଜଣେ ଦିବ୍ୟାଙ୍ଗ ପିଲା ସହ ଜଣେ ଅଭିଭାବକଙ୍କ ରହଣି ସୁବିଧା ମଧ୍ୟ ରହିଛି। ଭବିଷ୍ୟତରେ ରାଜ୍ୟର ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭାବେ ସ୍ୱୟଂଶାସିତ କରାଯିବା ସହ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ବିଭାଗ ଲକ୍ଷ୍ୟ ରଖିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଜିଲ୍ଲାରେ ଆରମ୍ଭ କରାଯିବାକୁ ଯୋଜନା ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିଲେ ବି ଏଯାଏ ଉଦ୍‌ଘାଟନ ହୋଇନଥିବା ସୂଚନା ରହିଛି। ଏହାସହ ଜଟଣୀରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ବି ଏହା ଆରମ୍ଭ ହୋଇପାରୁ ନାହିଁ। ବିଭାଗର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ବର୍ତ୍ତମାନ ଅନ୍ୟ ଜିଲ୍ଲାରେ ମନୋଦୟ ପାଇଁ ବିଭାଗର ଯୋଜନା ନାହିଁ। ଯେଉଁଗୁଡ଼ିକ ରହିଛି, ତାହାର ପରିଚାଳନା କରିବାକୁ ମାନବସମ୍ବଳ ଆଶ୍ୟକତା ରହିଥିବା ବେଳେ ମାର୍ଚ୍ଚରୁ ଆଉଟସୋର୍ସି କର୍ମଚାରୀ ନିଯୁକ୍ତି ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନ୍ୟ ଜିଲ୍ଲାରେ ବର୍ତ୍ତମାନ 'ମନୋଦୟ' ସ୍ଥାପନ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ଉଦ୍ୟମ ଆରମ୍ଭ କଲା ସମବାୟ ବିଭାଗ

# ପୁନଃ କାର୍ଯ୍ୟକ୍ଷମ ହେବ ୨ ଚିନିକଲ

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୨ଟି ବନ୍ଦ ହୋଇ ପଡ଼ିରହିଥିବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକର ବଡ଼ମ୍ବା ସମବାୟ ଚିନି କଳ ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ସମବାୟ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବ ଆଧାରରେ ସମବାୟ ବିଭାଗ ଏନେଇ ଏକ କମିଟି ଗଠନ କରିଛି।

**କମିଟି ଗଠନ, ଆସନ୍ତା ୬ରେ ବୈଠକ**

ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କମିଟିରେ ଅଧ୍ୟକ୍ଷଙ୍କ ବ୍ୟତୀତ ୫ ଜଣ ସଦସ୍ୟ ରହିଛନ୍ତି। ସମବାୟ ସମିତି ରେଜିଷ୍ଟ୍ରାର କମିଟିର ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବେ ବିଭାଗର ଅତିରିକ୍ତ ସଚିବ, ଅର୍ଥ ବିଭାଗର ପ୍ରତିନିଧି, ଶିଳ୍ପ ବିଭାଗର ପ୍ରତିନିଧି ଓ କୃଷି ବିଭାଗ ପ୍ରତିନିଧିଙ୍କୁ ସ୍ଥାନ ମିଳିଛି। ଏହି କମିଟି ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବର ଅଧ୍ୟୟନ କରିବ। ସମ୍ପୂର୍ଣ୍ଣ ଅଧ୍ୟୟନ ପରେ କମିଟି ସରକାରଙ୍କ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡ ଏହାର କାରବାର ପରାମର୍ଶଦାତା ରହିବ। ଏସବିଆଇ କ୍ୟାପିଟାଲର ସେବା ସମ୍ବନ୍ଧୀୟ ପ୍ରସ୍ତାବ ସହ ଆର୍ଥିକ କାର୍ଯ୍ୟକାରିତା ଏବଂ ପୁନରୁଦ୍ଧାର ନେଇ ସବିଶେଷ ଅଧ୍ୟୟନ ପାଇଁ ଆସନ୍ତା ୬ ତାରିଖରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବସିବ ବୋଲି ଜଣାପଡ଼ିଛି।

## ହାଇକୋର୍ଟରେ ସମ୍ବଲପୁର ମହାନଗର ନିଗମ ମାମଲା

# ନିର୍ବାଚନ ପାଇଁ ଫିଟିଲା ବାଟ

## ୬ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

କଟକ, ୩।୯ (ସମିସ): ଦୀର୍ଘ ୧୦ବର୍ଷ ପରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ଏକ ଦଶନ୍ଧି ଧରି ବିଚାରାଧୀନ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଥିସହ ଆସନ୍ତା ୬ସପ୍ତାହ ମଧ୍ୟରେ ସଂରକ୍ଷଣ ନିୟମ ଅନୁସାରେ ସାନି ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିବା ସହ ଗତ ୨୦୧୫ର ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଅଜୟ କୁମାର ମହାନ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରି ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ଉଠାଇଦେଇଛନ୍ତି। ୨୦୧୩ ନଭେମ୍ବର ମାସ ୧୫ତାରିଖରେ ସମ୍ବଲପୁର ସହରକୁ



ପ୍ରକାଶ ପାଇବ ସାନି ୱାର୍ଡ ସଂରକ୍ଷଣ ତାଲିକା

ମହାନଗର ନିଗମର ମାନ୍ୟତା ମିଳିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରି ନାହିଁ। ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପାଇଁ ୧୫ ଜାନୁଆରୀ ୨୦୧୫ରେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ସରକାର।

ସେହିଭଳି ୧୩ ଫେବୃଆରୀ ୨୦୧୫ରେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ତାଲିକା ପ୍ରକାଶ ପାଇଥିଲା। ହେଲେ ସଂରକ୍ଷିତ ବର୍ଗଙ୍କ ପାଇଁ ନିୟମ ଉଲ୍ଲଙ୍ଘନ କରି ୫୦ ପ୍ରତିଶତରୁ ଅଧିକ ପଦ ସଂରକ୍ଷିତ ରହିବାକୁ ବିରୋଧ କରି ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସେପଟେ ସମ୍ବଲପୁର ପୌର ପରିଷଦରେ ବୁର୍ଲା ଏନଏସି ଓ ହୀରାକୁଦ ଏନଏସି ସହ ଧନକଉଡା ଓ ମାନେଶ୍ୱରର ୧୨ଟି ପଞ୍ଚାୟତର ୫୬ଟି ଗାଁକୁ ନେଇ ମହାନଗର ନିଗମର ୪୧ ୱାର୍ଡ ଗଠନ ହୋଇଥିଲା।

ନିୟମାନୁସାରେ ସଂରକ୍ଷଣ ହୋଇନଥିବା ହେତୁ ହାଇକୋର୍ଟ ଏହି ପୌର ନିର୍ବାଚନ ଉପରେ ଗତ ୨୦୧୫ରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯାହା ବିଭିନ୍ନ ସମୟରେ ବଳବତ୍ତର ରହିଆସିଥିଲା। ଫଳରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରୁ ନ ଥିଲା।

# ମିଳିତ ସମରାଭ୍ୟାସ ସାଗରକବଚ-୨ ଆରମ୍ଭ

ପାରାଦୀପ,୩।୯ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ମାଛଧରା ବନ୍ଦରଠାରେ ଆଜିଠାରୁ ଦୁଇଦିନ ଧରି ଆରମ୍ଭ ହୋଇଛି ମିଳିତ ସମରାଭ୍ୟାସ ସାଗର କବଚ-୨। ଏହି ମିଳିତ ସମରାଭ୍ୟାସରେ ସାମିଲ ହୋଇଛନ୍ତି ମେରାଇନ ପୁଲିସ, ଇଣ୍ଡିଆନ କୋଷ୍ଟଗାର୍ଡ, ଇଣ୍ଡିଆନ ନେଭି, ଓଡ଼ିଶା ପୁଲିସ, ମତ୍ସ୍ୟବିଭାଗ, ବନ୍ୟବିଭାଗ, ସିଆଇଏସ୍‌ଏଫ୍ ସହିତ ବିଭିନ୍ନ ଟିମ ଏଥିରେ ସାମିଲ ହୋଇଛନ୍ତି। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଆୟୋଜିତ ହେଉଛି ଏହି ମିଳିତ ସମରାଭ୍ୟାସ ସାଗର କବଚ। ୧୮ରୁ ଉର୍ଦ୍ଧ୍ୱ ବିଭାଗକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇଥାଏ। ଆଜିଠାରୁ ଆରମ୍ଭ ହୋଇଥିବା ମିଳିତ ଅପରେସନରେ ଓଡ଼ିଶା ଓ ପଶ୍ଚିମବଙ୍ଗ ତରଫରୁ ମିଳିତ ଭାବରେ ଅନୁଷ୍ଠିତ ହେଉଛି।




ଯାହାକୁ ନେଇ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ମିଳିତ ଅପରେସନରେ ସୁରକ୍ଷାକର୍ମୀ ଦୁଇଟି ବିଭାଗ ବ୍ଲୁ ଟିମ୍ ଓ ରେଡ୍ ଟିମ୍‌ରେ ସାମିଲ ହୋଇଥାନ୍ତି। ବ୍ଲୁ ଟିମ୍ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଭାବରେ ଆସୁଥିବା ଛଦ୍ମବେଶୀ ସୁରକ୍ଷାକର୍ମୀଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ରେଡ୍ ଟିମ୍ କିପରି ବ୍ଲୁ ଟିମ୍‌ର ସୁରକ୍ଷା ବଳୟକୁ ପଣ୍ଡ କରି ଆକ୍ରମଣ ଯୋଜନା କରିବେ ଏନେଇ ପ୍ରଚେଷ୍ଟା ଜାରି ରଖିଥାନ୍ତି। ଯାହାକୁ ନେଇ ଆଜି ଓ କାଲି ଦୁଇଦିନ ପାରାଦୀପ ଉପକୂଳ ଅଞ୍ଚଳ ସମେତ ବିଭିନ୍ନ ସମ୍ବେଦନଶୀଳ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# କାକଟପୁର ବଜାରରେ ଟ୍ରାଫିକ୍ ସମସ୍ୟା



ଗମ୍ଭାରୀପଦା,୩।୯ (ସମିସ): ଦିନକୁ ଦିନ କାକଟପୁରର କଳେବର ବୃଦ୍ଧି ଘଟୁଥିଲେ ମଧ୍ୟ ରାସ୍ତାଘାଟ, ପରିବେଶ ଓ ପ୍ରଶାସନିକ ବ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉନଥିବା ଅଭିଯୋଗ ହେଉଛି। କାକଟପୁରର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ବିଭିନ୍ନ ସରକାରୀ ପ୍ରତିଷ୍ଠାନର ବିଭାଗୀୟ ଉପଖଣ୍ଡ ସହିତ ବ୍ଲକ୍, ତହସିଲ୍ ଏବଂ ଅବିଭକ୍ତ କଟକ ଜିଲ୍ଲାର ଅଧିବାସୀଙ୍କ ପାଇଁ ପୁରୀର ଜଗନ୍ନାଥ ଧାମ କୋଣାର୍କର ସୂର୍ଯ୍ୟମନ୍ଦିର ଓ ଅସ୍ତରଙ୍ଗର ସର୍ବଧର୍ମ ସମନ୍ୱୟର ପୀଠ ପିରଜାହାନିଆ ବିସ୍ତୀର୍ଣ୍ଣ ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟନ ଗାଡ଼ି କାକଟପୁର ଦେଇ ଯିବାଆସିବା କରିଥାଆନ୍ତି। ହେଲେ ୧୯୫୭ ମସିହା ବନ୍ଦୋବସ୍ତ ପରଠାରୁ କାକଟପୁରର ପୂର୍ତ୍ତ ବିଭାଗ ରାସ୍ତାର ଜମିକୁ କ୍ରମଶଃ ଜମି ମାଫିଆମାନେ ରାଜସ୍ୱ ବିଭାଗର ଅର୍ଥଲିପ୍ସୁ ଅଧିକାରୀମାନଙ୍କ ସହଯୋଗରେ ନିଜ ନାମରେ କରାଇନେବାକୁ ସକ୍ଷମ ହୋଇଥିବାବେଳେ ଆଉ କେତେକ ଜମିକୁ ବେଆଇନ ଜବରଦଖଲକାରୀମାନେ ଦଖଲକୁ ନେବା ଫଳରେ ରାସ୍ତା ସଂକୀର୍ଣ୍ଣ ହୋଇ କାକଟପୁର ତା'ର ସୌନ୍ଦର୍ଯ୍ୟ ହରାଇବା ସହ ଦୁର୍ଘଟଣା ବୃଦ୍ଧି ପାଉଥିବାର ଅଭିଯୋଗ ହେଉଛି। ଏପରିକି ବଲରା ମୌଜାର ବ୍ଲକ୍ ସମ୍ମୁଖରେ ଥିବା ଗୋଚର ଜମି, ବଲରା ବ୍ରିଜ୍‌ଠାରୁ କାକଟପୁର ତହସିଲ୍ ଛକ ପର୍ଯ୍ୟନ୍ତ ବଲରା ଓ କାକଟପୁର ମୌଜାର ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ଥିବା ସରକାରୀ ଜମି ଜଗନ୍ନାଥ ମହାପ୍ରଭୁଙ୍କ ଜମି ଓ ବିଶ୍ୱାମିତ୍ର ମଠର ଜମିଗୁଡ଼ିକୁ ଲକ୍ଷାଧିକ ଟଙ୍କାରେ ପ୍ରାଇଭେଟ୍ ଏଗ୍ରିମେଣ୍ଟ କରି ଜବରଦଖଲକାରୀମାନେ ବ୍ୟବସାୟ ପ୍ରତିଷ୍ଠାନ କରିବା ପାଇଁ ଲିଜ୍ ଦେଉଛନ୍ତି। ଯେଉଁଥିପାଇଁ ସରକାର ରାଜସ୍ୱ ହରାଉଛନ୍ତି। ହେଲେ ସ୍ଥାନୀୟ ରାଜସ୍ୱ ଅଧିକାରୀ ଆଖି ଥାଇ ଅନ୍ଧ ଭଳି ଅଭିନୟ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବଜାର ରାସ୍ତାକଡ଼ରେ ଉଠାଦୋକାନି, ବୁଲା ଗୋରୁଗାଇ, କ୍ରେତା ଓ ବିକ୍ରେତାଙ୍କ ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନ ଘଣ୍ଟା ଘଣ୍ଟା ଧରି ପାର୍କିଂ କରୁଥିବାରୁ ମନୁଷ୍ୟକୃତ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ଧନଜୀବନ ହାନି ଘଟୁଛି। ମଲ୍ ଓ ସ୍ଥାୟୀ ବ୍ୟାବସାୟିକ ପ୍ରତିଷ୍ଠାନଗୁଡ଼ିକର ନିଜସ୍ୱ ପାର୍କିଂ ସ୍ଥାନ ନ ଥିବା ସ୍ଥଳେ ରାଜସ୍ୱ ଓ ପୁଲିସ ବିଭାଗ ସେଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏହାର ନିରାକରଣ ପାଇଁ ୧୯୫୭ ମସିହା ବନ୍ଦୋବସ୍ତକୁ ଆଧାର କରି ପୂର୍ତ୍ତବିଭାଗ ଜମିକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇ ବଲରା ବ୍ରିଜ୍‌ଠାରୁ ତହସିଲ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ୪ଥାକିଆ ରାସ୍ତାରେ ପରିଣତ କରାଯିବା ସହିତ ବ୍ୟାବସାୟିକ ପ୍ରତିଷ୍ଠାନ ଆଗର ପାର୍କିଂ ଗାଡ଼ିଗୁଡ଼ିକ ଉପରେ କଟକଣା ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଲାଗୁ କରିବାକୁ କାକଟପୁରର ସମସ୍ତ ବର୍ଗର ଜନସାଧାରଣ ଦାବି କରିଛନ୍ତି।

● ପ୍ରେମିକ ସହ ଫେରାର୍ ହୋଇଯାଇଥିଲେ ମହିଳା

# ପୁରୀରୁ ଉଭୟଙ୍କୁ ଉଦ୍ଧାରକଲା ପୁଲିସ

କଟକ,୩।୯ (ସମିସ): କଟକ ଜିଲ୍ଲାର ବାଙ୍କୀ ଥାନା ଅନ୍ତର୍ଗତ ସୁବର୍ଣ୍ଣପୁର ଫାଣ୍ଡି ନିକଟସ୍ଥ ରତାଗଡ଼ ଗ୍ରାମର ଜଣେ ବିବାହିତା ମହିଳା ମହାନଦୀରେ ଗତ ସୋମବାର ନିଖୋଜ ହୋଇଯିବା ଘଟଣା ନୂଆ ମୋଡ଼ ନେଇଛି। ମହିଳା ଜଣକ ନଦୀରେ ନିଖୋଜ ହୋଇଯାଇଥିବା ଯୋଜନା କରି ତାଙ୍କ ପ୍ରେମିକ ସହ ଫେରାର୍ ହୋଇଯାଇଥିଲେ। ବୁଧବାର ପୁରୀ ଟାଉନ ଥାନା ପୁଲିସ ଫେରାର୍ ହୋଇଯାଇଥିବା ମହିଳା ଓ ତାଙ୍କ ପ୍ରେମିକକୁ ପୁରୀରୁ ଧରିବା ପରେ ଘଟଣାର ପର୍ଦ୍ଦାଫାସ୍ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରତାଗଡ଼ ଗ୍ରାମର ଜନୈକା ମହିଳା ରବିବାର ରାତିରେ ଖୁଦୁରୁକୁଣୀ ଓଷା କରିଥିଲେ। ସୋମବାର ସକାଳୁ ଗ୍ରାମର ଅନ୍ୟ ମହିଳା ଓ ଯୁବତୀଙ୍କ ସହ ଖୁଦୁରୁକୁଣୀ ମୂର୍ତ୍ତି ବିସର୍ଜନ କରିବା ପାଇଁ ଗ୍ରାମ ନିକଟରେ ଥିବା ମହାନଦୀକୁ ଯାଇଥିଲେ। ସେଠାରେ ମୂର୍ତ୍ତି ବିସର୍ଜନ କରି ସାରିବା ପରେ ସମସ୍ତେ ନଦୀରେ ଗାଧୋଇଥିଲେ। ଏହି ସମୟରେ ମହିଳା ଜଣକ ପୂର୍ବ ଯୋଜନା ଅନୁଯାୟୀ ନଦୀରେ ଭାସିଯାଇଥିଲେ। ପରେ ନଦୀ ଆରପଟକୁ ପହଁରି ପହଁରି ଯାଇ ଅପେକ୍ଷା କରିଥିବା ପ୍ରେମିକ ସହ ଫେରାର୍ ହୋଇଯାଇଥିଲେ। ତେବେ ମହିଳା ଜଣକ ନଦୀରେ ଭାସିଯାଇଥିବା ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଥିଲା। ନିଖୋଜ ଖବର ପାଇ ବାଙ୍କୀ, ଆଠଗଡ଼, ଡମପଡ଼ାର ତିନିଟି ଅଗ୍ନିଶମ ବିଭାଗ ଓ ଓଡ୍ରାଫ୍ ଟିମ୍ ଗତ ଦୁଇ ଦିନ ଧରି ମହାନଦୀର ମୁଣ୍ଡଳୀ ପର୍ଯ୍ୟନ୍ତ ଅକ୍ଲାନ୍ତ ପରିଶ୍ରମ କରି ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ଖୋଜ୍‌ଖବର ମିଳି ନ ଥିଲା। ସମ୍ପୃକ୍ତ ମହିଳା ତାଙ୍କ ପ୍ରେମିକଙ୍କ ସହ ପୁରୀରେ ରହିଥିବା ଖବର ମିଳିଥିଲା। ବୁଧବାର ଭୋର୍ ସମୟରେ ପୁରୀ ଟାଉନ ଥାନା ପୁଲିସ ଉଭୟଙ୍କୁ ଏକ ଘରୁ ଉଦ୍ଧାର କରି ଅଟକ ରଖିଥିଲେ। ଏ ସମ୍ପର୍କରେ ଖବର ଜଣାପଡ଼ିବା ପରେ ବାଙ୍କୀ ଥାନା ପୁଲିସର ଏକ ଟିମ୍ ପୁରୀ ଯାଇ ମହିଳାଙ୍କୁ ସେଠାରୁ ଆଣିବା ସହ ତାଙ୍କ ପରିବାର ଲୋକଙ୍କ ଜିମାଦେଇଥିବା ସୂଚନା ମିଳିଛି।

# ବାଜପୁର ରାସ୍ତାରେ ବିରାଟ ବିରାଟ ଖାଲ



କୁଣ୍ଢେଇ,୩।୯ (ସମିସ): ପୁରୀ ଜିଲ୍ଲା କାକଟପୁର ପୂର୍ତ୍ତ ବିଭାଗ ଅଧୀନରେ ରହିଛି କାକଟପୁର ବାଜପୁର ରାସ୍ତା। କାକଟପୁର ମଙ୍ଗଳା ମନ୍ଦିରଠାରୁ ବାଜପୁର ଜାଣି ନ ପାରି ଏଥିରେ ପଡ଼ି ଆହତ ହେଉଥିବାବେଳେ ପଛରେ ବସିଥିବା ସ୍ତ୍ରୀ ଓ ପିଲା ଛିଟିକି ପଡୁଥିବା ଦେଖିବାକୁ ମିଳୁଛି। ଏହି ରାସ୍ତା ଦେଇ କାକଟପୁର ମା'

## ସବୁବେଳେ ଘଟୁଛି ଦୁର୍ଘଟଣା

ଦେଇ କୋଣାର୍କ ଯାଇଥିବା ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇ ଅତି ଶୋଚନୀୟ ଅବସ୍ଥା ରହିଛି। ଦୈନିକ ଏହି କାରଣରୁ ଦୁର୍ଘଟଣା ଘଟୁଛି। ଶ୍ରୀରାମପୁର ଛକଠାରୁ ବାଜପୁର ଗାଦି ବଜାର ନିକଟରେ ରାସ୍ତାଟି ଖାଲଖମାରେ ପରିଣତ ହୋଇଥିବାରୁ ଏଥିରେ ବର୍ଷା ପାଣି ଜମି ଦୁର୍ଘଟଣାର କାରଣ ପାଲଟୁଛି। ରାତି ସମୟରେ ବାଇକ୍ ଆରୋହୀ ଖାଲ ମଙ୍ଗଳାଙ୍କ ନିକଟକୁ ପ୍ରତିଦିନ ଶହଶହ ଭକ୍ତ ବାଇକ୍ ଯୋଗେ ଆସୁଥିବାବେଳେ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଉପରେ ୧୦ଟି ପଞ୍ଚାୟତ ଗ୍ରାମର ଲୋକେ ବିଭିନ୍ନ କାର୍ଯ୍ୟ ନେଇ ବ୍ଲକ୍, ତହସିଲ୍ କାକଟପୁର ବଜାର ସହ ମା' ମଙ୍ଗଳାଙ୍କ ମନ୍ଦିରକୁ ଆସିଥା'ନ୍ତି। ବାଜପୁର ଗାଦି ବଜାର ନିକଟରେ ଥିବା ଶିବ ମନ୍ଦିର ଓ କଣ୍ଟୁରୀ ମିଠା ଦୋକାନ ନିକଟରେ ୨ ଫୁଟ୍‌ରୁ ଉର୍ଦ୍ଧ୍ୱ ଖାଲ ହୋଇଥିବା ଯୋଗୁଁ ଯାତ୍ରୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ବି କୌଣସି ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉ ନାହିଁ।

● ଛାତ୍ରୀଙ୍କୁ ଜାତିଆଣ ଆକ୍ଷେପ କରି ମାଡ଼ !

# ଅଭିଯୋଗକୁ ଖଣ୍ଡନକଲେ ପ୍ରଧାନଶିକ୍ଷୟିତ୍ରୀ

କଣାସ,୩।୯ (ସମିସ): ଛାତ୍ରୀଙ୍କୁ ଜାତିଆଣ ଅକ୍ଷେପ କରି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ନେଇ କଣାସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଛାତ୍ରୀ ଜ୍ୟୋତ୍ସ୍ନାଙ୍କ ବାପା ଦୀପକ କଣାସ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରାଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ପୁରୀରେ ଟ୍ରେନିଂରେ ଥିବାରୁ ଗୁରୁବାର ତଦନ୍ତ କରାଯିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା କହିଛନ୍ତି। ଏନେଇ ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଜେନାଙ୍କୁ ପଚାରିବାରୁ ଜାତିଆଣ ଆକ୍ଷେପକୁ ଖଣ୍ଡନ କରିବା ସହ ମଙ୍ଗଳବାର ସହକାରୀ ଶିକ୍ଷକ ଛୁଟିରେ ଥିବାରୁ ଗୋଟିଏ ଶ୍ରେଣୀଗୃହରେ ପ୍ରଥମରୁ ପଞ୍ଚମ ଏବଂ ଶିଶୁବାଟିକା ପିଲାଙ୍କୁ ବସାଇଥିଲି। ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ମାନିନୀ ଓ ଜ୍ୟୋତ୍ସ୍ନା ମଧ୍ୟରେ ଖୁମୁଟାଖୁମୁଟି ହୋଇଥିଲେ। ମାନିନୀର ମାଆ ମନ୍ଦାକିନୀ ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷୟିତ୍ରୀଙ୍କୁ ପିଲା ବାଡ଼ିଆବାଡ଼ି ହେଉଛନ୍ତି ବୋଲି ପଚାରି ଆପଣ କ'ଣ କରୁଛନ୍ତି ବୋଲି ପଚାରିଥିଲେ। ପ୍ରତିମା ଦୁଇ ଛାତ୍ରୀ ମାନିନୀ ଓ ଜ୍ୟୋତ୍ସ୍ନାଙ୍କୁ ତାଗିଦ୍ କରିବା ସହ ଯଦି ଆଉ ବାଡ଼ିଆବାଡ଼ି ହେବ ପିଟିବି ବୋଲି କହିଥିଲେ। ତେବେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେଲେ ସତ୍ୟତା ସାମ୍ନାକୁ ଆସିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ଜେନା ଦାବି କରିଛନ୍ତି।

# ୩୦ ଲକ୍ଷର ସୁନା ଚୋରି ଘଟଣାରେ ଦୁଇ ଅଟକ

ନୟାହାଟ,୩।୯ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ବିସୁଲିପଡ଼ା ଗ୍ରାମର ମିର୍ଜା ଅବୁତାହାର ବେଗଙ୍କ ଘରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ଘଟଣାରେ ନୟାହାଟ ଫାଣ୍ଡି ପୁଲିସ ଓ ଗୋପ ପୁଲିସ ମଙ୍ଗଳବାର ରାତିରେ ବିସୁଲିପଡ଼ା ଓ ଚଢ଼େଇଖିଆ ବସ୍ତିରୁ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଛି। ତା' ମଧ୍ୟରୁ ଜଣଙ୍କ ନାମରେ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ସେ ଜଣେ କୁଖ୍ୟାତ ଚୋର ବୋଲି ନୟାହାଟ ଅଞ୍ଚଳରେ ଜଣାଶୁଣା।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



ନିମାପଡ଼ା,୩।୯ (ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତ ଭାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜ କିଶୋର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମଥ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତାଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଅନନ୍ତରାମ ପଣ୍ଡା, ସରପଞ୍ଚ ତପନ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାୟକ, କୈଳାଶ ଚନ୍ଦ୍ର ସାହୁ, ସଂଯୁକ୍ତା ମହାନ୍ତି, ହରମୋହନ ମହାପାତ୍ର, ଦ୍ୱିଜବର ମୁଦୁଲି, ନିରଞ୍ଜନ କର, ଚାରିଛକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କା, ଶିକ୍ଷକନେତା ତ୍ରିଲୋଚନ କର, ପ୍ରତିଷ୍ଠାତା ସଦସ୍ୟ ଧ୍ରୁବ ଚରଣ ମାଝୀ, ସିଆର୍‌ସିସି କାଳନ୍ଦୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ଅମିୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରୁ ସହକର୍ମୀ, ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ ଓ ଅଭିଭାବକ ଏକ ବିରାଟ ଶୋଭାଯାତ୍ରାରେ ଅମରେଶ୍ୱର ନିକଟ ଭଇଞ୍ଚିଗୋରଡ଼ ଗ୍ରାମସ୍ଥିତ ବାସଭବନକୁ ପାଛୋଟି ନେଇଥିଲେ।

# ଶିକ୍ଷକ ବିକାଶ କର୍ମଶାଳା ପ୍ରସ୍ତୁତି ବୈଠକ

ଚାରିଛକ,୩।୯ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ "ଜାତୀୟ ଶିକ୍ଷା ନୀତି-୨୦୨୦ ଶୀର୍ଷକ' ଶିକ୍ଷକ ବିକାଶ କର୍ମଶାଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଶିକ୍ଷା ବିଭାଗ ଆନୁକୂଲ୍ୟରେ ଆସନ୍ତା ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏହି କର୍ମଶାଳାରେ ମୁଖ୍ୟ ସାଧନ ବ୍ୟକ୍ତିତ୍ୱ ଭାବେ ଆଞ୍ଚଳିକ ଶିକ୍ଷା ସଂସ୍ଥାନ, ଏନ୍‌ସିଇଆର୍‌ଟି, ଭୋପାଳର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି। ସମ୍ମାନିତ ସାଧନ ବ୍ୟକ୍ତିତ୍ୱ ଭାବେ ଆଞ୍ଚଳିକ ଶିକ୍ଷା ସଂସ୍ଥାନ, ଏନ୍‌ସିଇଆର୍‌ଟି, ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା ଏବଂ ରାଜଧାନୀ କଲେଜ, ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର ସରୋଜକାନ୍ତ ଚୌଧୁରୀ ଯୋଗଦେବା ପାଇଁ ସ୍ଥିରୀକୃତ ହୋଇଛି। ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାମାନେ ଏହି କର୍ମଶାଳାରେ ଯୋଗଦେବେ। ଏହି ବୈଠକରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଶିକ୍ଷା ବିଭାଗ ମୁଖ୍ୟ ଡ. ଶ୍ରୀଲେଖା ନାୟକଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

# ସାକ୍ଷୀଗୋପାଳ କଲେଜରେ 'ଚତୁର ନିବେଶକ ସଚେତନତା'

ସାକ୍ଷୀଗୋପାଳ,୩।୯ (ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ସଭାଗୃହରେ ବୁଧବାର ମହାବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଓ ସେବିର ମିଳିତ ଆନୁକୂଲ୍ୟରେ "ଚତୁର ନିବେଶକ ସଚେତନତା' ଶୀର୍ଷକ ଏକ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ପୁଷ୍ପମିତ୍ରା ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥ ଏବଂ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପଦୀପ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସେବି ପଞ୍ଜିକୃତ କେନ୍ଦ୍ରୀୟ ଅଧିକାରୀ ରଘୁନନ୍ଦନ ପଟ୍ଟନାୟକ ଯୋଗଦେଇ



ଆଜିର ଦୁନିଆରେ ବ୍ୟକ୍ତିଗତ ଆର୍ଥିକ ପ୍ରବନ୍ଧନ, ବିନିଯୋଗ ସମ୍ପଦ ପ୍ରବନ୍ଧନ, ଅବସର ପରବର୍ତ୍ତୀ ଆର୍ଥିକ ଯୋଜନା, ଜାତୀୟ ଭତ୍ତା ଯୋଜନା, ବିପଦ ପରିଚାଳନା, ପ୍ରତିଭୂତି ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡର ଗୁରୁତ୍ୱ ତଥା ଆବଶ୍ୟକତା ଉପରେ ସଭାରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆର୍ଥିକ ନିବେଶ ଦ୍ୱାରା କିପରି ଜଣେ ମଣିଷ ତା'ର ଜୀବନର ପ୍ରତିଟି ସ୍ତରରେ ଥିବା ଆର୍ଥିକ ସମସ୍ୟାଗୁଡ଼ିକୁ ଦୃଢ଼ତାର ସହିତ ସାମ୍ନା କରିପାରିବ, ତାହା ଥିଲା ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ +୩ ଛାତ୍ରଛାତ୍ରୀ ପ୍ରମୁଖ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଚନ୍ଦ୍ରଶେଖର ତ୍ରିପାଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ସୁଶୀଳ ବ୍ରହ୍ମା

ଗୋପ,୩।୯ (ସମିସ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ସମଗ୍ର ରାଜ୍ୟରୁ ୧୦ଜଣ ବ୍ଲକ୍ ଶିକ୍ଷାଧିକାରୀ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ପୁରୀ ଜିଲ୍ଲା ଗୋପ ବ୍ଲକ୍‌ର ପୂର୍ବତନ



ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ନାମ ସ୍ଥାନ ପାଇଛି। ଶ୍ରୀ ବ୍ରହ୍ମା ସମ୍ପ୍ରତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ଉପନିୟନ୍ତ୍ରକ ଭାବେ କଟକରେ କାର୍ଯ୍ୟରତ। ସେ ୨୦୨୨ରୁ ୨୦୨୫ ପର୍ଯ୍ୟନ୍ତ ଗୋପ ବିଇଓ ଭାବେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରି ପୁରୀ ଜିଲ୍ଲା ପ୍ରଶାସନ ଏବଂ ଗୋପ ବ୍ଲକ୍‌ର ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କ ପ୍ରଶଂସା ସାଉଁଟିଥିଲେ। ଆସନ୍ତା ୫ତାରିଖ ଗୁରୁ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଲୋକସେବା ଭବନ ପରିସରରେ ଆୟୋଜିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହରେ ଶ୍ରୀ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଏହି ଖବର ମିଳିବା ପରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଏଥିସହିତ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ଏଡିଇଓ ହିମାଂଶୁ ଭୂଷଣ ସମରଥ, ଏଡିଇଓ ଦ୍ୱିତୀକାନ୍ତ ପ୍ରଧାନ, ଏଡିଇଓ ଉତ୍ତମ୍ ପ୍ରଧାନ, ଡାଏଟ୍ ଅଧ୍ୟକ୍ଷ ସନ୍ତୋଷ ପରିଡ଼ା, ଶିକ୍ଷା ସଂଯୋଜକ ରମେଶ ବଲ୍ଲଭ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ଗଣପତି କ୍ଲବ୍ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଅସ୍ତରଙ୍ଗ,୩।୯ (ସମିସ): ଅସ୍ତରଙ୍ଗର ଗଣପତି କ୍ଲବ୍ ପକ୍ଷରୁ ଚଳିତ ବର୍ଷ ୪୦ତମ ଗଣେଶ ପୂଜା ଆୟୋଜନ କରାଯାଇଛି। ଗଜାନନଙ୍କ ପୂଜା ପରଠାରୁ କ୍ଲବ୍ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ପ୍ରଫୁଲ୍ଲ ସାମନ୍ତରାୟଙ୍କ ଦ୍ୱାରା ୪ଦିନ ପାଲା ପରିବେଷଣ କରାଯିବା ପରେ ମଙ୍ଗଳବାର ଶେଷ ସନ୍ଧ୍ୟାରେ ପ୍ରବଚକ ମଞ୍ଚ ଉପସ୍ଥାପକ ତିଳମ ସାହୁ, କଣ୍ଠଶିଳ୍ପୀ ସନ୍ତୋଷ, ସଦାଶିବ, ସନ୍ଧ୍ୟା, ଯାଜ୍ଞସେନୀ, ଭକ୍ତି ସମର୍ପଣ ଭଜନ ସନ୍ଧ୍ୟା ପରିବାର ଭୁବନେଶ୍ୱର ତରଫରୁ ପ୍ରବଚନ ସହିତ ଭଜନ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା। କ୍ଲବ୍ ପକ୍ଷରୁ ସଭାପତି ରବିନାରାୟଣ ମଲ୍ଲ, ସମ୍ପାଦକ ଅନାଥ ବନ୍ଧୁ ମୁଦୁଲି, ସାଂସ୍କୃତିକ ସମ୍ପାଦକ ନରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ରଞ୍ଜନ ଦାସ, ଲୁଲୁ ପୋଲେଇ, ମୁନା, ପରିଆ, ଲିଟୁ ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ନିମାପଡ଼ା/ଅସ୍ତରଙ୍ଗ,୩।୯ (ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତିଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ପୁରୀ ଜିଲ୍ଲାର ପୂର୍ବତନ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଦେହାନ୍ତ ପରେ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଅସ୍ଥାୟୀ ସଭାପତି ଭାବେ ପୁରୀ ଜିଲ୍ଲାର ଦାୟିତ୍ୱ ଦିଆଯାଇଥିଲା। ଜିଲ୍ଲାର ଏକ ସାଧାରଣ ପରିଷଦ ବୈଠକ ଡାକି ଆନୁଷ୍ଠାନିକ ଭାବେ ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯିବାକୁ ରାଜ୍ୟ ସଭାପତି ଶ୍ରୀ କର ପରାମର୍ଶ ଦେଇଥିଲେ। ଶ୍ରୀ କରଙ୍କ ପରାମର୍ଶ କ୍ରମେ ଏକ ସାଧାରଣ ପରିଷଦ ବୈଠକ ଡକାଯାଇ ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଓ କମଳ ଲୋଚନ ଦୀକ୍ଷିତ୍, ଉପସଭାପତି ଭାବେ ସଞ୍ଜୟ ପତି ଓ ସମୀର ବଳିୟାରସିଂ, ସଂଯୋଜକ ଭାବେ ଜ୍ୟୋତି ରଞ୍ଜନ ବେହେରା ଓ ପ୍ରଫୁଲ୍ଲ କୁମାର କର, ସାଧାରଣ ସମ୍ପାଦକ ଭାବେ ଆଦିତ୍ୟ କୁମାର ରାଉତ, ସମ୍ପାଦକ ଭାବେ ଭାରତୀ ଭୂଷଣ ଉପାଧ୍ୟାୟ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କେଦାରଶ୍ୱର ନନ୍ଦ, ସଂଗଠନ ସମ୍ପାଦକ ଭାବେ ବିଜୟ କୁମାର ମହାପାତ୍ର, ସହସମ୍ପାଦକ ଭାବେ ବ୍ରହ୍ମାନନ୍ଦ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ଭାବେ ଆର୍ଯ୍ୟ ବିଶ୍ୱାଳ, କୋଷାଧ୍ୟକ୍ଷ ଭାବେ ସମୀର କର, ଶୃଙ୍ଖଳା କମିଟିର ସଦସ୍ୟ ଭାବେ ବସନ୍ତ ପଟ୍ଟନାୟକ, ସନ୍ତୋଷ ଦାଶ, ଧନଞ୍ଜୟ ବେହେରା, ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ, ବିଚିତ୍ରାନନ୍ଦ ସାହୁ, ନିରଞ୍ଜନ ଦାସ, ତୁଷାର ରଞ୍ଜନ ଦୀକ୍ଷିତ୍, ଅକ୍ଷୟ ବେହେରା, କାର୍ଯ୍ୟକାରୀ କମିଟିର ସଦସ୍ୟଭାବେ ହେମନ୍ତ ସେଠୀ, ଚିତ୍ତରଞ୍ଜନ ଜେନା, ବିମ୍ବାଧର ଜେନା, ଧିରେନ୍ଦ୍ର ସେନାପତି, ରାଜକିଶୋର ଦାଶ, ସନ୍ତୋଷ ରାୟ, ବିଚିତ୍ରାନନ୍ଦ ଓଝା, ରମାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ସାହୁ, ପ୍ରଶାନ୍ତ ବାରିକ, ପ୍ରଭାସ ପୃଷ୍ଟିଙ୍କ ନାମକୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘକୁ ଅଧିକ କ୍ରିୟାଶୀଳ ସହ ମଜଭୁତ କରିବାକୁ କାର୍ଯ୍ୟକର୍ତ୍ତାମାନେ ମନରେ କୌଣସି ଆବିଳତା ନ ରଖି ନିଷ୍ଠାପର ସହ କାର୍ଯ୍ୟ କରିବାକୁ ଜିଲ୍ଲା ସଭାପତି ଶ୍ରୀ ନାୟକ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଅନୁରୋଧ କରିଛନ୍ତି।

# କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ

ପିପିଲି,୩।୯ (ସମିସ): ବୁଧବାର କଂଗ୍ରେସ ପକ୍ଷରୁ ପିପିଲି ଜୟପୁର ଛକ ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପ ପରିସରରେ 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ତଥା ସାଂସଦ ଜି.ସି. ଚନ୍ଦ୍ରଶେଖର ଯୋଗଦେଇ କଂଗ୍ରେସର କର୍ମୀମାନଙ୍କୁ ଏକଜୁଟ ହୋଇ କାର୍ଯ୍ୟ କାରିବା ସହିତ ଦେଶକୁ ଆଗକୁ ନେବା ପାଇଁ କଂଗ୍ରେସର ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କ ପଥକୁ ଆପଣେଇ ତାଙ୍କ ସଂଗ୍ରାମରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଯୋଗଦେଇ ତୃଣମୂଳସ୍ତରରେ ଆମକୁ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି କହିଥିଲେ। ବୁଥ୍‌ସ୍ତରରେ ସଭାପତିଠାରୁ ଆରମ୍ଭ କରି ଜିଲ୍ଲା ସଭାପତି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଉପଯୁକ୍ତ ସଂଗଠକଙ୍କୁ ବଛାଯାଇ ସେମାନଙ୍କୁ ଦାୟିତ୍ୱ ଦିଆଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟ୍ଟନାୟକ, ପିସିସି ମୁଖପାତ୍ର ତଥା ସ୍ଥାନୀୟ କଂଗ୍ରେସ ନେତା ନିଶିକାନ୍ତ ମିଶ୍ର, ବିଶ୍ୱକେଶନ



ହରିଚନ୍ଦନ ମହାପାତ୍ର, ଜ୍ଞାନ ରଞ୍ଜନ ପଟ୍ଟନାୟକ, ମାନସ ରଞ୍ଜନ ଆଚାର୍ଯ୍ୟ, ଗୁଣନିଧି ପ୍ରଧାନ, ପିପିଲି ବ୍ଲକ୍ କଂଗ୍ରେସ ସଭାପତି ବିଶ୍ୱ ରଞ୍ଜନ ମିଶ୍ର, ନିରୁପମା ପାତ୍ର, ଡେଲାଙ୍ଗ ବ୍ଲକ୍ ସଭାପତି ନିର୍ମଳ ପରିଡ଼ା, ଟୁଟୁ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

# ଉପକୂଳ ସୁରକ୍ଷା ପାଇଁ ମକ୍ ଡ୍ରିଲ୍ 'ସାଗର କବଚ'

ଅସ୍ତରଙ୍ଗ,୩।୯ (ସମିସ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଦୁଇ ଦିନ ଧରି ହେବାକୁ ଥିବା ଉପକୂଳ ସୁରକ୍ଷା ମକ୍ ଡ୍ରିଲ୍ 'ସାଗର କବଚ' ବୁଧବାର ଅସ୍ତରଙ୍ଗ ନୂଆଗଡ଼ସ୍ଥିତ ସାମୁଦ୍ରିକ ଥାନା ପକ୍ଷରୁ ଆରମ୍ଭ ହୋଇଛି। ୨୦୦୮ ମସିହା ୨୬/୧୧ ମୁମ୍ବଇରେ ଜଳପଥ ଦେଇ ଆସିଥିବା ଆତଙ୍କବାଦୀ ଯେଉଁଭଳି କାଣ୍ଡ ଘଟାଇଥିଲେ ତାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଉପକୂଳର ସୁରକ୍ଷାକୁ ଅଧିକ ମଜଭୁତ କରିବା ପାଇଁ ୧୭ ବର୍ଷ ଧରି ଏହି ପ୍ରୟାସ ଜାରି ରହିଛି। ଏହି 'ସାଗର କବଚ' ଉପକୂଳ ସୁରକ୍ଷା ଅଭ୍ୟାସ ମାଧ୍ୟମରେ ସାମୁଦ୍ରିକ ଜଳପଥରେ ଅସ୍ତରଙ୍ଗ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରାଙ୍କ ନେତୃତ୍ୱରେ ବ୍ୟାପକ ପାଟ୍ରୋଲିଂ ବ୍ୟବସ୍ଥା ବୃଦ୍ଧି ହୋଇଛି। ଏହି କାର୍ଯ୍ୟକ୍ରମ ଅସ୍ତରଙ୍ଗ ଦେବୀ ମୁହାଣ, ସହନ, ସୁଦିକେଶ୍ୱର, ମେରାଇନ୍ ମାଛଧରା ବନ୍ଦର ନିକଟରେ ସମୁଦ୍ର ପଥରେ ଚାଲୁ ରହିଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଉପକୂଳ ପୁଲିସ, ତଟରକ୍ଷୀ ବାହିନୀ ଓ





ଓଡ଼ିଶା ପୁଲିସ ସଦାସର୍ବଦା ଆଲର୍ଟ ରହିବେ ଓ ଜଳପଥରେ ଅନୁପ୍ରବେଶକାରୀଙ୍କୁ ସହଜରେ ଚିହ୍ନଟ କରି ଧରିପାରିବେ। ସେପଟେ ସମୁଦ୍ରରୁ ସ୍ଥଳପଥକୁ ପ୍ରବେଶ ପଥ ଯଥା- କାଳିଆକଣ, ସୁଦିକେଶ୍ୱର, ଅଣକଣା, ଗୁଣ୍ଡଳବା, ସହନ ଓ ନୂଆଗଡ଼ ସମେତ ଅସ୍ତରଙ୍ଗ ମୁଖ୍ୟ ବଜାରରେ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ରଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ରହି ସମ୍ଭାବ୍ୟ ଛଦ୍ମବେଶୀ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଅସ୍ତରଙ୍ଗ ପୁଲିସ, ସାମୁଦ୍ରିକ ଥାନା ପୁଲିସ ଓ ତଟରକ୍ଷୀ ବାହିନୀ ମିଳିତ ଆନୁକୂଲ୍ୟରେ ଉପକୂଳ ସୁରକ୍ଷା ଅଭ୍ୟାସ କରାଯାଉଛି। ଏହି ଟିମ୍‌ରେ ସବ୍‌ଇନ୍ସପେକ୍ଟର ଜଗବନ୍ଧୁ ପରିଡ଼ା, ମାଷ୍ଟର ପ୍ରକାଶ କୁମାର ଦାସଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ପୁରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ ଓ ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ପ୍ରମୁଖ ଅସ୍ତରଙ୍ଗରେ ପହଞ୍ଚି ଉପକୂଳ ସୁରକ୍ଷା ଅଭ୍ୟାସ 'ସାଗର କବଚ' ତଦାରଖ କରିଥିଲେ।

# ଶ୍ରୀକ୍ଷେତ୍ର ସିଟି

୩/୯/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୧୪,୮୮୦/- ସୁନା: ୦୦.୮୦୦ ଗ୍ରାମ୍ ରୁପା: ୬୩.୫୦୦ ଗ୍ରାମ୍





● ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

## କଡ଼ ଲେଉଟାଇଲେ ଶୟନ ଠାକୁର

ପୁରୀ,୩।୯ (ସମିସ): ଶ୍ରୀମନ୍ଦିରରେ ବୁଧବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ସମ୍ପନ୍ନ ହୋଇଛି । କଡ଼ ଲେଉଟାଇଛନ୍ତି ଶୟନ ଠାକୁର । ସନ୍ଧ୍ୟା ଆଳତି ବଢ଼ିବା ପରେ ଏକାଦଶୀ ବେଢ଼ାକୁ ମଦନମୋହନ ବିଜେ କରିଥିଲେ । ଶ୍ରୀଅଙ୍ଗରେ ଚନ୍ଦନ ଲାଗି ପରେ ପୂଜାପଣ୍ଡା ଆଜ୍ଞାମାଳ କାଢ଼ି ମଦନମୋହନଙ୍କୁ ପ୍ରଦାନ କରିଥିଲେ । ପରେ ମଦନମୋହନ ପାଲିଙ୍କିରେ ବିଜେ ହୋଇ ବଡ଼ଦେଉଳକୁ ବେଢ଼ାଏ ବୁଲିଥିଲେ । ଜୟ ବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ । ବଲ୍ଲଭ ବଡ଼ସିଂହାର ଭୋଗ ପରେ ଖଟଶେଯ ଘର ଉପରେ ନିଶୁଣି ପକାଯାଇଥିଲା । ମୁଦିରସ୍ତ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଡ଼ା ଖୋଲିଥିଲେ । ସେ ତିନିଆଞ୍ଜୁଳା ଶୁକ୍ଳ ଫୁଲ ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ । ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବାବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଛି । ମୁଦିରସ୍ତ ବନ୍ଦାପନା ସାରି ପେଡ଼ା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇ ଆସିଥିଲେ । ବଲ୍ଲଭବଡ଼ସିଂହାର ଭୋଗରେ ୬ ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା । ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା । ସୂଚନାଥାଉ କି, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ହେଉଛି ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ।

● ଆଜି ବାମନ ଜନ୍ମ ନୀତି

## ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୩।୯ (ସମିସ): ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ । ଏହି ନୀତି ପାଇଁ ଗୁରୁବାର ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ମଧ୍ୟାହ୍ନଧୂପ ଛେକ ଆସିବା ପରେ ପରେ ବାମନ ଜନ୍ମ ନୀତି ଅନୁଷ୍ଠିତ ହେବ । ଏଥିଲାଗି ଆପାତତଃ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

## ଶଙ୍କରାଚାର୍ଯ୍ୟଙ୍କୁ ଦର୍ଶନ କଲେ କେନ୍ଦ୍ରାଞ୍ଚଳ ଡିଆଇଜି



ପୁରୀ,୩।୯ (ସମିସ): ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ବୁଧବାର ଗୋବର୍ଦ୍ଧନ ପୀଠରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବା ସହ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି । ଏଥିସହ ମଠର ଆଭ୍ୟନ୍ତରୀଣ ଏବଂ ଗୁରୁଜୀ ମହାରାଜାଙ୍କ ସୁରକ୍ଷା ବିଷୟରେ ମଠର ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ । ସାରା ରାଜ୍ୟରେ ସନାତନ ଗୁରୁ ପରମ୍ପରାର ପ୍ରମୁଖ ପୀଠ ଗୋବର୍ଦ୍ଧନ ପୀଠ ହୋଇଥିବାରୁ ଏହାର ସୁରକ୍ଷା ଓ ଗୁରୁଜୀ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ସର୍ବୋପରି । ଏଥିପ୍ରତି ରାଜ୍ୟ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ସେ ନିଜେ ବ୍ୟକ୍ତିଗତ ଭାବେ ଦୃଷ୍ଟି ରଖିବେ ବୋଲି ମତ ରଖିଥିବା ଗୋବର୍ଦ୍ଧନ ପୀଠର ସୂଚନା ଓ ଗଣମାଧ୍ୟମ ସଚିବ ଦେବାଶିଷ ମିଶ୍ର ପ୍ରକାଶ କରିଛନ୍ତି ।

ହବିଷ୍ୟାଳି ବ୍ରତ ପାଇଁ ପ୍ରସ୍ତୁତି ବୈଠକ

# ପାରସ୍ପରିକ ସମନ୍ୱୟ ରଖି କାମ କରିବାକୁ ପରାମର୍ଶ

ପୁରୀ,୩।୯ (ସମିସ)

ଚଳିତ ବର୍ଷର ହବିଷ ବ୍ରତ ଅକ୍ଟୋବର ୭ରୁ ଆରମ୍ଭ ହୋଇ ଏକ ମାସ ପର୍ଯ୍ୟନ୍ତ ଚାଲିବ । ଏହାକୁ ସୁଚାରୁ ରୂପେ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପବିତ୍ର କାର୍ତ୍ତିକ ବ୍ରତରେ ହବିଷ୍ୟାଳି ମା'ମାନେ ଏକ ମାସ ଧରି ଶ୍ରୀକ୍ଷେତ୍ରରେ ରହିବାକୁ ଆସୁଥିବାରୁ ସେମାନଙ୍କ ସମସ୍ତ ସୁବିଧା ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦେଇଥିଲେ । ମା'ମାନଙ୍କର ସୁରକ୍ଷିତ ରହଣି, ସ୍ନାନ, ଶୌଚ ବ୍ୟବସ୍ଥା, ଦର୍ଶନ ବ୍ୟବସ୍ଥା, ମହାପ୍ରସାଦ ସେବନ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଦର୍ଶନ ଯାତାୟାତ ପାଇଁ ଗାଡ଼ି ବ୍ୟବସ୍ଥା, ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବିଷୟକୁ ଶୃଙ୍ଖଳିତ କରିବା ପାଇଁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ କରାଯିବ । ଏଥିପାଇଁ ବିଭିନ୍ନ ଗଣମାଧ୍ୟମ ମାଧ୍ୟମରେ ସୂଚନା ଦିଆଯିବ । ହବିଷ୍ୟାଳି ମା'ମାନଙ୍କର ସେବାକୁ ନିଷ୍ଠା ଓ ଧର୍ମର କାର୍ଯ୍ୟ ବୋଲି ବିବେଚନା କରି ପ୍ରତ୍ୟେକ ଦାୟିତ୍ୱ ନିର୍ବାହ ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ବିଗତ ବର୍ଷ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର, ବଗଲା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଓ ମୋଚିସାହି କଲ୍ୟାଣ ମଣ୍ଡପଠାରେ ହବିଷ୍ୟାଳି ମା'ମାନଙ୍କର ରହଣିର ବ୍ୟବସ୍ଥା ହୋଇଥିଲା ବୋଲି କହିଥିଲେ । ଏହାକୁ ସମସ୍ତଙ୍କ ସହଯୋଗରେ ସୁନ୍ଦର ଭାବେ ସଫଳ କରିବା ବୋଲି ସେ କହିଥିଲେ ।

ଏହାକୁ ସୁନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ମା'ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱେଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ । ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ । ତେଣୁ ଏହି କାର୍ଯ୍ୟକୁ ପାରସ୍ପରିକ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଅତିରିକ୍ତ ଏସ୍‌ପି ସଚିନ ପାଟିଲ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ଶ୍ରୀମନ୍ଦିର ଉପ ପ୍ରଶାସକ ରଞ୍ଜନ ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ ।

## ବିବିଧ ଦାବି ରଖିଲା ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ

ପୁରୀ,୩।୯ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର ପାଇଁ ସରକାର ଦେଉଛନ୍ତି ୫୦ ଲକ୍ଷ ଟଙ୍କା । ମାତ୍ର ଶ୍ରୀମନ୍ଦିର ସଂସ୍କୃତି କମିଟିର ଇଚ୍ଛାଶକ୍ତି ଅଭାବରୁ ଖର୍ଚ୍ଚ ନ ହୋଇ ଫେରୁଛି ୪୫ ଲକ୍ଷ । ଏଫ୍‌ଏମ୍ ରେଡିଓ ଏବଂ ନିଜସ୍ୱ ଚ୍ୟାନେଲ ଘୋଷଣା ହେବାର ୧୨ ବର୍ଷ ପରେ ଥରେ ବି ଏହି କମିଟିର ମିଟିଂ ହୋଇନି । ଏପରି ନୀରବତା ପରେ ଅନ୍ୟ ଜଣେ ଘରୋଇ ଚ୍ୟାନେଲ ସିଧା ପ୍ରସାରଣ କରି ବର୍ଷକୁ ପାଉଛି କୋଟି କୋଟି ଟଙ୍କା । ଯଦି ଭାରତ ବର୍ଷର ଅନ୍ୟ ମନ୍ଦିର ପରି ଶ୍ରୀମନ୍ଦିର ୨୦୧୩ରେ ଘୋଷିତ ନିଜର ଚ୍ୟାନେଲ ଆରମ୍ଭ କରନ୍ତା ତେବେ ପୁରୀର ଶିଳ୍ପୀ ଓ ସେବାୟତ ପରିବାରର ପିଲା ମଧ୍ୟ କର୍ମସଂସ୍ଥାନ ପାଆନ୍ତେ । ଏଣୁ ଶ୍ରୀମନ୍ଦିରର ନିଜସ୍ୱ ଚ୍ୟାନେଲ ଆରମ୍ଭ କରାଯାଉ ବୋଲି ଦାବି କରିଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓ ଓଡ଼ିଶା ଯୁବ ଚେତନା ସଂଗଠନ । ଉକ୍ତ ସଂଗଠନ ପକ୍ଷରୁ ଅନ୍ୟାନ୍ୟ କେତେକ ଦାବି ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରଖାଯାଇଛି । ସେଥିମଧ୍ୟରେ ଭଜନ ଚୟନ ସହ ଏହାର ପ୍ରସାରଣ ପାଇଁ ଏକ କମିଟି ହେଉ, ନୀତି ଓ ଭଜନ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଯାଏ ସମ୍ପ୍ରସାରଣ, ସଂସ୍କୃତି ବିକାଶ ପାଇଁ କମିଟି, ଉତ୍ତର ଦ୍ୱାରରେ କେବଳ ପୁରୀବାସୀଙ୍କୁ ପ୍ରବେଶ, ମନ୍ଦିରରେ ମୋବାଇଲ ସମ୍ପୂର୍ଣ୍ଣ ନିଷିଦ୍ଧ(କେବଳ ପାଳିଆ ସେବାୟତଙ୍କ ମୋବାଇଲ ପ୍ରବେଶ ଅଧିକାର ପାଉ), ଡ୍ରୋନ୍, କ୍ୟାମେରା, ଚଷମା, ଫେକ୍ ପ୍ରଚାର ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଖରାପ ହୋଇଥିବା ପାନୀୟଜଳ ଯୋଗାଣର ମରାମତି, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ନଳା ଉପରେ ଓ ୨୪ଘଣ୍ଟିଆ ପାନୀୟଜଳ ଷ୍ଟାଣ୍ଡପୋଷ୍ଟ ପାଖରେ ଭକ୍ତମାନଙ୍କ ପାଇଁ ୨୦ଟି ପରିଶ୍ରାଗାର, ଏମାରମଠ ସଂଲଗ୍ନ ସ୍ଥାନରେ ମୁକ୍ତାକାଶ ଭଜନ ମଣ୍ଡପ କରାଯାଉ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ନୂତନ ପରିଚାଳନା କମିଟି ସଦସ୍ୟଙ୍କଠାରେ ଦାବି ରଖିଛନ୍ତି ଉକ୍ତ ଅନୁଷ୍ଠାନର ସଭାପତି ବଦ୍ରି ମିଶ୍ର ।

## ସାରର ସୁଷମ ବଣ୍ଟନ ନେଇ ଆଲୋଚନା / କଳାବଜାରୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

ପୁରୀ,୩।୯ (ସମିସ): ପୁରୀ ଜିଲ୍ଲାରେ ଖରିଫ୍ ଧାନ ଚାଷରେ ଚାଷୀମାନଙ୍କୁ ସାରର ସୁଷମ ବଣ୍ଟନ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଶାନ୍ତ କୁମାର ଦାଶଙ୍କ ସହିତ ଆଲୋଚନା କରିଛନ୍ତି । ଏବର୍ଷ ଖରିଫ୍ ଧାନ ଚାଷ ପାଇଁ ଆବଶ୍ୟକ ୟୁରିଆ, ଡିଏପି, ଏମ୍‌ପିକେ ଓ ଏମ୍‌ଓପି ସାର ଆବଶ୍ୟକତାଠାରୁ ଅଧିକ ଆସିଛି । ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାର ଆମଦାନୀ କରାଯାଇ ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ପୁରୀ ଜିଲ୍ଲାରେ ୨୦ ହୋଲ୍‌ସେଲରଙ୍କ ମାଧ୍ୟମରେ ୪୦୨ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର୍ ଓ ୩୦ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଶୃଙ୍ଖଳିତ ଭାବେ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି । ଚାଷୀମାନଙ୍କୁ ସାର ସୁଷମ ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା କରିବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି । ସାର ମନୁଷ୍ୟକୃତ ଅଭାବୀ ବିକ୍ରି ପାଇଁ ଓ କଳାବଜାରୀ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି । ଜିଲ୍ଲାରେ ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିଥିବା ୩ ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶ୍ରୀ ସାହୁ କହିଥିଲେ । କୃଷକ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଅକ୍ଷୟ ମହାନ୍ତି, ରଞ୍ଜନ ବରାଳ, ଅର୍ଜୁନ ବରାଳ, ଦୀପକ ନାୟକ, ଦେବପ୍ରସାଦ ସ୍ୱାଇଁ, ବିଭୂତି ମିଶ୍ର, ପ୍ରଶାନ୍ତ ଭୂୟାଁ, ବିଶ୍ୱନାଥ ପଣ୍ଡା, ଉପେନ୍ଦ୍ର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ଗଜପତି ମହାରାଜାଙ୍କୁ ଫେରାଦ୍ ହେଲା ସୁଆର ମହାସୁଆର ନିଯୋଗ ▶ ସହୁଛନ୍ତି କ୍ଷତି, ମିଳୁନି କ୍ଷତିପୂରଣ

ପୁରୀ,୩।୯ (ସମିସ): ବିବିଧ ସମସ୍ୟା ନେଇ ବୁଧବାର ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଫେରାଦ ହୋଇଛି । ନିଯୋଗ ସମ୍ପାଦକ ନାରାୟଣ ମହାସୁଆର ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱତ୍ୱଲିପି ଅନୁସାରେ ସକାଳ ଧୂପରେ ସେମାନେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବାର ଅଧିକାର ରହିଛି । ହେଲେ ଠାକୁରଙ୍କ ନୀତିକାନ୍ତିରେ ବିଳମ୍ବ ହେଉଥିବା ଦର୍ଶାଇ ମନ୍ଦିର ପ୍ରଶାସନ ତାଙ୍କର ଏହି ଅଧିକାର ଛଡ଼ାଇ ନେଇଛି । ସେମାନେ ସକାଳ ଧୂପରେ ଭୋଗ ତୋଳୁନାହାନ୍ତି । କିନ୍ତୁ ପାଳିଆ ଓ ଅନ୍ୟ ସୁପକାରମାନେ କୋଠଭୋଗରେ ପ୍ରସ୍ତୁତ କରି ମାତ୍ରାଧିକ ପରିମାଣର ଭୋଗ ତୋଳିବା ଦ୍ୱାରା ଭୋଗମଣ୍ଡପ ଠିକ୍ ସମୟରେ ସରୁନାହିଁ । ଏହାଦ୍ୱାରା ସେମାନେ କ୍ଷତି ସହୁଥିଲେ ମଧ୍ୟ ସେମାନଙ୍କୁ କୌଣସି କ୍ଷତିପୂରଣ ମିଳୁନାହିଁ । ଅନ୍ୟପକ୍ଷରେ ଶ୍ରୀମନ୍ଦିରକୁ ପ୍ରତିଦିନ ୨୫୧ କ୍ୱିଣ୍ଟାଲ କାଠ ଯୋଜନା ରହିଛି । ହେଲେ ମନ୍ଦିର ରୋଷକୁ ପ୍ରତିଦିନ ମାତ୍ର ୩୫ କ୍ୱିଣ୍ଟାଲ କାଠ ଆସୁଛି । ଦୈନନ୍ଦିନ ୧୨୦ରୁ ୧୫୦ କ୍ୱିଣ୍ଟାଲ କାଠ ବ୍ୟବହାର ହୋଇଥାଏ । ଯଦି ଆସନ୍ତା କାର୍ତ୍ତିକ ହବିଷ୍ୟାଳି ବ୍ରତରେ କାଠ ସମସ୍ୟାର ସମାଧାନ ନ ହୁଏ, ତେବେ ହବିଷ୍ୟାଳି ଓ ଭକ୍ତମାନଙ୍କ ନିମନ୍ତେ ମହାପ୍ରସାଦ ରାନ୍ଧିବାରେ ସମସ୍ୟା ଦେଖାଦେଇପାରେ । ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରିବା ପାଇଁ ଗଜପତି ମହାରାଜାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଯଦି ଏହାର ଉପଯୁକ୍ତ ସମାଧାନ କରା ନ ଯାଏ ତେବେ ସକାଳ ଧୂପରେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବା ପାଇଁ ସେମାନେ ବାଧ୍ୟ ହେବେ ବୋଲି ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି ।

**ସକାଳ ଧୂପରେ ୬୯ ହାଣ୍ଡିକୁ ୧୦୦ କୁଡୁଆ ଭୋଗ ତୋଳିବେ**

## ତୁଳସୀପୁର ବଜାରରେ ଗଣପତିଙ୍କ ଭସାଣ ଉତ୍ସବ



ଚାରିଛକ,୩।୯ (ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଗଣେଶ ବଜାରରେ ଶ୍ରୀଗଜାନନଙ୍କ ଭସାଣ ଉତ୍ସବ ବୁଧବାର ସନ୍ଧ୍ୟାରେ ସମାପନ ହୋଇଯାଇଛି । ପୂଜା ଅବସରରେ ପୂଜା ମଣ୍ଡପ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଜିଲ୍ଲା ପ୍ରଶାସନ ତରଫରୁ ଡିଜେ ବାଦ୍ୟକୁ ନିଷିଦ୍ଧ କରାଯାଇଥିବାରୁ ପାରମ୍ପରିକ ବାଦ୍ୟ ଘଣ୍ଟ, ପଖୋଜ, ବାଜା, ଶଙ୍ଖ ବଜାଇ ପ୍ରଭୁ ଶ୍ରୀଗଜାନନଙ୍କୁ ସୁସଜ୍ଜିତ ଗାଡ଼ିରେ ବସାଇ ବଜାର ପରିକ୍ରମା ପରେ ତୁଳସୀପୁର ନିକଟସ୍ଥ ତେଲେଙ୍ଗା ପୋଖରୀରେ ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା । ଭସାଣ କାର୍ଯ୍ୟକ୍ରମରେ ତୁଳସୀପୁର ବଜାର କମିଟିର ସଭାପତି ସୁରେନ୍ଦ୍ର ବେହେରା, ସମ୍ପାଦକ କୈଳାଶ ସାହୁ, କୋଷାଧ୍ୟକ୍ଷ ନିର୍ମଳ ସାହୁ, ମନମୋହନ ବେହେରା, ମଙ୍ଗୁଳି ସାହୁ, ନୃସିଂହ ତ୍ରିପାଠୀ, କଳ୍ପତରୁ ସାହୁ, କାଶୀନାଥ ସାହୁ, ଧରଣୀଧର ସାହୁ, ସନ୍ତୋଷ ପାତ୍ର, ସୁରେନ୍ଦ୍ର ମଲିକଙ୍କ ସମେତ ସମସ୍ତ ବ୍ୟବସାୟୀ ସାମିଲ୍ ହୋଇଥିଲେ । ପୂଜକ ଭାବେ ପୂର୍ଣ୍ଣଚନ୍ଦ୍ର ପାଣି ଓ ମୁଖ୍ୟକର୍ତ୍ତା ଭାବେ ନିରଞ୍ଜନ ତ୍ରିପାଠୀ କାର୍ଯ୍ୟ ତୁଲାଇଥିଲେ । ସେହିପରି ତୁଳସୀପୁରର ବିଭିନ୍ନ ଅନୁଷ୍ଠାନ ଓ କ୍ଲବ୍ ପକ୍ଷରୁ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ



ନିମାପଡ଼ା,୩।୯ (ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତ ଛିଟିକିଣା ଗ୍ରାମର ଜଣେ ଯୁବକଙ୍କର ବୁଧବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତକ ଜଣକ ହେଲେ ଉକ୍ତ ଗ୍ରାମର ପ୍ରସାନ୍ତ ସ୍ୱାଇଁ ।

ସୂଚନା ମୁତାବକ, ଉକ୍ତ ଗ୍ରାମର ପ୍ରଶାନ୍ତ ସ୍ୱାଇଁ ନିଜ ଘରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ । ପରିବାର ଲୋକମାନେ ତାଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଛନ୍ତି । ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶେଷଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି । ଯୁବକଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୁଃଖ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ରିଲିଫ୍ ପାଣ୍ଠିରୁ ୪ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସ୍ଥାନୀୟ ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା କରିଛନ୍ତି । ପୁଲିସ ଶବକୁ ଜବତ କରିବା ସହ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ



ପିପିଲି,୩।୯ (ସମିସ): ପାର୍ବଣ ପୂର୍ବରୁ ପିପିଲି ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ । ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ ସମୟରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି ପିପିଲି ପୁଲିସ । ତେବେ ଅଭିଯୁକ୍ତ ଜଣକ ହେଲେ ପିପିଲି ଦାଣ୍ଡମୁକୁନ୍ଦପୁର ଅଞ୍ଚଳର ଜୀବନ ମଲ୍ଲିକ ବୋଲି ଜଣାପଡ଼ିଛି । ଚଢ଼ଉ ସମୟରେ ଘଟଣାସ୍ଥଳରୁ ବିପୁଳ ପରିମାଣର ଗନ୍ ପାଉଡର ସହ ପ୍ରାୟ ୩୦ କିଲୋରୁ ଊର୍ଦ୍ଧ୍ୱ ପୋଟାସିୟମ୍ ନାଇଟ୍ରେଟ୍, କୋଇଲା ପାଉଡର ଆଦି ବିସ୍ଫୋରକ ସାମଗ୍ରୀ ପୁଲିସ ଜବତ କରିଛି । ବେଆଇନ ବାଣ ତିଆରି ଓ ବିକ୍ରି କରିବା ଅଭିଯୋଗରେ ଜୀବନ ମଲ୍ଲିକଙ୍କୁ ପୁଲିସ ବୁଧବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଦାଣ୍ଡମୁକୁନ୍ଦପୁରରେ ଚଢ଼ଉ କରିଥିଲା ପିପିଲି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ । ଅଭିଯୁକ୍ତକୁ ଧରିବା ସହିତ ବାଣ ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି । ଆଗକୁ ପାର୍ବଣ ଆସୁଥିବାରୁ ବେଆଇନ ବାଣ କାରଖାନା ଉପରେ ଜୋର୍‌ଦାର୍ ଚଢ଼ଉ କରାଯିବ ବୋଲି ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ କହିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ବଳଙ୍ଗା,୩।୯ (ସମିସ): ବୁଧବାର ମଧ୍ୟାହ୍ନରେ ବଳଙ୍ଗା ବଜାରର ବକ୍ରେଶ୍ୱର ଛକରେ ଅଜଣା ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ବଳଙ୍ଗା ପ୍ରଧାନ ସାହିର ନିରଞ୍ଜନ ପ୍ରଧାନ (୩୫) । ସୂଚନା ମୁତାବକ, ନିରଞ୍ଜନ ବୁଧବାର ମଧ୍ୟାହ୍ନ ସମୟରେ ବଳଙ୍ଗା ବଜାରରେ ବକ୍ରେଶ୍ୱର ଛକରେ ଯାଉଥିଲାବେଳେ ବଜାରରୁ ନିମାପଡ଼ା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ନିରଞ୍ଜନଙ୍କୁ ଧକ୍କା ଦେଇଥିଲା । ଫଳରେ ନିରଞ୍ଜନ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହେଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ମଙ୍ଗଳପୁର ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛି ।

# ସମସ୍ୟା ଘେରରେ ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ






ନିମାପଡ଼ା,୩।୯ (ସମିସ)

ନିମାପଡ଼ା ବିଜ୍ଞପିତ ଅଞ୍ଚଳ ପରିଷଦ ୫୨ତମ ସ୍ୱାୟତ୍ତ ଶାସନ ଦିବସ ପାଳନ କରିଥିବାବେଳେ ନାନା ସମସ୍ୟା ଘେରରେ ବର୍ତ୍ତମାନ ରହିଛି । ବିଶେଷକରି ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହାର ବିକାଶ ହୋଇପାରୁ ନ ଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତା ଉପରେ ବର୍ଷା ପାଣି ଜମାହୋଇ ରହିବା ଫଳରେ ସେଥିରେ ଅଳିଆ ଆବର୍ଜନା ପଡ଼ି ପାଣି ଦୂଷିତ ହୋଇ ଦୁର୍ଗନ୍ଧ ହେଉଛି । ଯାହା ସେଠାକାର ପରିବେଶ ପ୍ରଦୂଷଣ ହେବା ଫଳରେ ବିଭିନ୍ନ ସଂକ୍ରମଣ ହୋଇ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଲୋକମାନେ ଆକ୍ରାନ୍ତ ହେଉଥିବା ଶୁଣିବାକୁ ମିଳିଛି । ସେହିପରି ନିମାପଡ଼ା ଜୟଗୁରୁ ଆଶ୍ରମଠାରୁ କୋର୍ଟ ଛକ କେନାଲ ବନ୍ଧ ଖାଲଖମାରେ ଭର୍ତ୍ତି ହୋଇ ଲୋକମାନଙ୍କ ଯାତାୟାତରେ ନାନା ଅସୁବିଧା ସୃଷ୍ଟି ହେଉଛି । ବ୍ଲକ୍ ଛକ ସମ୍ମୁଖ ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତା, ଥାନା ସମ୍ମୁଖ ରାସ୍ତା, ଚେୟାରମ୍ୟାନ୍ କ୍ୱାର୍ଟର୍ସ ରାସ୍ତା, ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଜମାହୋଇ ରହୁଛି ବର୍ଷା ଜଳ । ବିଭିନ୍ନ ୱାର୍ଡରେ ବର୍ଷା ପାଣି ଜମିବା ଫଳରେ ୱାର୍ଡବାସୀ ଘରୁ ବାହାରିପାରୁ ନାହାନ୍ତି । ପାଣି ଜମା ହେବା ଫଳରେ ଅଳିଆ ଆବର୍ଜନା ଗଦା ହେବା ଫଳରେ ମଶାମାଛିଙ୍କ ଉପଦ୍ରବ କହିଲେ ନସରେ । ମୁଖ୍ୟ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତାକଡ଼ରୁ ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା । ମାତ୍ର ଉଚ୍ଛେଦ ହେବାର ୨ବର୍ଷ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କ ପାଇଁ ସୁବନ୍ଦୋବସ୍ତ କରାଯାଇ ନ ଥିବାବେଳେ ପର୍ଯ୍ୟାୟ କ୍ରମେ ସେମାନଙ୍କୁ ଥଇଥାନ କରାଯିବ ବୋଲି ସ୍ୱାୟତ୍ତ ଶାସନ ଦିବସ ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ବିଶେଷକରି ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଯାତ୍ରୀ ବିଶ୍ରାମାଗାର ନ ଥିବାବେଳେ ସୁଲଭ ଶୌଚାଳୟ, ପାନୀୟଜଳ, ପଥପ୍ରାନ୍ତ ସୁବିଧା କେନ୍ଦ୍ରଟିଏ ବି ନାହିଁ । ଯାହା ଫଳରେ ଯାତ୍ରୀମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଛି । ବିଭିନ୍ନ ସଭା ସମିତିରେ ରାଜନେତାମାନେ ଏନ୍‌ଏସିର ବିକାଶ ହେଉଥିବା ଡିଣ୍ଡିମ ପିଟୁଥିବାବେଳେ ବର୍ତ୍ତମାନ ଏନ୍‌ଏସି ଅବସ୍ଥା କିଭଳି ଅଛି ଦେଖିଲେ ଜଣାପଡ଼ିବ । ଗତ ରବିବାର ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସମସ୍ତଙ୍କ ସହଯୋଗ ରହିଲେ ନିମାପଡ଼ା ଏନ୍‌ଏସିର ବିକାଶ ହୋଇପାରିବ ।

# ସମ୍ପାଦକୀୟ



ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ

THE SAKALA

## ବ୍ୟବସ୍ଥା ବିରୋଧରେ ବିଦ୍ରୋହ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ଜନସମୁଦାୟ ନିକଟରେ ଉତ୍ତରଦାୟୀ। ଏକ୍ଷେତ୍ରରେ ମାତ୍ରାଧିକ ବ୍ୟତିକ୍ରମ ବେଳେ ବେଳେ ବିଦ୍ରୋହର ପଥ ପରିଷ୍କାର କରିଥାଏ। ଶାତନତନ୍ତ୍ରକୁ ମତାଧିକାର ମାଧ୍ୟମରେ ହଟାଇବାର ସୁଯୋଗ ଜନତାଙ୍କ ପାଖରେ ଥିଲେ ମଧ୍ୟ ପ୍ରତାରଣାର ସୀମା ଲଂଘନ ହେଲେ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ସମୟକୁ ଅପେକ୍ଷା ନ କରି ଶାସନ-ବିରୋଧୀ ବିସ୍ଫୋରକ ସ୍ଥିତି ଜନ୍ମ ନିଏ, ଯାହା ଏବେ ବିଶ୍ୱର ତୃତୀୟ ବୃହତ୍ ଗଣତନ୍ତ୍ର ଇଣ୍ଡୋନେସିଆରେ ଘଟିଛି। କ୍ଷମତା କେନ୍ଦ୍ର ଯେମିତି ଚାହେଁ ଅତୁଟ ଓ ଅପରିବର୍ତ୍ତିତ ଶାସନ ବ୍ୟବସ୍ଥା, ଜନସମୂହ ମଧ୍ୟ ସେମିତି ଚାହାନ୍ତି ପ୍ରତାରଣା ଓ ପ୍ରବଞ୍ଚନା ମୁକ୍ତ ସୁଶାସନ। ଏହି ପୃଷ୍ଠଭୂମିରେ ଇଣ୍ଡୋନେସିଆରେ କ୍ଷମତା ବିରୋଧୀ ଆନ୍ଦୋଳନ ଯେଉଁ ରୂପ ନେଇଛି, ସେଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି ଏବଂ ୩୧୯୫ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶ୍ରମିକ ସଂଗଠନ ସହ ସଂଶ୍ଳିଷ୍ଟ କର୍ମୀ। ଏମାନଙ୍କୁ ଦେଶଦ୍ରୋହୀ ଓ ଆତଙ୍କବାଦୀ ଘୋଷଣା କରାଯାଇଛି। ଆନ୍ଦୋଳନକାରୀ ଜଣେ ସାଂସଦଙ୍କ ଗୃହଦାହ କରିବା ସହ ଅର୍ଥମନ୍ତ୍ରୀ ମୂଲ୍ୟାନୀ ଇନ୍ଦ୍ରାବତୀଙ୍କ ବାସଗୃହ ଲୁଟପାଟ କରିଛନ୍ତି। ସାଂସଦଙ୍କ ମାସିକ ଭତ୍ତା ୩୦୦୦ ଡଲାର ବୃଦ୍ଧି ନିଷ୍ପତ୍ତିକୁ କେନ୍ଦ୍ର କରି ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହା ଜାକର୍ତ୍ତାର ସର୍ବନିମ୍ନ ବେତନଠାରୁ ୧୦ ଗୁଣ ଅଧିକ। ପୁଲିସ ଓ ସାମରିକ ବାହିନୀର କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନରେ ହିଂସା ପ୍ରଶମିତ ହୋଇଛି ସତ, କିନ୍ତୁ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଆମେରିକା ଢାଞ୍ଚାରେ ଇଣ୍ଡୋନେସିଆରେ ରାଷ୍ଟ୍ରପ୍ରତି ପ୍ରଧାନ ଶାସନ ବ୍ୟବସ୍ଥା ପ୍ରଚଳିତ ଏବଂ ରାଷ୍ଟ୍ରପତି ହିଁ ଶାସନର ସର୍ବମୟ କର୍ତ୍ତା। ୨୦୨୪ ଅକ୍ଟୋବର ନିର୍ବାଚନରେ କ୍ଷମତାସୀନ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋଙ୍କ ମୁଖ୍ୟ ପ୍ରତିଶ୍ରୁତି ଥିଲା, ଦୁର୍ନୀତିର ମୂଳୋତ୍ପାଟନ ଓ ଆତ୍ମନିର୍ଭରଶୀଳ ଇଣ୍ଡୋନେସିଆ ଗଠନ। ୨୦୧୪ରୁ ନିରଙ୍କୁଶ କ୍ଷମତାରେ ରହିଆସିଛି ସେ ପ୍ରତିନିଧିତ୍ୱ କରୁଥିବା ଇଣ୍ଡୋନେସୀୟ ଗଣତାନ୍ତ୍ରିକ ଦଳ (ଆଇଡିପି)। ଦେଶବାସୀ ମନରେ କୁହୁଳୁଥିବା ଅସନ୍ତୋଷର ମୁଖ୍ୟ କାରଣ ହେଲା, ଦୀର୍ଘଦିନ ଧରି କର୍ମଚାରୀଙ୍କ ବେତନ – ଭତ୍ତା ଅପରିବର୍ତ୍ତିତ ରହି ଦରଦାମ କ୍ରମାଗତ ବଢ଼ିଚାଲିଥିବାରୁ ଲୋକଙ୍କ କ୍ରୟଶକ୍ତି କମି ଚାଲିଛି। ଆଉଟସୋର୍ସିଂକୁ ପ୍ରାଧାନ୍ୟ ଦେଇ ନିଯୁକ୍ତି ସୁଯୋଗ ହ୍ରାସ କରାଯାଇଥିବାରୁ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଭଳି ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତିରେ ସାଂସଦଙ୍କ ଭତ୍ତା ବୃଦ୍ଧି ନିଷ୍ପତ୍ତି ବିଦ୍ରୋହ ପାଇଁ ଖୋରାକ ଯୋଗାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ରାଷ୍ଟ୍ରପତି ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି।

ଜେନେରାଲ ସୁହାର୍ତ୍ତୋଙ୍କ ଏକଛତ୍ରବାଦୀ ଶାସନର ୧୯୯୮ରେ ଅବସାନ ପରେ ଇଣ୍ଡୋନେସିଆରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇଛି। ଶାସନ ଢାଞ୍ଚାରେ ପରିବର୍ତ୍ତନ ପ୍ରୟାସୀଙ୍କ ମନରେ ଅନେକ ଆଶା ଓ ଉଦ୍ଦୀପନା ଏବେ ବି ସଜୀବ ହୋଇରହିଛି। ତେଣୁ ଆକାଂକ୍ଷିତ ସୁଫଳ ମିଳିବା ଯେତିକି ବିଳମ୍ବିତ ହେଉଛି ସେମାନଙ୍କ ମନରେ ବିଦ୍ରୋହର ବହ୍ନି ସେତିକି ଉଜ୍ଜୀବିତ ହେଉଛି। ଇଣ୍ଡୋନେସିଆର ଶାସନ ବିରୋଧୀ ବିଦ୍ରୋହ ବିଶ୍ୱକୁ ଏହି ବାର୍ତ୍ତା ଦେଇଛି ଯେ ପ୍ରବଞ୍ଚନାମୂଳକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା, ନ ହେଲେ ବିଦ୍ରୋହ ଅବଶ୍ୟାମ୍ଭାବୀ ●

## ପ୍ରତିବନ୍ଧକୁ ପ୍ରତ୍ୟାଖ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇଙ୍ଗିତରେ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଅର୍ଥନୈତିକ ବାସନ୍ଦ ବା ପ୍ରତିବନ୍ଧ ପ୍ରୟୋଗ ପାଇଁ କଥା କଥାକେ ବିଶ୍ୱକୁ ଯେଉଁ ନାଲି ଆଖି ଦେଖାଉଛନ୍ତି ତାହାକୁ ମିଳିତ ପ୍ରତିରୋଧ କରିବାର ସମୟ ଉପସ୍ଥିତ। ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଏକଥା କହିଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍। ଏସସିଓ ଏକ ଆଞ୍ଚଳିକ ସହଯୋଗୀ ଓ ସହଭାଗିତା ମଞ୍ଚ ହୋଇଥିଲେ ମଧ୍ୟ ଏକ ବୃହତ୍ତର ଦିଗକୁ ପୁଟିନ୍‌ଙ୍କ ଇଙ୍ଗିତକୁ ଚୀନ ପୂର୍ଣ୍ଣ ସମର୍ଥନ କରିଛି। ବ୍ରିକ୍ସ ଅଂଶୀଦାର ରାଷ୍ଟ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଟିନ ଓ ସି ଜିନପିଙ୍ଗ ଏହି ମିଳିତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସମଗ୍ର ବିଶ୍ୱରେ ବଜାର ଅର୍ଥନୀତିର ପ୍ରାଧାନ୍ୟ ବୃଦ୍ଧି ପାଇଥିବା ବେଳେ ପାରସ୍ପରିକ ନିର୍ଭରଶୀଳତା ଓ ସହଯୋଗିତାର ଗୁରୁତ୍ୱ ବଢ଼ିଛି। ଅପରପକ୍ଷରେ ଏବେ ମଧ୍ୟ ବାଣିଜ୍ୟ ଓ ବିନିମୟରେ ଡଲାରର ପ୍ରାଧାନ୍ୟ ଅତୁଟ ରହିଥିବାରୁ ଟ୍ରମ୍ପ ବଡ଼ଭାଇ ପଣିଆ ଜାହିର କରିଚାଲିଛନ୍ତି। ବ୍ରିକ୍ସ ପକ୍ଷରୁ ଡଲାରର ବିକଳ୍ପ ବ୍ୟବସ୍ଥା ସପକ୍ଷରେ କେତେକ ପଦକ୍ଷେପ ନିଆଯାଇଥିବା ସୂଚନା ଟ୍ରମ୍ପଙ୍କୁ ବିବ୍ରତ କରିଛି। ତେଣୁ ବ୍ରିକ୍ସ ସଦସ୍ୟ ହିଁ ତାଙ୍କ ଟାରିଫ ରାଜନୀତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। ଏହି ପ୍ରେକ୍ଷାପଟରେ ଚୀନ୍ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ପୁଟିନ କହିଛନ୍ତି ଯେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶରେ ପରିଲକ୍ଷିତ ପ୍ରତିବନ୍ଧକ ଦୂର ସକାଶେ ଅତିରିକ୍ତ ସମ୍ବଳ ସଂଗ୍ରହକୁ ରୁଷ ଓ ଚୀନ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବେ।

ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଂଗଠନ ପାରିସ୍ପରିକ ସହଯୋଗ ହେବା ପାଇଁ କାର୍ଯ୍ୟ କରୁଛନ୍ତି। ପରିବର୍ତ୍ତିତ ପରିବେଶରେ ସାଉଦୀ ଆରବ, ଇରାନ, ଇଥିଓପିଆ, ମିଶର, ଆର୍ଜେଣ୍ଟିନା ଓ ଆରବ ଏମିରେଟ୍ସ ଏହି ସଂଗଠନରେ ଖୁବ୍ ଶୀଘ୍ର ଯୋଡ଼ି ହେଉଛନ୍ତି। ସମ୍ବଳ ସକାଶେ ଆମେରିକା ଓ ୟୁରୋପ ରାଷ୍ଟ୍ର ସମୂହ ଉପରେ ନିର୍ଭରଶୀଳତା ହ୍ରାସ ପଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ବିଶ୍ୱବ୍ୟାଙ୍କ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ମସ୍କୋ ଓ ବେଜିଂ ମିଳିତ ପଦକ୍ଷେପ ଗ୍ରହଣ କରିବେ। ସମୟର ଆବଶ୍ୟକତା ସଂପର୍କରେ ସୂଚନା ଦେଇ ପୁଟିନ କହିଛନ୍ତି ଯେ ବିଶ୍ୱର ଏହି ଅର୍ଥ ଯୋଗାଣକାରୀ ସଂସ୍ଥା ବାଛବିଚାରମୂଳକ ନୀତି ପରିତ୍ୟାଗ କରି ସମାନ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ଉଚିତ୍। ଏହି ମହାନ ଲକ୍ଷ୍ୟ ହାସଲ ପ୍ରତି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି।

ଏସସିଓ ଶିଖର ସମ୍ମିଳନୀ ଅବସରରେ ପୁଟିନଙ୍କ ଏହି ବକ୍ତବ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ବିଶେଷକରି ଏକ ପ୍ରତିକୂଳ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଠକରେ ଯୋଗଦାନ ଏବଂ ଭାରତର ଆସ୍ଥା ଓ ବିଶ୍ୱାସ ହାସଲ ସକାଶେ ଏହାକୁ ଏକ କୂଟନୈତିକ ପଦକ୍ଷେପ ରୂପେ ଗ୍ରହଣ କରାଯାଇପାରେ। ବିଶେଷକରି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟକୁ କିଭଳି ପ୍ରତିରୋଧ କରାଯାଇପାରିବ ତାହାର ନକ୍ସା ପ୍ରସ୍ତୁତି ପୁଟିନଙ୍କ ବ୍ୟକ୍ତବ୍ୟରୁ ସ୍ପଷ୍ଟ ହୋଇଛି।●

# ପ୍ରକୃତି ଆଉ ସହିବ ନାହିଁ

**ସୌଭାଗ୍ୟ ସୁନ୍ଦରରାୟ**

ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ କଲିଜା ଥରା ଖଣ୍ଡପ୍ରଳୟ ଘଟିଯାଇଛି। ଆଖି ପିଛୁଳାକେ ଧରାଲି ମାଟିରେ ମିଶିଗଲା। ମାତ୍ର ୨୦ ସେକେଣ୍ଡରେ ବାସଗୃହ, ହୋଟେଲ, ଢାବା ବଜାର ନିଶ୍ଚିହ୍ନ ହୋଇଗଲା। ବୃହତ୍‌କାୟ ପଥର ମୁଣ୍ଡିଆ, ପଙ୍କାଦୁଅ, ମାଟିରେ ଧରାଲି ପୋତି ହୋଇପଡ଼ିଲା। ଏହାକୁ ପ୍ରକୃତିର ନକାରାତ୍ମକ ଦିଗ ବୋଲି କୁହାଯାଇପାରେ। ତେବେ ସକାରାତ୍ମକ ଦିଗଟି ହେଲା ଭଗୀରଥର ଉପନଦୀ କ୍ଷୀରଗଡ଼ ନଦୀ ଶଯ୍ୟା ପୂର୍ବବସ୍ଥାକୁ ଫେରିଆସିଲା। କ୍ଷୀରଗଡ଼ ଓ ଭଗୀରଥର ସଙ୍ଗମ ସ୍ଥଳରେ ସୃଷ୍ଟି ହୋଇଥିବା ୨୦ ହେକ୍ଟର ବିଶିଷ୍ଟ ଚଡ଼ା ସଂପୂର୍ଣ୍ଣ ଧୋଇ ହୋଇଗଲା। ଏହାକୁ ପ୍ରାକୃତିକ ଦୁର୍ବିପାକ କିମ୍ବା ପ୍ରକୃତିର ଭାରସାମ୍ୟ ରକ୍ଷା ବୋଲି ମଧ୍ୟ କୁହାଯାଇପାରେ।

ଧରାଲି ଉତ୍ତରକାଶୀର ଏକ କ୍ଷୁଦ୍ର ଗ୍ରାମ। ଜନସଂଖ୍ୟା ମାତ୍ର ୫୦୦। ଚାରିଧାମ ରାସ୍ତା ପାର୍ଶ୍ୱରେ ଗ୍ରାମଟି ଅବସ୍ଥିତ। ଏଠାରୁ ଗଙ୍ଗୋତ୍ରୀ ଧାମର ଦୂରତା ମାତ୍ର ୧୫/୨୦ କିଲୋମିଟର। ଗଙ୍ଗୋତ୍ରୀ, ଯମୁନେତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ନେଇ ଗଠିତ ଚାରଧାମ ଆଧ୍ୟାତ୍ମିକ ସର୍କିଟକୁ ଗମନାଗମନ ଦୃଷ୍ଟିରୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ସରକାର ଏହି ରାସ୍ତା ପ୍ରଶସ୍ତ ପାଇଁ ନିଷ୍ପତ୍ତି ନେଲେ। କୁହାଗଲା ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏହା କରାଯାଉଛି। ପାହାଡ଼ କଟାହେଲା। ରାସ୍ତା ସୁଗମ ହେଲା। ଚାରିଧାମକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଲା। ଧରାଲି ଓ ଏହାର ନିକଟବର୍ତ୍ତୀ ପଡ଼ା ଗ୍ରାମ ସୁଖି ଓ ଝଲା ଉଚ୍ଚ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଲା। ଧରାଲିରେ ଅନେକ ହୋଟେଲ, ଅତିଥିଶାଳା, ଢାବା ଓ କୋଠା ନିର୍ମାଣ କରାଗଲା। ପରିସ୍ଥିତି ଏପରି ହେଲା ଯେ, ପର୍ଯ୍ୟଟନ ଋତୁରେ ଧରାଲିର ଜନସଂଖ୍ୟାଠାରୁ ପର୍ଯ୍ୟଟକ ସଂଖ୍ୟ ଦ୍ୱିଗୁଣିତ ହୋଇଗଲା। ଧରାଲି ବାସିନ୍ଦାଙ୍କ ଆୟ ବୃଦ୍ଧି ଘଟିଲା ଏବଂ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥାଗମ ହେଲା।

୫୦ ଦଶକରେ ଚାଲିଚାଲି ବଦ୍ରିନାଥରେ ପହଞ୍ଚିବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ୪ ଦିନ ସମୟ ଲାଗିଯାଉଥିଲା। ତେବେ ୧୯୬୨ ମସିହା ଯୁଦ୍ଧ ପରେ ରାସ୍ତା ନିର୍ମାଣ, ବସସେବା ଏହି ସମୟ ସୀମାକୁ ହ୍ରାସ କରିବାରୁ ପର୍ଯ୍ୟଟକ ଆଗମନରେ ବୃଦ୍ଧି ଘଟିଥିଲା। ୬୦ ଦଶକ ସୁଦ୍ଧା ଏହି ଅଞ୍ଚଳକୁ ପର୍ଯ୍ୟଟକ ଆଗମନ ସଂଖ୍ୟା ୨ଲକ୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ଗତବର୍ଷ ବଦ୍ରିନାଥକୁ ୧୪ ଲକ୍ଷ ଓ କେଦାରନାଥକୁ ୧୬ ଲକ୍ଷ ଶ୍ରଦ୍ଧାଳୁ / ପର୍ଯ୍ୟଟକ ଗସ୍ତ କରିଥିବା ଜଣାଯାଇଛି। ଆଉ କିଛିଦିନ ପରେ ଚାରଧାମ ରାଜପଥ ପ୍ରକଳ୍ପ ସଂପୂର୍ଣ୍ଣ ହେବ। ସେତେବେଳକୁ ପର୍ଯ୍ୟଟକ ସଂଖ୍ୟା କେତେ ବୃଦ୍ଧି ପାଇବ ଅନୁମାନ କରାଯାଇପାରେ। ଏତେସଂଖ୍ୟକ ପର୍ଯ୍ୟଟକଙ୍କୁ ବିଭିନ୍ନ ମୌଳିକ ଓ ରହଣି ସୁବିଧା ଯୋଗାଇ ଦେବା ନିମନ୍ତେ ଅବିଚାରିତ ଭାବେ ଏଠାରେ ନିର୍ମାଣ କାର୍ଯ୍ୟ ଚାରି ରହୁଛି। ନଦୀ ଶଯ୍ୟାରେ କଂକ୍ରିଟ ନିର୍ମାଣ କରାଯାଇଛି। ଗଛ କଟାଯାଉଛି। ଗାଡ଼ି ପାର୍କିଂ ନିମନ୍ତେ ନଦୀଶଯ୍ୟା ପୋତି ଦିଆଯାଉଛି। ଏଥିପାଇଁ ଡିନାମାଇଟ ଓ ଅନ୍ୟାନ୍ୟ ଭାରି ଯନ୍ତ୍ରାଂଶ ଉପଯୋଗ କରାଯାଉଛି। ଏସବୁ ଯନ୍ତ୍ର ବ୍ୟବହାର ଦ୍ୱାରା ହିମାଳୟ ପାର୍ବତ୍ୟାଞ୍ଚଳରେ କମ୍ପନ ସୃଷ୍ଟି ହେଉଛି। ଫଳରେ ଏହାର ମୂଳ ଦୋହଲି ଯାଉଛି। ନିର୍ମାଣ ସମୟରେ ବାହାରୁଥିବା ବର୍ଜ୍ୟ ଓ ପର୍ଯ୍ୟଟକଙ୍କ ଦ୍ୱାରା ସୃଷ୍ଟ କଠିନ ବର୍ଜ୍ୟକୁ ନଦୀରେ ଫିଙ୍ଗି ଦିଆଯାଉଛି। ଚାରଧାମ ରାସ୍ତା ପ୍ରକଳ୍ପ ପାଇଁ ଇତିମଧ୍ୟରେ ୫୦ ହଜାରରୁ ଅଧିକ ଗଛ କଟାଯାଇ ସାରିଲାଣି।

ବାଦଲ ଫଟା ବର୍ଷା ଯୋଗୁଁ ଧରାଲି ବିପର୍ଯ୍ୟୟ ଘଟିଲା ବୋଲି ଯାହା କୁହାଯାଇଛି ତାହାର ବିଶେଷ ସତ୍ୟତା ନାହିଁ। କାରଣ ଘଟଣା ଦିନ ଉତ୍ତରକାଶୀ ଜିଲ୍ଲାରେ ସର୍ବାଧିକ ୨୭ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଧରାଲି ଅଞ୍ଚଳରେ ଏହାଠାରୁ କମ୍ ମାତ୍ର ୬.୫ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହାକୁ ବାଦଲଫଟା ବର୍ଷା କୁହାଯାଇପାରିବ ନାହିଁ। ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହିମସ୍ରୋତ ରହିଛି। କେଉଁଠି ତୁଷାର ହ୍ରଦ ମଧ୍ୟ ରହିଛି। ନିର୍ମାଣ ଜନିତ କମ୍ପନ କାରଣରୁ ହିମସ୍ରୋତ ବା ତୁଷାର ହ୍ରଦ ଏକପ୍ରକାର ବିସ୍ଫୋରିତ ଅବସ୍ଥାକୁ ଚାଲିଆସିଲା, ଯାହା ଧରାଲି ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି। ଉପର ମୁଣ୍ଡରୁ ଆସୁଥିବା ଏହି ସ୍ରୋତର ଶକ୍ତି ଓ ଗତି ଅତ୍ୟନ୍ତ ତୀବ୍ର ରହିଥାଏ, ଯେଉଁ କାରଣରୁ ଧରାଲି ଏକ ବାଲିଘର ପରି ଭୁଶୁଡ଼ି ପଡ଼ିଲା। ଧରାଲି ପୂର୍ବରୁ ୧୯୭୮, ୧୯୮୪, ୨୦୦୩, ୨୦୧୦, ୨୦୧୨ ଓ ୨୦୧୮ ମସିହାରେ ଅତ୍ୟଧିକ ବୃଷ୍ଟିପାତ, ବନ୍ୟା, ବାଦଲଫଟା ବର୍ଷା ଆଦି ଦେଖିଛି। କିନ୍ତୁ ଏହି ବିପର୍ଯ୍ୟୟ ମଧ୍ୟରେ କାହାରି ପ୍ରାଣହାନି ଘଟି ନ ଥିଲା। ପ୍ରଥମ ଥର ପାଇଁ ଧରାଲିରେ ପ୍ରାଣହାନି ଘଟିବା ସହ ଏହି ଜନବସତି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା।

ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ। ହିମାଳୟ କନିଷ୍ଠ ପର୍ବତମାଳା ଭାବେ ବିବେଚିତ। ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ମାତ୍ର ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ହୋଇଥିବାରୁ ଏହାର ଭୂସ୍ତର ଏବେ ମଧ୍ୟ ନମନୀୟ ଓ ଭଙ୍ଗୁର। ଏହି ପରିସ୍ଥିତିରେ ମନୁଷ୍ୟକୃତ କାର୍ଯ୍ୟକଳାପ ହିମାଳୟ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି। ହିମାଳୟ ପାର୍ବତ୍ୟମାଳା ଅନ୍ତର୍ଗତ ଯୋଶୀମଠ ଅଞ୍ଚଳଟି ୨୦୨୩ ମସିହାରେ ଦବିଗଲା। କାରଣ ଅନୁଧ୍ୟାନ ପାଇଁ ୧୯୬୪ ମସିହାରେ ଘରୱାଲ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ୧୮ ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ଯୋଶୀମଠ ଅଞ୍ଚଳ ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ। ଏହାମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ସହ ହିମାଳୟ ମଧ୍ୟ ପ୍ରଭାବିତ ହେଉଛି। ଏଥିସହ ମନୁଷ୍ୟକୃତ ହସ୍ତକ୍ଷେପ ହିମାଳୟର ଦୁର୍ଦ୍ଦିନକୁ ଦ୍ୱିଗୁଣିତ କରିଛି। ଯୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପକୁ ମଞ୍ଜୁରୀ ଦିଆ ଯିବା ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରତିବାଦ କରିଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଟନେଲ ନିର୍ମାଣ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି। ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁଁ ନିମ୍ନ ଜଳ ଫୁଟି ବାହାରି ବନ୍ୟା ପରି ସମସ୍ୟା ସୃଷ୍ଟି କରୁଛି।

କେରଳର ୱାୟନାଡ଼ରେ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ଭୟଙ୍କର ଭୂସ୍ଖଳନ ଘଟି ଶତାଧିକ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଲା। ଅତ୍ୟଧିକ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ଘଟିଥିବା କୁହାଗଲା। କିନ୍ତୁ କେବଳ ବର୍ଷାକୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ। ସେଠାରେ ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ଜଳବିଦ୍ୟୁତ ପ୍ରକଳ୍ପ ଓ ଖଣି ଖନନ କାର୍ଯ୍ୟ ଜାରି ରହିଛି। ପଶ୍ଚିମଘାଟ ପର୍ବତମାଳା ସୁରକ୍ଷା ପାଇଁ ପ୍ରସ୍ତାବ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୨୦୧୦ ମସିହାରେ ଏକ କମିଟି ଗଠନ କରାଯାଇଥିଲା। ବିଶିଷ୍ଟ ପରିବେଶବିତ୍ ତଥା ପଶ୍ଚିମଘାଟ ପର୍ବତମାଳା ବିଶେଷଜ୍ଞ ଭାବେ ପରିଚିତ ମାଧବ ଗାଡ଼ଗିଲ ଏହି କମିଟିର ନେତୃତ୍ୱ ନେଇ ୫ଟି ଚିଠା ପ୍ରସ୍ତବ ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟଠାରୁ ଆରମ୍ଭ କରି କେଉଁ ଅଞ୍ଚଳରେ କିପ୍ରକାର ବିକାଶମୂଳକ କାର୍ଯ୍ୟ କରାଯିବ, କେଉଁ କାର୍ଯ୍ୟ ସଂପୂର୍ଣ୍ଣ ନିଷେଧ କରାଯିବ ଏବଂ କେଉଁଟି ନିୟନ୍ତ୍ରିତ ଭାବେ କରାଯିବ ତାହା ଉଲ୍ଲେଖ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବ ୨୦୧୪ ମସିହାରେ ସରକାରଙ୍କୁ ଦିଆଯାଇଥିଲା। ତାହାର କାର୍ଯ୍ୟକାରିତା ଫାଇଲ ମଧ୍ୟରେ ହଜିଯାଇଛି। ଧରାଲି, ଯୋଶୀମଠ, ୱାୟନାଡ଼ କିମ୍ବା କୋରାପୁଟ ହେଉ, ବିକାଶମୂଳକ କାର୍ଯ୍ୟ ଓ ଭିତ୍ତଭୂମି ସୃଷ୍ଟି ନିକଟରେ ପରିବେଶ ସୁରକ୍ଷା ହାର ମାନିଯାଇଛି, ଯାହାର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡୁଛି ଓ ପଡ଼ିବ।

ସୁଖ, ସ୍ୱାଚ୍ଛନ୍ଦ୍ୟ, ଆମୋଦପ୍ରମୋଦ ଓ ବିଳାସବ୍ୟସନରେ ରହିବାକୁ ଚାହୁଁଥିବା ମଣିଷ ପ୍ରକୃତି ବିନିମୟରେ ସବୁକିଛି କରିବା ପାଇଁ ଚାହୁଁଛି। ଅପରପକ୍ଷରେ ପ୍ରକୃତି ପ୍ରତି ଅବିଚାରିତ ନିର୍ଯାତନା ଧରିତ୍ରୀ ବେଶୀ କାଳ ସହ୍ୟ କରିପାରିବ ନାହିଁ ବୋଲି ଯେଉଁ ବାର୍ତ୍ତା ଦେଉଛି ତାହା ପୁଣି ଥରେ ଧରାଲିରେ ପ୍ରତିଧ୍ୱନିତ ହୋଇଛି। ଏଇଠି ମନେପଡ଼େ ସନ୍ଥ ହାଡ଼ିଦାସ ଲେଖିଥିବା ମାଳିକାର କିଛି ଅଂଶ। ତାହା ହେଲା - 'ହିମାଳୟ ଗିରି ଫାଟିଲୋ ବଉଳ, ଦୋହଲି ଯିବ କଲିଜା; କଳାପାହାଡ଼ ଯେ ଦେଶରେ ବୁଲିବେ, ବଜାଇ ବିବିଧ ବାଜା।'●

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ଡିଜିଟାଲ୍ ଯୁଗରେ ରେଡିଓର ପ୍ରାସଙ୍ଗିକତା

**ଡକ୍ଟର ଅଭିମନ୍ୟୁ ବରାଳ**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏକ ପ୍ରକୃଷ୍ଟ ଗଣମାଧ୍ୟମ ଭାବରେ ରେଡିଓ ବେଶ ପ୍ରଭାବ ବିସ୍ତାର କରିଥିଲା। ଓଡ଼ିଶାର ବିଭିନ୍ନ ଲୋକସଂଗୀତ ବା ଲୋକକଳାର ପ୍ରଚାର ପ୍ରସାରରୁ ଆରମ୍ଭ କରି କୃଷି ସଂପର୍କିତ ସୂଚନା, ଉପଦେଶ ଓ ଦିଗ୍‌ଦର୍ଶନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗ ପୂର୍ବସୂଚନା; ନିଯୁକ୍ତି ସୂଚନା; ଅନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଖବର ପ୍ରସାରଣ, ମନୋରଞ୍ଜନ ପାଇଁ ରେଡିଓ ହିଁ ମାଧ୍ୟମ ଥିଲା।

ପ୍ରଖ୍ୟାତ ବୈଜ୍ଞାନିକ ହେନେରିକ୍ ରୁଡୋଲ୍ଫ ଜର୍ଜଙ୍କ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ୧୮୮୭ ରୁ ୧୮୮୮ ମଧ୍ୟରେ ପରୀକ୍ଷଣ ହୋଇଥିଲା। ୧୯୦୧ ମସିହାରେ ଇଟାଲିର ବୈଜ୍ଞାନିକ ଜି.ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ର ଦ୍ୱାରା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା। ସେହିଠାରୁ ହିଁ ରେଡିଓର ଜନ୍ମ। ବୈଜ୍ଞାନିକ ମାର୍କୋନୀ ରେଡିଓର ଜନକ। ୧୮୦୬ ମସିହାରେ ପ୍ରଥମେ ଜେନିନାଲଫେସେଣ୍ଡେନ୍‌ଙ୍କ ଦ୍ୱାରା ମଣିଷର ସ୍ୱର ରେଡିଓ ଦ୍ୱାରା ପ୍ରସାରିତ ହୋଇଥିଲା। ଆମ ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ 'ରେଡିଓ କ୍ଲବ୍ ଅଫ୍ ବମ୍ବେ' ନାମରେ ରେଡିଓ ପ୍ରବେଶ କଲା। ୧୯୩୬ ମସିହାରେ 'ଅଲ୍ ଇଣ୍ଡିଆ ରେଡିଓ' ଏବଂ ୧୯୫୬ ମସିହାରେ 'ଆକାଶବାଣୀ' ଭାବେ ଜନମାନସରେ ରେଡିଓ ଆଦୃତି ଲାଭ କଲା। ଆମ କଟକ ଆକାଶବାଣୀ ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ ପ୍ରତିଷ୍ଠା ହେଲା।

ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଲବ, ପାଠାଗାର ଓ ସ୍କୁଲ ପ୍ରଭୃତିକୁ ରେଡିଓ ଯୋଗାଇ ଦିଆଯାଇଥିଲା। ଦୁଇଟା ବାଉଁଶରେ ଆଣ୍ଟିନା ବାନ୍ଧି କାହାଲି ଲଗାଯାଇ ସେ ରେଡିଓ କହୁଥିଲା। ଏପରିକି ରେଡିଓ ଶୁଣିବା ପାଇଁ ଲୋକମାନେ ସନ୍ଧ୍ୟା ବେଳେ ୨/୩ କି.ମି ବାଟ ଚାଲି ଚାଲି ଯାଉଥିଲେ। ଇତିମଧ୍ୟରେ ରେଡିଓର ବିବର୍ତ୍ତନ ଧାରା ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ବେଶ୍ ଅଗ୍ରସର ହୋଇଛି। ଆକାଶବାଣୀ ବା ଅଲ୍ ଇଣ୍ଡିଆ ରେଡିଓ ସହିତ ଏବେ ଗୋଷ୍ଠୀ ବେତାର କେନ୍ଦ୍ର, ବାଣିଜ୍ୟିକ ରେଡିଓ, କମ୍ୟୁନିଟି ରେଡିଓ, ଡିଜିଟାଲ ରେଡିଓ ଆଦି ବହୁ ଶାଖାରେ ବିଭକ୍ତ ହୋଇଛି। ଏବେ ରେଡିଓ ଖୁବ୍ ନିକଟତର ହୋଇ ଯାଇଛି। ନିଜ ମୋବାଇଲ୍ ଫୋନରେ ମଧ୍ୟ ରେଡିଓର ସୁବିଧା ରହିଛି। ପୁନଶ୍ଚ ସରକାର ବିଭିନ୍ନ ବେସରକାରୀ ସଂସ୍ଥାକୁ ରେଡିଓ ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ରେଡିଓର ବ୍ୟବହାର ଓ ଆଦୃତି କମିଯାଇଛି।

ରେଡିଓ ଭାଗ୍ୟାକାଶରେ ସେହିଦିନ ଅମା ଅନ୍ଧକାର ଘୋଟି ଗଲା, ଯେଉଁଦିନ ଟେଲିଭିଜନ ସମାଜରେ ପ୍ରବେଶ କଲା। ଟେଲିଭିଜନ ଏକ ଦୃଶ୍ୟ ଗଣମାଧ୍ୟମ ହୋଇଥିବାରୁ ତା'ର ପ୍ରଭାବ ସମାଜ ଉପରେ ବିଶେଷ ଭାବରେ ପଡ଼ିଲା। ରେଡିଓର ଶ୍ରୋତାମାନେ ଟେଲିଭିଜନର ଦର୍ଶକ ସାଜିଲେ। ଘରେ ବସି ସିନେମା ଦେଖିବା ପରି ଅନୁଭୂତି ହେଲା। କିନ୍ତୁ ବେଳେ ବେଳେ ଟିଭିର ବିଜ୍ଞାପନରେ କେତେ ଅଶାଳୀନ ଚିତ୍ର ଏବଂ ଧାରାବାହିକରେ କେତେକ ଦୋଷତ୍ରୁଟି ପ୍ରସାରିତ ହୁଏ, ଯାହା ସମାଜ ଉପରେ କୁପ୍ରଭାବ ପକାଇ ଥାଏ। ଟିଭିରେ ଯେ ଖାଲି ଖରାପ କଥା ଅଛି, ଭଲ କଥା ନାହିଁ, ତା' ନୁହେଁ। କିନ୍ତୁ ଖରାପ କଥାରେ ଯୁବକମାନେ ଶୀଘ୍ର ପ୍ରଭାବିତ ହେଉଛନ୍ତି।

ବର୍ତ୍ତମାନ ଦେଖା ଯାଉଛି କୌଣସି ପ୍ରତିଷ୍ଠିତ କଂପାନୀର ରେଡିଓ ଦୋକାନ ବଜାରରେ ପ୍ରାୟ ନାହିଁ। କାଁଭାଁ ଗୋଟାଏ ରେଡିଓ କେଉଁଠାରେ ଖୋଜିଲେ ମିଳୁଛି ନଚେତ ନାହିଁ। ରେଡିଓ ଟିଏ ଖରାପ ହେଲେ ତାକୁ ମରାମତି କରିବାକୁ କାରିଗର ନାହାନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନକି ବାତ' ଯଦି ରେଡିଓରେ ପ୍ରସାରିତ ହେଉ ନଥା'ନ୍ତା, ତେବେ ରେଡିଓ କେବେଠାରୁ ତା'ର ଅସ୍ତିତ୍ୱ ହରାଇ ଲୁପ୍ତ ହୋଇ ଯାଆନ୍ତାଣି।

ଟେଲିଭିଜନ୍ ଓ ମୋବାଇଲ୍ ଫୋନ୍ ଯୁଗରେ ତଥାପି ରେଡିଓ ଧୈର୍ଯ୍ୟ ହରାଇନାହିଁ। ଆକାଶବାଣୀ ଓଡ଼ିଶାର ଦୁର୍ଗମ ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ସେମାନଙ୍କ ଜୀବନଶୈଳୀ, ଦିନଚର୍ଯ୍ୟା ଓ ସାଂସ୍କୃତିକ ଜୀବନଧାରାକୁ ଲୋକଲୋଚନକୁ ଆଣୁଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସେମାନଙ୍କୁ ସଚେତନ କରିବା ସହିତ ଏକ ଏକ ରେଡିଓ ସେଟ ସରକାର ସେମାନଙ୍କୁ ଦେଇ ଆଗ୍ରହ ଦ୍ୱିଗୁଣିତ କରିଛନ୍ତି। ଶ୍ରୋତାମାନଙ୍କର ରୁଚି ଅନୁସାରେ ରେଡିଓ ବର୍ତ୍ତମାନ ଆଧୁନିକ ଶୈଳୀରେ ବହୁତ କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ଗୋଷ୍ଠୀ ବେତାର କେନ୍ଦ୍ର ସଂପୃକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ଦୃଶ୍ୟପଟ୍ଟର ମଧୁର ପରିବେଷଣ କରୁଛି। ଯୁବ ଗୋଷ୍ଠୀଙ୍କ ମନକୁ ଛୁଇଁଲା ଭଳି ତଥା ଆଧୁନିକ ଶୈଳୀରେ ବାଣିଜ୍ୟିକ ଓ ଡିଜିଟାଲ ରେଡିଓରେ କାର୍ଯ୍ୟକ୍ରମମାନ ପ୍ରସାରଣ ହେଉଛି। ଅବଶ୍ୟ ରେଡିଓ ଶୁଣୁଥିବା ଶ୍ରୋତାମାନଙ୍କ ସଂଖ୍ୟା ବହୁତ କମ ହେଲେ ମଧ୍ୟ ରେଡିଓର ସ୍ଥାନ ଏ ସମସ୍ତ ବିକଳ୍ପଠାରୁ ସ୍ୱତନ୍ତ୍ର ଓ ଭିନ୍ନ। କାରଣ ରେଡିଓ ଆମକୁ ଭେଟି ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଅନ୍ୟମାଧ୍ୟମରେ ମିଳିପାରିବ ନାହିଁ। ଏବେ ମଧ୍ୟ ରେଡିଓରେ ପ୍ରଚାର ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ଆମ ସଂସ୍କୃତି ଓ ପରମ୍ପରାର ପୁରୁଣା ସୁଗନ୍ଧ ସ୍ପଷ୍ଟ ପ୍ରତୀତ ହୁଏ।

ଏବେ ସମୟ ଆସିଛି, ଲୋକମାନଙ୍କ ମନୋଭାବକୁ ଆକର୍ଷିତ କରିବା ପାଇଁ। ଆମର ରାମାୟଣ, ଭାଗବତ, ଓଡ଼ିଶୀ, ଚମ୍ପୁ, ଛାନ୍ଦ ଆଦିକୁ ଆମେ ଆଉ କ୍ରମାନ୍ୱୟରେ କେଉଁଠାରୁ ଶୁଣିପାରିବା? ନିୟମିତ ଭାବରେ ରେଡିଓ ଶୁଣି ଅନେକ ବ୍ୟକ୍ତି କବି, ଗୀତିକାର ତଥା ନାଟ୍ୟକାର ହୋଇପାରିଛନ୍ତି। କଥା କହିବାର ଶୈଳୀ ମଧ୍ୟ ସେମାନେ ଶିଖିଛନ୍ତି ଆକାଶବାଣୀରୁ। ମୁଁ ନିଜେ ମଧ୍ୟ ରେଡିଓ ଦ୍ୱାରା ବିଶେଷ ପ୍ରଭାବିତ ଓ ଉପକୃତ। ଏବେ ବି ରେଡିଓ ପାଖରେ ଜନମାନସରେ ନବଜାଗରଣ ସୃଷ୍ଟି କରିବାର କ୍ଷମତା ଓ ଦକ୍ଷତା ରହିଛି। ଭାରତ ମାତା ଏହାକୁ ଦୀର୍ଘସ୍ଥାୟୀ କରନ୍ତୁ। ●

ସାକ୍ଷୀଗୋପାଳ, ମୋ: ୯୯୩୭୮୩୫୨୩୦

# ଓଡ଼ିଶାର ରାଜନୈତିକ ବିବେକ: ଗୋଦାବରୀଶ ମହାପାତ୍ର

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ରାଜନୀତିର ନୈତିକ ବିବେକ ସାହିତ୍ୟରେ କିପରି ଝଙ୍କୃତ ହୋଇଉଠେ ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ସତ୍ୟବାଦୀ ଆଦର୍ଶ-ନିର୍ମିତ ସାହିତ୍ୟ ସାଧକ ଗୋଦାବରୀଶ ମହାପାତ୍ର। ତାଙ୍କୁ ସ୍ମରଣ କରିବା ମାତ୍ରକେ 'ନିଆଁଖୁଣ୍ଟା'ର ଉତ୍ତାପ ଆଜି ବି ଅନୈତିକ ରାଜନୀତି ଦ୍ୱାରା ସାମାଜିକ ପରିବେଶକୁ କଳୁଷିତ କରୁଥିବା ନେତୃମଣ୍ଡଳୀଙ୍କୁ ସଚେତନ କରିଦିଏ। ସମାଜର ସେ ଥିଲେ ଚିରଜାଗ୍ରତ ପ୍ରହରୀ। ଯେଉଁମାନେ ନିଜ କର୍ତ୍ତବ୍ୟ ପ୍ରତି ଉଦାସୀନ, ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ, କ୍ଷମତା ଓ ପଦପଦବୀ-ମୋହାଚ୍ଛନ୍ନ, ସଂକୀର୍ଣ୍ଣ ସ୍ୱାର୍ଥ ସାଧନରେ ନିମଗ୍ନ, ଶାଳୀନତା-ଶୂନ୍ୟ ଆଚରଣ ପ୍ରଦର୍ଶନରେ ସଂକୋଚ-ରହିତ, ରାଜନୀତି, ସାହିତ୍ୟ ବା ସମାଜସେବା କ୍ଷେତ୍ରରେ ଛଦ୍ମତାଯୁକ୍ତ, ସେମାନେ ହେଉଥିଲେ ଗୋଦାବରୀଶଙ୍କ ନିଶାଣ।

ସୁପ୍ତ, ଅଚେତନ, ନିଷ୍କ୍ରିୟ, ନିଷ୍ପ୍ରାଣ ଓଡ଼ିଆ ଜାତିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଯେଉଁ 'ଉଠକଙ୍କାଳ'କବିତା ରଚନା କରିଥିଲେ ତାହା ପ୍ରତିଟି ଯୁଗ ପାଇଁ ଦେଇପାରେ ଯେକୌଣସି ଜାତିକୁ ଦୃପ୍ତ ଆହ୍ୱାନ। 'ଉଠ କଙ୍କାଳ ଛିଡ଼ୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି / ଉଠୁ ଗତ ଗୌରବ ହୃତ ଗୌରବ ମୃତ ଗୌରବ ରାଜି।' ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ଓ ସାହିତ୍ୟଶିଳ୍ପୀ ଜାଁ ପଲ ସାର୍ତ୍ତ କହିଥିଲେ- 'କଲମ ଧରିବା ଅର୍ଥ ହେଲା ଆପଣାର ସ୍ୱାଧୀନତା ଘୋଷଣା କରିବା।' ଜଣେ ସଚ୍ଚୋଟ କବିର ଲେଖନୀ ହୋଇପାରେ କେତେ ସ୍ୱାଧୀନ, ଅକୁତୋଭୟ, ସତ୍ୟ ଉଚ୍ଚାରଣରେ ଏକନିଷ୍ଠ, ତାହା ଗୋଦାବରୀଶଙ୍କ 'ହେ ମୋର କଲମ' କବିତାରେ ରୂପାୟିତ, ଯାହା ତାଙ୍କର ଶ୍ରେଷ୍ଠ କାବ୍ୟାଦର୍ଶର ବଳିଷ୍ଠ ସ୍ୱାକ୍ଷର। ଆଉ ସମସ୍ତ କବି, ଲେଖକ ସାମ୍ବାଦିକଙ୍କ ପାଇଁ ଅବ୍ୟର୍ଥ ଅସ୍ତ୍ର। ସେଥିରୁ ଗୋଟିଏ ପଦ ଉଦ୍ଧାର କରିବା ଦ୍ୱାରା ଏହା ଯେ କେହି ଅନୁଭବ କରିପାରିବେ ପ୍ରାଣବନ୍ତ ଭାବରେ। 'ତୁମେ ତ ଭୁଲିନ ଛଳନାରେ କେବେ ଥକିନ ଗୁଣ୍ଡାମିରେ, ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ/ ଛେଦନ କରିଚ ବନ୍ଧନ ଯେତେ ଅନ୍ଧେ ଦେଇଚ ଆଖି, କାଳ ବକ୍ଷରେ ମହାଅକ୍ଷରେ ପଦେ ପଦେ ଲେଖି ଲେଖି।'

ସାହିତ୍ୟର ବିଭିନ୍ନ ବିଭାଗରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ନିରବଚ୍ଛିନ୍ନ ଭାବରେ ଅକ୍ଳାନ୍ତ ଲେଖନୀ ଚାଳନା କରିଛନ୍ତି। 'ନିଆଁଖୁଣ୍ଟା'ରୁ ଏକ ଛୋଟ ଦୃଷ୍ଟାନ୍ତ ନିଆଯାଉ। 'କୌତୁକ ଆସେମ୍ବ୍ଲି'ର ଗୋଟିଏ ଧାଡ଼ି ହେଲା 'ଇନ୍ସପେକ୍ଟର ମିଶ୍ରଙ୍କୁ ବୟସ ହେଲେ ମଧ ସେ କାହିଁକି ଟୋକା ପରି ଦେଖା ଯାଉଛନ୍ତି ସରକାର ଅନୁସନ୍ଧାନ କରିଛନ୍ତି କି?'। 'ଏବେ ମଧ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି ଗଳ୍ପ ସଂକଳନରେ ତାଙ୍କ ଜାତୀୟତାବାଦୀ, ମାନବିକତା-ସମୃଦ୍ଧ ଭାବାବେଗ କଳାତ୍ମକ ଶୈଳୀରେ ବିନ୍ୟସ୍ତ। 'ରାଜଦ୍ରୋହୀ', 'ରକ୍ତପାତ', 'ବିଦ୍ରୋହୀ', 'ବନ୍ଦୀର ମାୟା', 'ବୀର ଯୁବକ' ଆଦି ଉପନ୍ୟାସ ମଧ୍ୟରେ ତାଙ୍କ ଉଚ୍ଚକୋଟୀର ଶୈଳ୍ପିକ ମହନୀୟତାକୁ ଯୁଗ ଯୁଗାନ୍ତର ବ୍ୟାପୀ ଏ ଜାତି ସ୍ମରଣ କରୁଥିବ ନିଶ୍ଚୟ।

'ଆଶା', 'ଉତ୍କଳ ହିତୈଷିଣୀ', 'ସମାଜ', 'ଲୋକମୁଖ, 'ପୁରୀବାସୀ' ଆଦି ସମ୍ବାଦପତ୍ରରେ କାର୍ଯ୍ୟ କରି ସେ ଆହରଣ କରିଥିଲେ ଅମାପ ଅଭିଜ୍ଞତା। ତାଙ୍କ ସାଧନାପ୍ଳୁତ ଜୀବନର କେତୋଟି ଦିଗ ମଧ୍ୟରେ ଅନ୍ତର୍ଗୁମ୍ଫିତ ହୋଇରହିଛି ସକଳ ବିଶେଷତ୍ୱ। ତାହା ହେଲା ସତ୍ୟବାଦୀ ବନବିଦ୍ୟାଳୟର ବିନୀତ ଛାତ୍ର ଭାବରେ ମହାନ ଶିକ୍ଷାଦାତାମାନଙ୍କ ଆଦର୍ଶରେ ଉଦବୁଦ୍ଧ ହେବା, ସ୍ୱାଧୀନତା ସଂଗ୍ରାମରେ ନିଜକୁ ଆହୂତି ଦେବା, ସ୍ୱାଧୀନ ଭାବରେ ଲେଖନୀ ଚାଳନା କରି ଜୀବିକା ନିର୍ବାହ, ସରସ ବ୍ୟଙ୍ଗ ବିଦ୍ରୂପରେ ହୃଦୟଗ୍ରାହୀ ତୀକ୍ଷଣ ସମାଲୋଚନା କରିବାରେ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟି। କାହା ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ରଖି ସେ ବ୍ୟଙ୍ଗର ଶର ସନ୍ଧାନ କରୁ ନ ଥିଲେ। ଯାହା ସମାଜ ପାଇଁ ହିତକର ଓ ବ୍ୟଙ୍ଗର ଶରବ୍ୟ ହୋଇଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଯାହା ଆମୋଦଦାୟକ ହୋଇପାରେ ସେପରି ସକାରାତ୍ମକ, ଚେତନା ଉତ୍ପନ୍ନ-କ୍ଷମ, ହାସ୍ୟରସ ଉଦ୍ରେକକାରୀ ରଚନା ଦ୍ୱାରା ସେ ଓଡ଼ିଆ ସାହିତ୍ୟକୁ ଏକ ଭିନ୍ନ ଶକ୍ତି ତଥା ସୌକୁମାର୍ଯ୍ୟ ପ୍ରଦାନ କରିପାରିଛନ୍ତି। 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା'ଦୁଇଟି କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ଓ ଜାତୀୟସ୍ତରରେ ଲାଭ କରିଛନ୍ତି ଏକାଡେମୀ ପୁରସ୍କାର।

ସତ୍ୟ କହିବା ଓ ତାହାକୁ ପୁଣି ରସାଣିତ କରି ଉପସ୍ଥାପନ କରିବା ଦ୍ୱାରା ଓଡ଼ିଶାର ରାଜନୈତିକ ପରିମଣ୍ଡଳରେ ସେ ଯେଉଁ ସଂସ୍କାର ଆଣିବାର ଆନ୍ତରିକ ପ୍ରୟାସ କରିଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ରାଜନୈତିକ ଚେତନାର ବିବେକ ବୋଲି ଅଭିହିତ କରିବା ସମ୍ପୂର୍ଣ୍ଣ ଯଥାର୍ଥ।●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏଣିକି ୩ଟି...

ପରିବହନ ଗାଡ଼ିଗୁଡ଼ିକୁ ୧୮ ପ୍ରତିଶତ ସ୍ଲାବରେ ରଖାଯାଇଛି । ବ୍ୟାଟେରି ଚାଳିତ ଗାଡ଼ିର ହାର ପୂର୍ବବତ୍ ୫ ପ୍ରତିଶତ ରହିଛି ।

କେଶତୈଳ, ସାମ୍ପୁ, ଟୁଥପେଷ୍ଟ, ଟଏଲେଟ ସୋପ୍ ବାର୍, ବ୍ରସ୍, ସେଭିଂ କ୍ରିମ୍, ଘିଅ, ଲହୁଣୀ, ପ୍ୟାକେଜ୍ଡ ନମ୍‌କିନ, ଭୁଜିଆ, ମିକ୍ସ, ବାସନକୁସନ, ଫିଡିଂ ବଟଲ, ଶିଶୁଙ୍କ ନାପ୍‌କିନ୍, ସିଲେଇ ମେସିନ ଓ ଏହାର ଯନ୍ତ୍ରାଂଶକୁ ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି ।

ସେହିପରି ଥର୍ମୋମିଟର, ମେଡିକାଲ ଗ୍ରେଡ ଅକ୍ସିଜେନ, ସବୁ ପ୍ରକାରର ଡାଇଗ୍ନୋଷ୍ଟିକ୍ସ, ଗ୍ଲୁକୋମିଟର ଆଦିକୁ ୫ ପ୍ରତିଶତ ସ୍ଲାବରେ ରଖାଯାଇଛି । କୃଷି ଯନ୍ତ୍ରପାତିକୁ ୫ ପ୍ରତିଶତ ସ୍ଲାବ୍‌ରେ ରଖାଯାଇଛି । ଏହା ବ୍ୟତୀତ ଏସି, ୩୨ ଇଞ୍ଚରୁ ବଡ଼ ଏଲଇଡି ଓ ଏଲସିଡି ଟିଭି, ମନିଟର ଏବଂ ପ୍ରୋଜେକ୍ଟର୍ସ, ଡିସ୍ ୱାସିଂ ମେସିନ ଭଳି ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ଉପରେ ୧୮ ପ୍ରତିଶତ ଟିକସ ଲଗାଯାଇଛି । ଏହା ସହିତ ବ୍ୟବସାୟୀଙ୍କ ଉପରୁ ବୋଝ କମ୍ କରିବା ପାଇଁ ସହମତି ପ୍ରକାଶ ପାଇଛି । ଏଥିରେ ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ର ପଞ୍ଜୀକରଣ ସମୟକୁ ୩୦ ଦିନରୁ ତିନି ଦିନ ହ୍ରାସ କରିବା ସାମିଲ ରହିଛି । ସେହିପରି ରପ୍ତାନୀକାରୀଙ୍କ ପାଇଁ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ ଦିଆଯାଇଛି । ଏହା ଦ୍ୱାରା ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସରଳ ହେବ ।

ଜିଏସ୍‌ଟିରେ ଏହି ପରିବର୍ତ୍ତନ ଜୀବନକୁ ଅଧିକ ସରଳ ଏବଂ ଅର୍ଥବ୍ୟବସ୍ଥାକୁ ମଝବୁତ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଜିଏସ୍‌ଟିକୁ ସରଳ କରିବା ପାଇଁ କେନ୍ଦ୍ର ସରକାର ଦେଇଥିବା ପ୍ରସ୍ତାବକୁ ମଞ୍ଜୁରି ଦେଇଥିବାରୁ ସେ ପରିଷଦକୁ ଧନ୍ୟବାଦ ଦେଇଛନ୍ତି । ଏହା ଦ୍ୱାରା ସାଧାରଣ ଜନତା, ଚାଷୀ, ଏମଏସଏମଇ, ମଧ୍ୟବିତ୍ତ, ମହିଳା ଏବଂ ଯୁବ ବର୍ଗଙ୍କୁ ଲାଭ ମିଳିବ । ବ୍ୟବସାୟ ସହଜ ହେବ । ବିଶେଷ କରି କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ମିଳିବ ବୋଲି ମୋଦୀ କହିଛନ୍ତି । ଜିଏସ୍‌ଟି ହାରରେ ଏଭଳି ସରଳୀକରଣ ଯୋଗୁଁ ପ୍ରାୟ ୪୮ ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ ବୋଲି କୁହାଯାଉଛି । ବିରୋଧୀ ରାଜ୍ୟଗୁଡିକ କେନ୍ଦ୍ର ନିକଟରେ ରାଜସ୍ୱ ସୁରକ୍ଷା ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା କରିବାକୁ ଦାବି କରିଛନ୍ତି । ବିରୋଧୀ ରାଜ୍ୟଗୁଡିକର ସୂଚନା ଅନୁଯାୟୀ କମ୍ ଟିକସ ଲଗାଇ କମ୍ପାନୀଗୁଡିକ ଲାଭ ଉଠାଇବାକୁ ନ ଦେବା ଉଚିତ । ଟିକସ ହ୍ରାସର ଲାଭ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଉଚିତ । ଏହା ସହିତ ନୂଆ ଟିକସ ସ୍ଲାବ ଦ୍ୱାରା ହେଉଥିବା କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଦେବା ଆବଶ୍ୟକ । ପୂର୍ବରୁ ଏଥିପାଇଁ ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି କ୍ଷତି ହେବ ବୋଲି କୁହାଯାଇଥିଲା । କିଛି ବିଜେପି ଶାସିତ ରାଜ୍ୟ ମଧ୍ୟ ରାଜସ୍ୱ କ୍ଷତି ଉପରେ ଚିନ୍ତା ପ୍ରକଟ କରିଛନ୍ତି । ଏହି ବୈଠକରେ ଆରବିଆଇ ଅଧକ୍ଷଙ୍କ ସମେତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ଅର୍ଥମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ...

ବିଶେଷକରି ଦୁଇଗୋଷ୍ଠୀ ମଧ୍ୟରେ ମନ୍ତ୍ରୀ ପଦକୁ ନେଇ ଭାଗବଣ୍ଟା ଛିଡ଼ିଥିବା ବେଳେ ଶେଷ ନିଷ୍ପତ୍ତି ଦିଲ୍ଲୀରେ ହେବ ବୋଲି ସୂଚନା ମିଳିଛି । ସେଥିପାଇଁ ହଠାତ୍ ମନମୋହନଙ୍କୁ ଶୀର୍ଷ ନେତୃତ୍ୱ ଡକାଇଥିବା ବିଜେପି ଅଳିନ୍ଦରେ ଚର୍ଚ୍ଚା ହେଉଛି । ଯଦି ସବୁ ଠିକ୍‌ଠାକ ରୁହେ ତାହେଲେ ମୌସୁମୀ ଅଧିବେଶନ ପୂର୍ବରୁ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହେବ । ନହେଲେ ଅଧିବେଶନ ସରିବା କ୍ଷଣି ସମ୍ପ୍ରସାରଣ ସମ୍ପନ୍ନ ହେବ ବୋଲି ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି । ଅପରପକ୍ଷେ ନିଗମ, ବୋର୍ଡକୁ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରିନଥିବା ବେଳେ ଏଥିପାଇଁ ଆହୁରି କିଛି ସମୟ ଲାଗିପାରେ ବୋଲି ଉକ୍ତ ନେତାଜଣକ ସୂଚନା ପ୍ରଦାନ କରିଛନ୍ତି ।

## ନିଶା ନିବାରଣ...

ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମଙ୍ଗଳବାର ଅପରାହ୍ଣରେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଥିବା ନେଇ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ । ତାଙ୍କୁ କଳିଙ୍ଗନଗରରେ ଥିବା ଏକ ଘରୋଇ ଡ଼ାକ୍ତରଖାନାକୁ ନିଆଯାଇଛି ବୋଲି କହିଥିଲେ । ସୂର୍ଯ୍ୟକାନ୍ତଙ୍କ ଦାଦା ପ୍ରଶାନ୍ତ ଓ ଅନ୍ୟ ସଦସ୍ୟମାନେ ଆସି ସେଠାରେ ପହଞ୍ଚିବା ବେଳକୁ ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା । ସେଠାରୁ କ୍ୟାପିଟାଲ ହସପିଟାଲ ଯାଇଥିଲେ ମଧ୍ୟ ମୃତଦେହକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବାରୁ ଆଉ ଦେଖିବାର ସୁଯୋଗ ମିଳି ନ ଥିଲା । ପରିବାର ଲୋକଙ୍କ କହିବାନୁଯାୟୀ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିବା ବେଳେ ସୂର୍ଯ୍ୟକାନ୍ତଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା । ଏମିତି କି କେନ୍ଦ୍ରରେ ଛାଡ଼ିବା ପରଦିନ ମଧ୍ୟ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ । ତେବେ ସେ କାହିଁକି ଆତ୍ମହତ୍ୟା କରିବ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି । ଯଦି ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଲେ, ପରିବାର ଉପସ୍ଥିତିରେ ମୃତଦେହ ଉଦ୍ଧାର ନକରି କାହିଁକି ତରବରିଆ ଭାବେ ଶବ ଉଦ୍ଧାର କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏହା ଆତ୍ମହତ୍ୟା ନୁହଁ, ବରଂ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପ୍ରଶାନ୍ତ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅନ୍ତେବାସୀ ଓ ନିଶା ନିବାରଣ କେନ୍ଦ୍ରର କର୍ମଚାରୀଙ୍କୁ ପଚରାଉଚରା କରିଛି ।

ପୂର୍ବରୁ ମଧ୍ୟ ଅନେକ ଅଘଟଣ ଘଟିଛି । କେଉଁଠି ମାଡ଼ମରା ଯାଉଥିବାର ଭିଡିଓ ଭାଇରାଲ ହୋଇଛି ତ ଆଉ କେଉଁଠି ହତ୍ୟା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ହେଲେ ଏସବୁରେ ଏପର୍ଯ୍ୟନ୍ତ ରୋକ୍ ଲାଗି ପାରିନାହିଁ । ଅଘଟଣ ଘଟିବା ପରେ ପୁଲିସ କେବଳ ତନାଘନା କରି ବସି ପଡୁଛି । ନିଶା ନିବାରଣ କରିବା ପାଇଁ ଥିବା ନିୟମାବଳୀ ଅନୁପାଳନ ହେଉନାହିଁ କି କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ ହେଉନାହିଁ । କିଛି ଦିନ ତଳେ 'ସ୍ୱୀକାର' ନାମକ କେନ୍ଦ୍ରରେ ଝରଣା ସାହିର କାଲୁ ନାୟକଙ୍କ ମୃତ୍ୟୁ ଘଟିଥିଲା । ପୂର୍ବରୁ ସରଦେଇପୁର ଠାରେ ଥିବା 'ଶ୍ରଦ୍ଧା' ନିଶା ନିବାରଣ ଗୃହ ବିରୋଧରେ ସମାନ ଅଭିଯୋଗ ଆସିଥିଲା । ଏହା ପୂର୍ବରୁ ପାଣ୍ଡରା ଅଞ୍ଚଳରେ ଥିବା ସାଇକୃପା ଡିଆଡିକ୍ସନ ସେଣ୍ଟରରେ ସର୍ବେଶ୍ୱର ବେହେରାଙ୍କୁ ପିଟିପିଟି ମାରିବା ଘଟଣାରେ ୩ ଜଣ ଗିରଫ ହୋଇଥିଲେ । ସେହିପରି ପାଣ୍ଡରା ଅଞ୍ଚଳରେ ଥିବା କୃପା ଫାଉଣ୍ଡେସନ ଓ ଉତ୍ତରାରେ ଥିବା ଦିଶା ଫାଉଣ୍ଡେସନରେ ମଧ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ୮ ଏସ୍‌ଏଚ୍‌ଜି...

ଥିବା ଏହି ୮ ଜଣ ମହିଳାଙ୍କୁ ସ୍ୱର୍ଣ୍ଣଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାରେ ଦୁଧିଆଳି ଗାଇ କିଣିବା ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା । ତେବେ ଏହି ମହିଳାମାନେ ଗାଇ କ୍ରୟ ନକରି ମିଳିଥିବା ଅର୍ଥରାଶିର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା । ପରେ ଏହି ମାମଲା ଭିଜିଲାନ୍ସକୁ ଦିଆଯାଇଥିଲା ଏବଂ ବିଭାଗ ତରଫରୁ ମଧ୍ୟ ତଦନ୍ତ କରାଯାଇ ଅର୍ଥ ହଡ଼ପ ଘଟଣାରେ ସତ୍ୟତା ଥିବା ରିପୋର୍ଟ ହୋଇଥିଲା । କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହେବାକୁ ବାରମ୍ବାର ନୋଟିସ ପରେ ମଧ୍ୟ ଏହି ମହିଳାମାନେ ହାଜର ହୋଇନଥିଲେ । ତେଣୁ ଏମାନଙ୍କ ନାମରେ ୱାରେଣ୍ଟ ବାହାରିଥିଲା । ଆଜି ଭିଜିଲାନ୍ସର ଏକ ଟିମ୍ ସମସ୍ତ ୮ ଜଣଙ୍କୁ ଗିରଫ କରି କଟକର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ । ସେହିପରି ଏହି ଅର୍ଥ ହଡ଼ପ ମାମଲାରେ ସମ୍ପୃକ୍ତ ଥିବା ସେ ସମୟର ନାଉଗାଁ ପ୍ରାଣୀ ଚିକିତ୍ସକ ଡା. କୁଞ୍ଜବିହାରୀ ସ୍ୱାଇଁ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସପ୍ଲାୟର ରଞ୍ଜିତ କୁମାର ବେହେରା ମଧ୍ୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନୋଟିସ କ୍ରମେ ହାଜର ହେଉଛନ୍ତି ।

## ୩ ମିନିଟରେ...

ଆୟୋଗ (ଓଇଆରସି) ବିତରଣ କାର୍ଯ୍ୟଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ ପାଇଁ ଦୁଇଟି ପୃଥକ ପୃଥକ ଅଧିନିୟମ ପ୍ରସ୍ତୁତ କରି ୨୦୦୪ରେ ଗୋଟେ ଦିନରେ ପ୍ରଣୀତ କରିଛନ୍ତି । କିନ୍ତୁ ପଞ୍ଜାବ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟର ବିଦ୍ୟୁତ ଆୟୋଗ ଓଇଆରସି ଭଳି ଦୁଇଟି ଅଧିନିୟମ ବଦଳରେ ଉଭୟ ପାଇଁ ଗୋଟେ ଅଧିନିୟମ ୨୦୦୪ରେ ପ୍ରଣୀତ କଲେ । ପ୍ରଗତିଶୀଳ ଅର୍ଥନୀତିରେ ଅତିରିକ୍ତ ପୁଞ୍ଜିନିବେଶ ଓ ବୈଷୟିକ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଅନ୍ୟ ରାଜ୍ୟ ଆୟୋଗଗୁଡିକ ଏକାଧିକ ଥର ପୁରୁଣା ଅଧିନିୟମକୁ ନବୀକରଣ କରି ନୂତନ ଅଧିନିୟମ ପ୍ରଣୀତ କରିଛନ୍ତି । କିନ୍ତୁ ଓଡ଼ିଶା ଆୟୋଗ ପୁରୁଣା ସପ୍ଲାଇ କୋଡକୁ ନବୀକରଣ କରିବାରେ ସମର୍ଥ ହୋଇଥିବା ବେଳେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ନବୀକରଣ କରିପାରିଲେ ନାହିଁ । ଫଳରେ ଓଡ଼ିଶା ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ।

ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ବିଦ୍ୟୁତ ସେବା ମାନଦଣ୍ଡ ପାଳନରେ ବିତରଣ କମ୍ପାନୀ ବିଫଳ ହେଲେ ପୁରୁଣା ଅଧିନିୟମ ଅନୁସାରେ ଟାଟା ବିତରଣ କମ୍ପାନୀକୁ ଜୋରିମନା ଦେବାପାଇଁ ୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୫ଟି ସ୍ଲାବ ପ୍ରଣୀତ ହୋଇଥିବାବେଳେ ନୂତନ ଚିଠା ଅଧିନିୟମରେ ତାହାକୁ କମାଇ ୫୦ରୁ ୨୫୦ ଟଙ୍କା ଭିତରେ ସ୍ଥିର କରିବା ଏହା ଏକ ଅବାସ୍ତବ ନିୟାମକ ପ୍ରକ୍ରିୟା । ଅନ୍ୟ ରାଜ୍ୟ ଆୟୋଗ ୧୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସ୍ଲାବ କରିଛନ୍ତି । ସେହିପରି ମାସକୁ କେତେ ଘଣ୍ଟା ବିଦ୍ୟୁତସେବା ଉପଲବ୍ଧ ହେଉଛି ଓ କେତେ ଥର ବିଦ୍ୟୁତ ବ୍ୟାହତ ହେଉଛି ଉପଭୋକ୍ତାକୁ ବିଦ୍ୟୁତବିଲରେ ଅବଗତ କରିବାପାଇଁ ଚିଠା ଅଧିନିୟମରେ ବ୍ୟବସ୍ଥା ହୋଇନାହିଁ । ତେଣୁ ଗ୍ରାମାଞ୍ଚଳର ବିକାଶକୁ ଚିଠା ଅଧିନିୟମରେ ଆୟୋଗ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି । ତେବେ ପୁରୁଣା ଅଧିନିୟମରେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ଦୁଇ ସ୍ତରରେ ବିଭକ୍ତ ହୋଇଥିବା ବେଳେ ଚିଠା ଅଧିନିୟମରେ ତିନି ସ୍ତରରେ ବିଭକ୍ତ ହୋଇଛି । ଆଗରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ଭାବେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ରହିଥିବା ବେଳେ ଚିଠା ଅଧିନିୟମରେ ଅତିରିକ୍ତ ଭାବେ ମହାନଗର ନିଗମ ସୃଷ୍ଟି କରାଯାଇ ତାପାଇଁ ଉଚ୍ଚକୋଟିର ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ ହୋଇଛି ।

## ଦିଲ୍ଲୀରେ ପଶିଲା...

ସେହିପରି ରାଜସ୍ଥାନର ଜୟପୁରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି । ଏଠାରେ ଥିବା ସବୁଠୁ ବଡ଼ ଏମ୍‌ଏମ୍‌ଏସ୍ ହସ୍ପିଟାଲରେ ପାଣି ପଶିଯାଇଛି । କୋଟାର ଦରା ରେଲୱେ ଷ୍ଟେସନ ନିକଟ ଥିବା ରେଲୱେ ଟ୍ରାକ୍ ଉପରେ ଭୂସ୍ଖଳନ ହୋଇଛି । ହିମାଚଳ ପ୍ରଦେଶରେ ୧୩୦୦ରୁ ଊର୍ଦ୍ଧ୍ୱ ସଡକ ମୌସୁମୀ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଭୂସ୍ଖଳନ ଯୋଗୁଁ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଆଜି ସକାଳେ କୁଲ୍ଲୁରେ ଭୂସ୍ଖଳନ ଯୋଗୁଁ ଦୁଇ ଜଣ ଲୋକ ପ୍ରାଣ ହରାଇଛନ୍ତି । ସେହିପରି ମଣ୍ଡିର ସୁନ୍ଦରନଗରରେ ଭୂସ୍ଖଳନରେ ଘରଗୁଡ଼ିକ ଭୁଶୁଡ଼ି ପଡ଼ିବାରୁ ୭ ଜଣ ପ୍ରାଣ ହରାଇଛନ୍ତି । ଆବର୍ଜନା ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି । ରାଜ୍ୟର ୭ଟି ଜିଲ୍ଲାରେ ସ୍କୁଲ ଓ କଲେଜକୁ ବନ୍ଦ କରାଯାଇଛି । ସେହିପରି ଉତ୍ତରପ୍ରଦେଶର ନୋଏଡାରେ ଯମୁନା ନଦୀରେ ବନ୍ୟା କାରଣରୁ ୧୦୦୦ଟି ଫାର୍ମହାଉସ୍‌ରେ ପାଣି ପଶିଛି । ମଥୁରା ୯୦୦ ପରିବାର ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି । ଆଗ୍ରାରେ ଯମୁନା ପାଣି ତାଜମହଲ ପାଚେରିକୁ ସ୍ପର୍ଶ କରିଛି । ଆଗ୍ରାର କେତୋଟି ଘାଟ ଓ ଶ୍ମଶାନ ମଧ୍ୟ ବୁଡିଯାଇଛି । ନୋଏଡା ସେକ୍ଟର-୧୬୭ରେ ଯମୁନା ପାଣି ପଶିଛି । ଜମ୍ମୁ-କଶ୍ମୀରରେ ଉଧାମପୁରରେ ଭୂସ୍ଖଳନ ଯୋଗୁଁ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି । ପୁଣି ଆଗାମୀ ୨୪ ଘଣ୍ଟାରେ ଦେଶର ଉତ୍ତର-ପଶ୍ଚିମ ଭାଗରେ ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଉଛି ।

## ରାଜ୍ୟସାରା ନିର୍ଧୂମ୍...

ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ଆଶଙ୍କା ରହିଥିବା ବେଳେ ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି । ୪ ତାରିଖ ପରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ୫ ଓ ୬ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି ।

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ପରେ ବିଭିନ୍ନ ନଦୀରେ ଜଳସ୍ତରରେ ବୃଦ୍ଧି ପାଇବାରେ ଲାଗିଛି । ବର୍ଷା ନଦୀ ଜଳସ୍ଥିତିକୁ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ଯେଉଁ ଅଧିକ ବର୍ଷା ଆକଳନ ହୋଇଥିଲା ସେପରି ବର୍ଷା ହୋଇନାହିଁ । ଆଖୁଆପଦାରେ ଯଦିଓ ବୈତରଣୀ ସତର୍କ ସଂକେତ ଉପରେ ଅଛି, ହେଲେ ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବନି । ଗତକାଲି ୧୬ଟି ବ୍ଲକ୍ ମୁଖ୍ୟାଳୟରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି । ମାତ୍ର ରାଜ୍ୟର କୌଣସି ଗୋଟିଏ ସ୍ଥାନରେ ବନ୍ୟା ସ୍ଥିତି ନାହିଁ ବୋଲି ସେ କହିଛନ୍ତି । ତେବେ ପାଣି ସମୁଦ୍ରକୁ ଯିବା ପାଇଁ ସମୟ ଲାଗେ । ତେଣୁ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ବୁଢାବଳଙ୍ଗ ଏବଂ ସୁବର୍ଣ୍ଣରେଖା ଭଳି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି । ସୋମବାରଠାରୁ ବର୍ଷା ହେବା ପରେ କିଛି ନଦୀ ଫୁଲିବା ଆରମ୍ଭ କରିଛି ।

ରାଜ୍ୟରେ ମୌସୁମୀ ଋତୁରେ ସେପ୍ଟେମ୍ବର ୩ ସୁଦ୍ଧା ୯୦୭ ମିମି ବର୍ଷା ହୋଇଛି । ଏହି ସମୟରେ ସ୍ୱାଭାବିକ ବର୍ଷା ୯୪୧ ମିମି ତୁଳନାରେ ୪ ମିମି କମ୍ ବର୍ଷା ହୋଇଛି । ଜିଲ୍ଲାୱାରୀ ସ୍ଥିତିରେ ୯ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଟି ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ହୋଇଛି ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିଛି । ପୁରୀ ଓ କନ୍ଧମାଳ ଜିଲ୍ଲାରେ ବର୍ଷାର ସ୍ଥିତି ସବୁଠୁ ଅଧିକ ଅର୍ଥାତ ୩୧ ଓ ୩୦ ପ୍ରତିଶତ ଲେଖାଏଁ ନିଅଣ୍ଟିଆ ରହିଛି ।

## ପାର୍ବଣ ପୂର୍ବରୁ ରାସ୍ତା ମରାମତି

ଭୁବନେଶ୍ୱର, ୩।୯ (ସମିସ): ଦଶହରା ପୂର୍ବରୁ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର ମରାମତି କାମ ଶେଷ ହେବ । ଏଥିପାଇଁ ଆସନ୍ତା ୬ ତାରିଖରେ ବିଏମ୍‌ସି ଓ ସିଏମ୍‌ସି ସମେତ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର କାମକୁ ନେଇ ସମୀକ୍ଷା ହେବା ସହ ୨୦ ତାରିଖ ସୁଦ୍ଧା କିପରି ଏହି ରାସ୍ତାଗୁଡ଼ିକର ମରାମତି କାମ ଶେଷ ହେବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ । ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଏମ୍‌ସି ଓ

### ୬ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

ସିଏମ୍‌ସି ଅଞ୍ଚଳର ସମସ୍ତ ବିଧାୟକ ଓ ଦୁଇ ମେୟର ଉପସ୍ଥିତ ରହିବେ । ବୁଧବାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି । ମୌସୁମୀ ସମୟରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଅନେକ ସ୍ଥାନରେ ଖାଲଖମା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି । ଆଗକୁ ପାର୍ବଣ ଆସୁଥିବାରୁ ରାସ୍ତା ମରାମତି ନ ହେଲେ ବହୁ ଲୋକ ହଇରାଣ ହେବାର ଆଶଙ୍କା ରହିଛି । ଏହାକୁ ଦୃଷ୍ଟିରେ ରଖି କିପରି ପାର୍ବଣ ପୂର୍ବରୁ ସହରାଞ୍ଚଳର ରାସ୍ତାଗୁଡ଼ିକ ମରାମତି ହୋଇପାରିବ ସେଥିପାଇଁ ପ୍ରତିବର୍ଷ ଏଭଳି ବୈଠକ ଆୟୋଜନ ହେଉଛି ।


**AFFIDAVIT**

By virtue of an affidavit before notary Jharsuguda, I Raj Kumar Kakani, S/o. Late Vassand Ram Kakani, aged about 61 years, R/o. Kakani Complex, Main Road, Jharsuguda, PS/Dist-Jharsuguda, declares that, My actual, true and correct name is Raj Kumar Kakani as mentioned in my Aadhaar Card vide No.4255 9577 3610. In my Passport vide Passport No. J 8483976 my name has been wrongly mentioned as Raju Kakani instead of Raj Kumar Kakani.That, the names Raj Kumar Kakani and Raju Kakani relates to same and one person i.e. myself only none else. From today I shall be known as RAJ KUMAR KAKANI S/o. Vassand Ram Kakani for all purpose.

**FORM NO. URC-2**

Advertisement giving notice about registration under
**Part I of Chapter XXI**
[Pursuant to Section 374(b) of the Companies Act, 2013 and Rule 4(1) of the Companies (Authorised to Register) Rules, 2014]

1. Notice is hereby given that in pursuance of sub-section (2) of Section 366 of the Companies Act, 2013, an application has been made to the Registrar at Central Registration Centre (CRC), Indian Institute of Corporate Affairs (IICA), Plot No.6,7 & 8, Secotr-5, IMT Manesar, Dist: Gurgaon (Haryana) Pin-122050 that M/s. NEW BORN AND PEDIATRIC HEALTH CENTRE a partnership firm may be registered under Part I of Chapter XXI of the Companies Act, 2013, as a Company Limited by Shares with the name may be read as NEW BORN AND PEDIATRIC HEALTH CENTRE PRIVATE LIMITED.
2. The Principal object of the Company are as follows:
To take over the running business of M/s. NEW BORN AND PEDIATRIC HEALTH CENTRE (Partnership Firm) and to do the business relating to acquire, establish, maintain, operate, run, manage or administer hospitals, medicare, nursing homes, health care, diagnostic, health aids, and research centres and to do the business of pharmacy and surgical items and equipments for medical use and to carry related business activities.
3. A copy of the draft Memorandum and Articles of Association of the pro posed company may be inspected at the Office at: Plot No- D/54 Sector-7, CDA, 0802/808, Cuttack- 753014, Odisha.
4. Notice is hereby given that any person objecting to this application may communicate their objection in writing to the Central Registration centre (CRC)-ROC CRC, IICA, Manesar, Plot No.6,7 & 8, Secotr-5, IMT Manesar, Gurgaon-122050 within Twenty One days from date of publication of this notice, with a copy to the Firm i.e. Proposed Company at its office address mentioned above.

Dated this 3rd day of Sep, 2025.

For and on behalf of
M/s. New Born And Pediatric Health Centre
Sd/-
(Mr. Udayanath Upadhaya) Partner

**GOVERNMENT OF ODISHA, DEPARTMENT OF WATER RESOURCES** A-572
Office of the Engineer-In-Chief, Water REsources, Secha Sadan, Bhubaneswar
Email address: cemech.eicwr.od@gmail.com
e-Procurement Notice- Bid Indentification No.- CEM/MDC-16/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 16/ 2025-26
5. Estimated Cost : Rs. 94,77,043.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.06.09.2025 (10.00 AM) to dt.18.09.2025(5.30 PM)
8. Last date/ time for receipt of bid In the Portal : dt. 18.09.2025 (up to 5.30 PM)
9. Date and Place of opening of Technical Bid : dt.19.09.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0072/2526


**EASTERN INVESTMENTS LIMITED**

CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE QUARTER ENDED 30TH JUNE 2025

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Quarter Ended | | Year Ended | Quarter Ended | | Year Ended |
| | | 30.06.2025 | 30.06.2024 | 31.03.2025 | 30.06.2025 | 30.06.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 32.25 | 42.91 | 44.27 | 4,497.58 | 2,756.45 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (0.39) | 4.76 | (28.91) | 19.35 | 67.25 | (3,518.39) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (0.39) | 4.76 | (28.91) | 19.35 | 67.25 | (3,525.52) |
| 6 | Net Profit attributable to Non Controlling Interests | - | - | - | (1.04) | 19.10 | (1,791.41) |
| 7 | Net Profit attributable to Owners of the Company | - | - | - | 20.39 | 48.15 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.25 | 26,580.31 | 26,546.64 | (9,388.86) | (7,630.55) | (9,409.25) |
| 10 | Earning per share ( Rs) | | | | . | | |
| | (i) Basic: | (0.03) | 0.33 | (2.00) | 1.44 | 3.39 | (121.71) |
| | (ii) Diluted | (0.03) | 0.33 | (2.00) | 1.44 | 3.39 | (121.71) |

1. The above results of the Company were approved by the Board of Directors at their respective meetings held on 02-09-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 2nd September 2025

Sd/-
(S.C.Pandey)
Managing Director-EIL

**THE ORISSA MINERALS DEVELOPMENT COMPANY LTD.**

(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

STATEMENT OF REVIEWED STANDALONE FINANCIAL RESULTS FOR THE QTR. ENDED 30th JUNE 2025-IND-AS COMPLIANT

| SL. NO. | PARTICULARS | Qtr-I ENDING 30.06.2025 | Qtr-I ENDING 30.06.2024 | FOR YEAR ENDING 31.03.2025 |
|---|---|---|---|---|
| | | (Reviewed) | (Reviewed) | (Audited) |
| 1 | Total Income from Operation / Other Income | 2,103.28 | 1,465.44 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (278.61) | (207.81) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (278.61) | (207.81) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (278.61) | (207.81) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (278.61) | (207.81) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the prevísous year | (5,496.43) | (1,341.73) | (5,217.81) |
| 8 | Net Worth | (5,436.43) | (1,281.73) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.64) | (3.46) | (67.04) |
| | 2. Diluted | (4.64) | (3.46) | (67.04) |

1. The above results of the Company were approved by the Board of Directors at their respective meetings held on 02nd September 2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

Place: Bhubaneswar
Date: 2nd September 2025


**Notice (for Minor)**

By virtue of an affidavit sworn before Executive Magistrate, Bhubaneswar dated 03.09.2025 I, Lingaraj Prasad Barik Address At-Uttarana (Kandal), PO-Uttarana, PS-Gobindpur, Dist-Cuttack, Odisha, Pin-754105 declare that I have changed the name of my son from Shulin Snehashish (old name) to Shri Shulin Snehashis (new name). Henceforth, he shall be known as Shri Shulin Snehashis (new name) for all purposes.
Lingaraj Prasad Barik

**AFFIDAVIT**

By virtue of an affidavit no.05, dtd. 01.09.2025 before the Notary Public, Bhanjanagar, Ganjam, I , Sarojini Dakua, have changed my name from Sajani Dakua to Sarojini Dakua. Henceforth I shall be known as Sarojini Dakua for all purposes.
Sd/- Sarojini Dakua

**AFFIDAVIT**

I, Mirza Mehbub Alam Baig, S/o.: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan, P.S.: Mancheswar, Bhubaneswar-751017, Odisha Declare by this Affidavit No.: 2263, Dated: 02/09/2025 that now onwards I shall be known as **Mirza Mehebub Alam Baig,** for all future purposes.
Mirza Mehebub Alam Baig

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 01.09.2025, **I, Sushree Yajnaseni Mohapatra** permanent resident of Vill: Arjunpur, PO.: ABC Patna, P.S.: Dhusuri, Dist.: Bhadrak, PIN-755036, Odisha, currently residing at C/o-Manoranjan Lenka, L-115, Phase-II, Basanti Colony, PO.: Uditnagar, Sub-Dist.: Raghunathpalli, Dist.: Sundargarh, PIN-769012, Odisha declare that I have changed my name from Yajnaseni Mohapatra to (Sushree Yajnaseni Mohapatra. Henceforth, I shall be known as **Sushree Yajnaseni Mohapatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.NO- 128, dated 26-08-2025 I, **SWAGATIKA BARIK,** D/o Govinda Barik permanent resident of Village At-Kiapalla, PO- Nuagaon, PS- Banki Dist-Cuttack, State- Odisha, Pin- 754008 declare that I have changed my name from **GEETA DEVI** (Old name) to **SWAGATIKA BARIK** (New name). Henceforth, I shall be known as **SWAGATIKA BARIK** for all future purposes.
Sd-( SWAGATIKA BARIK )

**AFFIDAVIT**

I, Behera Dinesh Kamlakanth, S/o Kamlakanta, resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as Dinesh Kamalakanta Behera (24) S/o-Kamalakanta Behera for all future purposes.

**AFFIDAVIT**

By virtue of an affidavit no.732, dtd. 01.09.2025 before the Sub-Divisional Magistrate / Assistant Collector /Sub-Collector, Nabarangpur, I, Namramani Majhi have changed my name from Nabaramani Christian to Namramani Majhi. Henceforth I shall be known as **Namramani Majhi** for all purposes.
Sd/- Namramani Majhi

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist.- Khordha vide no.-3367, Dated- 2/9/2025, I Radharani Sen, aged about 37 yrs., W/O- Haribandhu Sen, Address At- Lahangadihi, Po.- Gambharimunda, Ps.-Banpur, Dist.- Khordha, Pin- 752035, Odisha, declare that I have changed my minor daughter's name from **Harshita Sen** to **Shushree Harsita Raginee Sen.** Henceforth, she shall be known as **Shushree Harsita Raginee Sen** for all purpose.
Shushree Harsita Raginee Sen

**AFFIDAVIT**

I Jyotirmayee Mohanty, W/o- Asim Mohanty, resident of Friends Colony, Ps-Manglabag, Dist-Cuttack, Pin-753001, Odisha declare that by this affidavit Sl No. 210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

ସକାଳ THE SAKALA



● ଭସାଣିରେ ଗୋଷ୍ଠୀ ସଂଘର୍ଷ ଓ ବୃଦ୍ଧ ମୃତ ଘଟଣା

# ନାବାଳକ ସମେତ ୫ ଜଣ ଗିରଫ

ଭାପୁର,୩।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ କରଡାପଲ୍ଲୀ ଗ୍ରାମରେ ପାଥପୁର ଗ୍ରାମର ଯୁବକଙ୍କ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ ହୋଇଥିବା ଗଣ୍ଡଗୋଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାରେ ବୁଧବାର ଜଣେ ନାବାଳକ ସମେତ ୫ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ରବିବାର ରାତିରେ ପାଥପୁର ଗ୍ରାମର ଯୁବକଙ୍କ ଗଣେଶ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରାରେ କରଡାପଲ୍ଲୀ ଓ ପାଥପୁର ଯୁବକଙ୍କ ଧସ୍ତାଧସ୍ତି ଓ ଗଣ୍ଡଗୋଳରେ କରଡାପଲ୍ଲୀ ଗ୍ରାମର ହରିହର ସ୍ୱାଇଁଙ୍କ ମୃତ୍ୟୁ ହୋଇଥିଲା। ଶୋଭାଯାତ୍ରାରେ ବ୍ୟବହୃତ ଡିଜେକୁ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକଙ୍କୁ ନୟାଗଡ଼ ଜୁଭେନାଇଲ କୋର୍ଟରେ ହାଜର କରାଯିବା ସହ ଅନ୍ୟ ପାଞ୍ଚ ଜଣ ପାଥପୁର ଗ୍ରାମର ଯୋଗୀନାଥ ପରିଡ଼ା, ସଦାଶିବ ସ୍ୱାଇଁ, ଗଦାଧର ସ୍ୱାଇଁ ଓ ଡିଜେ ମାଲିକ ବାରବାଟୀ ଗ୍ରାମର ଶଙ୍କର ଗଣ୍ଡଙ୍କୁ ଭାପୁର କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

● ହନୁମନ୍ତିଆ ପ୍ରାଥମିକ କୃଷି ସମବାୟ ସମିତିରେ ଅନିୟମିତତା

# ଜାଲ୍ ସାର୍ଟିଫିକେଟରେ ସମ୍ପାଦକଙ୍କ ନିଯୁକ୍ତି ନେଇ ଅଭିଯୋଗ

ଓଡଗାଁ,୩।୯ (ସମିସ): ନୟାଗଡ଼ ଜିଲ୍ଲା ସମବାୟ ସଂସ୍ଥାର ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡ଼ି ଖୋଲୁଥିବା ବେଳେ ପ୍ରାଥମିକ କୃଷିଋଣ ସମବାୟ ସମିତି ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ଲମ୍ବିଥିବା ଅଭିଯୋଗ ହୋଛି। ଏପରିସ୍ଥଳେ ଓଡଗାଁ ବ୍ଲକ କୁରାଳ ସନ୍ନିକଟ ହନୁମନ୍ତିଆ ପ୍ରାଥମିକ କୃଷିଋଣ ସମବାୟ ସମିତିରେ ସଭାପତି ଓ ସମ୍ପାଦକଙ୍କ ମିଳିତ ଉଦ୍ୟମରେ ବ୍ୟାପକ ଦୁର୍ନୀତି ହେଉଥିବା ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରଥମକରି ସମବାୟ ସମିତି ଅଫିସ ହନୁମନ୍ତିଆ ଗ୍ରାମ ବଦଳରେ ସମ୍ପାଦକଙ୍କ କୁରାଳ ନିଜ ଘରେ ସୋସାଇଟିର ଅଫିସ ଚଳାଇ ମାସିକ ୩ ହଜାର ଟଙ୍କା ଭଡ଼ା ବାବଦ ଉଠାଇ ନେଉଥିବା ବେଳେ ସେଠାରେ ଅଫିସରେ ସର୍ବନିମ୍ନ ସୁବିଧା ଟିକେ ମିଳୁନାହିଁ। ଅନ୍ୟପକ୍ଷରେ ସମିତି ମିଟିଂ ନକରି ସଦସ୍ୟ ମାନଙ୍କ ଘରକୁ ଘର ସଭା ବହି ବୁଲାଇ ଦସ୍ତଖତ ଆଣି ମନ ଇଚ୍ଛା ନିଷ୍ପତି ନିଆ ଯାଉଛି। କୌଣସି ସୁବିଧା ନଥାଇ ନାମମାତ୍ର ମଣ୍ଡି ଖୋଲିବାର ବାହାନା କରି ବେଆଇନ କଟନୀ ଛଟନୀ କରି ସଭାପତି ଓ ସମ୍ପାଦକଙ୍କ ଲାଭାର୍ଥ ଭାଗ ବାଣ୍ଟି ନେଉଛନ୍ତି। ସର୍ବୋପରି ସମ୍ପାଦକଙ୍କ ନିଯୁକ୍ତି ନିମନ୍ତେ ସର୍ବନିମ୍ନ ମାଟ୍ରିକ ପାସ ଶିକ୍ଷାଗତ ଯୋଗ୍ୟତା ରହିଥିବା ରହିଥିବା ବେଳେ ସ୍ଥାନୀୟ ଏକ ବିଦ୍ୟାଳୟରୁ ୨୦୦୬ ମସିହାରେ ୮ମ ଫେଲ ହୋଇଥିବା ବେଳେ ୨୦୦୮ ମସିହାରେ ହିନ୍ଦି ସାହିତ୍ୟ ସମ୍ମେଳନ ଏଲହାବାଦରୁ ପ୍ରଥମା ପରୀକ୍ଷା (ମାଟ୍ରିକ ସମକକ୍ଷ) ରେ ପାସ ହୋଇଥିବା ଏକ ପ୍ରମାଣପତ୍ର ଦାଖଲ କରି ଚାକିରି କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସମ୍ପାଦକ ସନ୍ତୋଷ କୁମାର ନାୟକଙ୍କ ମତାମତ ନେବାରେ ହନୁମନ୍ତିଆରେ ଘର ନ ଥିବାରୁ ସେ ତାଙ୍କ ବଡ଼ ଭାଇ ଘରେ ଅଫିସ କରିଥିବା ସ୍ୱୀକାର କରିଛନ୍ତି। ନିଜର ଶିକ୍ଷାଗତ ସମ୍ପର୍କରେ ପଚାରିବାରୁ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ ବର୍ତ୍ତମାନ କିଛି କହି ହେବନି ବୋଲି କହିଥିଲେ। ଅନ୍ୟପକ୍ଷେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରେଜିଷ୍ଟ୍ରି ଡାକ ଯୋଗେ ଏନେଇ ଅଭିଯୋଗ କରିବା ସହିତ ଶତାଧିକ ଚାଷୀ ସୁଫଳ ପାଇବାକୁ ଆଶାବାଦୀ ରହିଛନ୍ତି।

■ ଜିଲ୍ଲା ଲେଖକ ପରିଷଦର ପ୍ରସ୍ତୁତି ବୈଠକ

# ଡିସେମ୍ବର ୧୩ ନାଟକ ଓ ୧୪ରେ ବାର୍ଷିକ ଉତ୍ସବ



ନୟାଗଡ଼,୩।୯ (ସମିସ): ଜିଲ୍ଲା ଲେଖକ ପରିଷଦର ଆଗାମୀ ବାର୍ଷିକ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସିନ୍ଦୁରିଆ ବକ୍ସି ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସମ୍ପାଦକ ଶେଖ ଅବଦୁଲ ଖାଲିକ ଗତବର୍ଷ ଅନୁଷ୍ଠିତ ବାର୍ଷିକ ଉତ୍ସବର ସବିଶେଷ ତଥ୍ୟ ଉପସ୍ଥାପନା କରିବା ସହିତ ଚଳିତ ବର୍ଷର ବ୍ୟୟଅଟକଳ ଏବଂ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତ ବର୍ଷ ବାର୍ଷିକ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଲେଖକ ପରିଷଦ ସଦସ୍ୟଙ୍କ ଦ୍ୱାରା ଏକ ନାଟକ ପରିବେଷଣ କରାଯିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ବାର୍ଷିକ ଉତ୍ସବ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ପାଇବ। ସେହିପରି ଜିଲ୍ଲା ମଧ୍ୟରେ ଥିବା ସାହିତ୍ୟର ବିଭିନ୍ନ ବିଭାଗର ବିଶିଷ୍ଟ ବ୍ୟକ୍ତିଙ୍କୁ ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ କରିବା ପାଇଁ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି। ଲେଖକ ପରିଷଦ ବ୍ଲକ ପ୍ରତିନିଧିମାନେ ସେମାନଙ୍କ ବ୍ଲକର ପ୍ରତିଭୂଙ୍କ ନାମ ସମ୍ମାନିତ କରାଯିବା ପାଇଁ ପ୍ରସ୍ତାବ ଦେବେ। ବାର୍ଷିକ ଉତ୍ସବକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ପରିଷଦର ବରିଷ୍ଠ ସଦସ୍ୟଙ୍କୁ କମିଟି ଗଠନ କରାଯାଇଛି। ପ୍ରସ୍ତୁତି ବୈଠକ ଶେଷରେ ଲେଖକ ପରିଷଦ କୋଷାଧ୍ୟକ୍ଷ ଗୋପୀନାଥ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆବର୍ଜନା ବୁହା ଗାଡ଼ି କିଣାରେ ଅନିୟମିତତା

# ନିମ୍ନମାନର ଗାଡ଼ି କିଣିବାକୁ ଜିଲ୍ଲା ପରିଷଦରୁ ଚାପ

ନୟାଗଡ଼,୩।୯ (ସମିସ)

ନୟାଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଅଳିଆ ଉଠାଇବା ପାଇଁ ବ୍ୟାଟେରି ଚାଳିତ ଯାନ ଯୋଗାଇ ଦେବାରେ ବଡ଼ ଧରଣର କେଲେଙ୍କାରୀ ସାମ୍ନାକୁ ଆସିଛି। ଏହି କେଲେଙ୍କାରୀ ପାଇଁ ନୟାଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ହିଁ ଷଡ଼ଯନ୍ତ୍ର ରଚା ଯାଇଥିବା ସ୍ପଷ୍ଟ ଭାବେ ସୂଚନା ମିଳିଛି। ଜିଲ୍ଲା ପରିଷଦ କାର୍ଯ୍ୟାଳୟରୁ ବିଭିନ୍ନ ବ୍ଲକ ବିଡିଓଙ୍କୁ ଚାପ ପକା ଯାଇ ରଣପୁର ଅଞ୍ଚଳର ଗୋଦାବରୀ ନାମକ ଜଣେ ବ୍ୟକ୍ତି ଗାଡ଼ି ଯୋଗାଇ ଦେବାକୁ କୁହାଯାଇଥିଲା। ସେହି ଅନୁସାରେ ବିଭିନ୍ନ ବ୍ଲକକୁ ଉକ୍ତ ବ୍ୟକ୍ତି ଗାଡ଼ି ଯୋଗାଇ ଦେଇଥିଲେ। ଏହି କେଲେଙ୍କାରୀ ପଛରେ ଖଣ୍ଡପଡ଼ା ଓ ରଣପୁର ବିଧାୟକଙ୍କ ସମର୍ଥନ ରହିଥିବା ଆଲୋଚନା ହେଉଛି। ଉଭୟ ସରକାରୀ ଦଳର ବିଧାୟକ ଏହାକୁ ପ୍ରତ୍ୟେକ୍ଷ ବା ପରୋକ୍ଷରେ ସମର୍ଥନ ଦେଇଥିବାରୁ ଏଭଳି କେଲେଙ୍କାରୀ ସମ୍ଭବ ହୋଇଥିବା ତଳିଆ କର୍ମଚାରୀମାନେ କହୁଛନ୍ତି। ଏହି ବ୍ୟାଟେରୀ ଚାଳିତ ଗାଡ଼ି କିଣିବାକୁ ବ୍ଲକ ପ୍ରଶାସନ ୭୦ ପ୍ରତିଶତ ଅର୍ଥ ଏବଂ ପଞ୍ଚାୟତରୁ ୩୦ ପ୍ରତିଶତ ଅର୍ଥ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ



ରହିଥିଲା। ୨ ଲକ୍ଷ ୫୦ ହଜାରରୁ ୩ ଲକ୍ଷ ଟଙ୍କା ମଧ୍ୟରେ ଗାଡ଼ି କିଣିବାକୁ ସମସ୍ତ ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନୟାଗଡ଼ ଜିଲ୍ଲାରେ ଏଯାବତ ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତକୁ ଆବର୍ଜନା ବୁହା ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର ଓ ଓଡ଼ଗାଁ ବ୍ଲକର ଅଧା ପଞ୍ଚାୟତକୁ ଗାଡ଼ି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଗାଡ଼ି କିଣିବା ଦାୟିତ୍ୱ ବ୍ଲକ ପାଖରେ ରହିଥିଲା। ଏହାକୁ ଟେଣ୍ଡର କରି ଗାଡ଼ି କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ବ୍ଲକକୁ ରଣପୁର ଅଞ୍ଚଳର ଗୋଦାବରୀ ନାମକ ଜୈନିକ ବ୍ୟକ୍ତି ଗାଡ଼ି ଯୋଗାଇ ଦେଇଥିବା ବ୍ଲକରୁ ସୂଚନା ମିଳିଛି। ଗାଡ଼ି ଗୁଡ଼ିକ ନିମ୍ନମାନର ଏବଂ ଗାଡ଼ିରେ ଆବର୍ଜନା ଭର୍ତ୍ତି ହେବା ପରେ ଗାଡ଼ି ଟାଣୁ ନଥିବା ଦେଖାଯାଇଛି। ଏହି ଗାଡ଼ି ଗୁଡ଼ିକର ମୂଲ୍ୟ ୯୦ ହଜାରରୁ ୧ ଲକ୍ଷ ୧୦ ହଜାର ମଧ୍ୟରେ କିଣା ଯାଇପାରିଥାନ୍ତା। ମାତ୍ର ଜୈନିକ ବରିଷ୍ଠ ଅଧିକାରୀଙ୍କ ଚାପରେ ବ୍ଲକ ପ୍ରଶାସନ ପାଟି ଚୁପ କରି ବସିଥିବା ଜଣାପଡ଼ିଛି। ବିଭିନ୍ନ ବ୍ଲକରୁ ଗାଡ଼ି ବାବଦ ୨ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ମୂଲ୍ୟ ପ୍ରଦାନ କରାଯାଇଛି। ଗାଡ଼ିର ମୂଲ୍ୟଠାରୁ ୩ ଗୁଣା ଦରରେ ଗାଡ଼ି ଗାଡ଼ି ଗୁଡ଼ିକ କାର୍ଯ୍ୟରେ ବ୍ୟବହାର ଯୋଗ୍ୟ ନୁହେଁ ବୋଲି ନିକଟସ୍ଥ ଜିଲ୍ଲା ପ୍ରଶାସନ ଏହା ଉପରେ ରୋକ ଲଗାଇଛନ୍ତି। ମାତ୍ର ନୟାଗଡ଼ ଜିଲ୍ଲାରେ ୩ ଗୁଣା ଦରରେ ଗାଡ଼ି କିଣାଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପିର ଜୈନିକ ବିଧାୟକ ଏବଂ ଜଣେ ବରିଷ୍ଠ ଅଧିକାରୀଙ୍କ ସହଯୋଗରେ ଗାଡ଼ି ଯୋଗାଣ ହୋଇଥିବା ନେଇ ଆଲୋଚନା ହେଉଛି। ଉକ୍ତ ବ୍ୟକ୍ତି ଏଭଳି କେଲେଙ୍କାରୀ କରିବାକୁ ଖୋଦ୍ ବରିଷ୍ଠ ଅଧିକାରୀ ବିଭିନ୍ନ ବ୍ଲକରେ ଚାପ ପକାଇଥିବା ଜଣାପଡ଼ିଛି। ଏହି ଘଟଣା ଜାଣିବା ପରେ ଜିଲ୍ଲା ପରିଷଦ ସଦସ୍ୟମାନେ

● ସନ୍ଦେହରେ ରଣପୁର ଓ ଖଣ୍ଡପଡ଼ା ବିଧାୟକଙ୍କ ଭୂମିକା
● ଗାଡ଼ି ଯୋଗାଇଥିବା 'ଗୋଦାବରୀ' କାହାର ଖାସ୍ ଲୋକ

କିଣାଯିବା ସମସ୍ତଙ୍କୁ ଆଚମ୍ବିତ କରିଛି। ଖଣ୍ଡପଡ଼ା, ଭାପୁର, ଓଡ଼ଗାଁ, ରଣପୁର ଓ ନୂଆଗାଁ ବ୍ଲକରେ ଶତାଧିକ ପଞ୍ଚାୟତକୁ ଗାଡ଼ି ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। କଟକ, ଖୋର୍ଦ୍ଧା, ବୌଦ୍ଧ ଓ ଗଞ୍ଜାମ ଜିଲ୍ଲାରେ ଏହି ଗାଡ଼ି କିଣିବାକୁ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ବାରଣ କରିଛନ୍ତି। ଏହି ଆଶ୍ଚର୍ଯ୍ୟ ହେବା ସହ ଆଗାମୀ ସାଧାରଣ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଯିବ ବୋଲି ଜଣେ ସଦସ୍ୟ ମତ ଦେଇଛନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ, ପ୍ରଶାସନକୁ ଅଚଳ କରି ଦିଆଯିବ ବୋଲି କିଛି ରାଜନୈତିକ ବ୍ୟକ୍ତି ମତ ରଖିଛନ୍ତି।

# ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ




ନୟାଗଡ଼,୩।୯ (ସମିସ): ଏକ ଦିବସୀୟ ଜିଲ୍ଲାସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ନୟାଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ପରିଦର୍ଶନ କରି ନବଭାରତ ସାକ୍ଷରତା ଅଭିଯାନ କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମରେ ସୂଚାରୁ ରୂପେ କାର୍ଯ୍ୟ କରିବା ସହ ସଫଳ ରୂପାୟନ ପାଇଁ ହିତ ଉପଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ୮ ଗୋଟି ବ୍ଲକରୁ ମୋଟ ୪୮ ଜଣ ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଗଲା। ପ୍ରତି ବ୍ଲକରୁ ପ୍ରାଇମେରୀ ବିଦ୍ୟାଳୟରୁ ତିନି ଜଣ ଓ ସେକେଣ୍ଡାରୀ ବିଦ୍ୟାଳୟରୁ ତିନି ଜଣ ଲେଖାଏଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାଷ୍ଟର ଟ୍ରେନର ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମାଷ୍ଟର ଟ୍ରେନର ମାନେ ନିଜ ନିଜ ବ୍ଲକରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଦେବେ ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ ଉପସ୍ଥିତ ଥିଲେ। ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ ମଞ୍ଚାସୀନ ରହି ମାଷ୍ଟର ଟ୍ରେନରଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମ୍ବଳ ଶିକ୍ଷକ ଭାବରେ ନିରଞ୍ଜନ ଦାସ, ଗିରିଜା ଶଙ୍କର ମହାପାତ୍ର, ଲିପ୍ସା ନନ୍ଦ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଭା ଆରମ୍ଭ ସହ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଶିକ୍ଷକ ପ୍ରତାପ କୁମାର ପରିଡ଼ା, ଜୁନିୟର ଆସିଷ୍ଟାଣ୍ଟ ଅରବିନ୍ଦ ନାୟକ ଓ ସଞ୍ଜୀବ ମଲ୍ଲିକ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ନୃତ୍ୟ ପ୍ରତିଯୋଗିତା



ନୟାଗଡ଼,୩।୯ (ସମିସ): ଖଣ୍ଡପଡ଼ା ରୋଡ୍ ସ୍ଥିତ ନୀଳମାଧବ ହୋଟେଲରେ ସୃଜନିକା ପରିଷଦ ତରଫରୁ ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ନୟାଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଥିଲେ। ବିଚାରକ ଭାବେ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ଅଧ୍ୟାପକ ଡ. ଆଶୁତୋଷ ମିଶ୍ର, ଓ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ଉଦଘାଟକ ଶ୍ରୀ ପଟ୍ଟନାୟକ ନୟାଗଡ଼ର କଳା, ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସାହିତ୍ୟ ସଙ୍ଗୀତ ଓ ନୃତ୍ୟ କୌଣସି ଦିଗରେ ନୟାଗଡ଼ ଜିଲ୍ଲା ପଛରେ ପଡ଼ିବ ନାହିଁ ବୋଲି କହିଥିଲେ। ଅନୁଷ୍ଠିତ ପ୍ରତିଯୋଗୀତାରେ ୨୦ ଜଣ ପ୍ରତିଯୋଗୀ ସେମି ଫାଇନାଲକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆଗାମୀ ୨୧ ତାରିଖ ରବିବାର ଡ୍ୟାନ୍ସ ନୟାଗଡ ଡ୍ୟାନ୍ସ ଫାଇନାଲ ଅନୁଷ୍ଠିତ ହେବ ବୋଲି ସୃଜନିକା ସଚିବ ଡ. ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ କ୍ଷଣପ୍ରଭା କର ସଂଯୋଜନା କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ଦୁଇ ଶିକ୍ଷୟିତ୍ରୀ

ଗଣିଆ,୩।୯ (ସମିସ): ମ୍ୟାଟ୍ରିକ ପରୀକ୍ଷାରେ ଉନ୍ନତ ମାନର ପ୍ରଦର୍ଶନ କରିଥିବା ବିଦ୍ୟାଳୟର ଶିକ୍ଷକ ମାନଙ୍କୁ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି। ଶିକ୍ଷକ ମାନଙ୍କୁ ଉତ୍ସାହିତ କରିବା ପାଇଁ ଏହି ପୁରସ୍କାର ଗତ ଦୁଇ ବର୍ଷ ହେବ ଦିଆଯାଉଛି। ତେବେ ୨୦୨୩-୨୪ ମସିହା ପାଇଁ ଜିଲ୍ଲା ମାଧ୍ୟମିକ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ଗଣିଆ ବ୍ଲକ ରାମଚନ୍ଦ୍ର ପ୍ରାଣବନ୍ଧୁ ଉଚ୍ଚ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ। ଉକ୍ତ ବିଦ୍ୟାଳୟର ତୃତୀୟ ଭାଷା ପାଇଁ ଅନିତା ମହାପାତ୍ର ଏବଂ ସାଧାରଣ ବିଜ୍ଞାନ ପାଇଁ ଲୋପାମୁଦ୍ରା ବେହେରାଙ୍କୁ ମନୋନୀତ କରାଯାଇଛି। ତେବେ ଉକ୍ତ ଖବର ଜଣାପଡିବା ପରେ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗିରଥି ଜାନି ଏବଂ ପୂର୍ବତନ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଉଭୟ ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# କର୍କଟ ରୋଗରେ ଡିଲରଙ୍କ ମୃତ୍ୟୁ

ଭାପୁର,୩।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ପଞ୍ଚାୟତ ମହୁଲିଆ ଗ୍ରାମର ମୀନକେତନ ବଳିୟାରସିଂହଙ୍କ କର୍କଟ ରୋଗରେ ମୃତ୍ୟୁ ହୋଇଯାଇଛି। ସେ ଦୀର୍ଘ ଏକ ବର୍ଷ ଧରି ଗଳା କର୍କଟ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ସମୟରେ ମଙ୍ଗଳବାର ଦିନ ତାଙ୍କର ମୃତ୍ୟୁ ହୋଇଯାଇଛି। ମରଶରୀରକୁ ତାଙ୍କ ଗାଁ ମହୁଲିଆକୁ ଅଣାଯାଇ ଶ୍ମଶାନରେ ଶେଷ କୃତ୍ୟ ସମ୍ପର୍ଣ୍ଣ ହୋଇଛି। ତାଙ୍କର ଏକମାତ୍ର ପୁଅ ବାବୁ ମୁଖାଗ୍ନି ଦେଇଛନ୍ତି। ମୃତ ମୀନକେତନ ଦୀର୍ଘ ୩୦ ବର୍ଷ ହେଲା ଭାପୁର ପଞ୍ଚାୟତ ମାନପୁର, ନିହଲପ୍ରସାଦ, ମହୁଲିଆ ଓ ଗୋଳାପୋଖରୀ ପଞ୍ଚାୟତ ମରିଚିଆ, କରଡାପଲ୍ଲୀ ଓ ପାଥପୁର ଗାଁ ପାଇଁ ଡିଲର ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ଭାପୁର ଡିଲର ଆସୋସିଏସନ ଶୋକ ପ୍ରକାଶ କରିବା ସହ ବୁଧବାର ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ଦେଶୀ ମଦ ଜବତ, ବାପ ପୁଅ ଗିରଫ

ଭାପୁର/ଖଣ୍ଡପଡ଼ା,୩।୯ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବନମଳୀପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ୪୦ ଲିଟର ଦେଶୀ ମଦ ଜବତ କରିବା ସହ ବାପ ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ମୃତ୍ୟୁଞ୍ଜୟ ତ୍ରିପାଠୀ ଓ ତାଙ୍କ ପୁଅ ଦୀପୁନା ତ୍ରିପାଠୀ। ଏହି ଚଢ଼ଉ ସମୟରେ ଖଣ୍ଡପଡା ଅବକାରୀ ଥାନା ଅଧିକାରୀ ଦୀପକ କୁମାର ଜେନା ତାଙ୍କ ସହଯୋଗୀ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାଏକ ସାମିଲ ଥିଲେ।

# ଯୋଜନା ସମ୍ପର୍କିତ ସଚେତନତା ଶିବିର

ଓଡଗାଁ,୩।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଓଡ଼ଗାଁ ଅଦାଲତର ତାଲୁକ ଆଇନ ସେବା ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସଂଘମିତ୍ରା ଶର୍ମାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୁନିଅର ସିଭିଲ ଜଜ୍ ପ୍ରେରଣା ଶ୍ରୀ ଦେଓ, ଗ୍ରାମ୍ୟ ନ୍ୟାୟାଳୟ ନ୍ୟାୟାଧିକାରି ସୌମ୍ୟାଶ୍ରୀ ମହାପାତ୍ର, ବାର ଆସୋସିଏସନ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଉପସଭାପତି ତଥା ଆଡିସନାଲ ପିଟି ଯଜ୍ଞ ନାରାୟଣ ପାତ୍ର, ସମ୍ପାଦକ ବଟକୃଷ୍ଣ ମିଶ୍ର, ପିପି ଇନ୍ଦୁ ଭୂଷଣ ମିଶ୍ର, ବରିଷ୍ଠ ଅଧିବକ୍ତା ଗୋବିନ୍ଦ ଚନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ପବିତ୍ର କୁମାର ସେଠୀ, ରଙ୍ଗଣିପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖଙ୍କ ସହିତ ବାର ଆସୋସିଏସନର ଅଧିବକ୍ତା ମାନେ ଯୋଗ ଦେଇଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ଏବଂ ସାମାଜିକ ସୁରକ୍ଷା ବାବଦରେ ଆର୍ଥିକ ସହାୟତା ସମ୍ପର୍କିତ ଆଲୋଚନା ହୋଇଥିଲା। ତହସିଲ କାର୍ଯ୍ୟାଳୟରୁ ରେସିଡେନ୍ସ, ଏସିବିସି, ଇନକମ ଏବଂ ଲିଗାଲ ହେୟାର ପ୍ରମାଣପତ୍ର ଯୋଗାଇ ଦେବା ସହିତ ପକ୍ସୋ ପିଡିତାଙ୍କୁ କ୍ଷତିପୂରଣ, ଅଜଣା ଗାଡ଼ି ଧକ୍କାରେ ମୃତକ ପରିବାର, ଭିନ୍ନକ୍ଷମ ହୋଇପଡିଥିବା ବ୍ୟକ୍ତି ବିଶେଷଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ଆଇନର ପ୍ରାବଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ହିତାଧିକାରୀଙ୍କ ନିମନ୍ତେ ରହିଥିବା ଯୋଜନା ଗୁଡିକ ଓଡ଼ିଆ ଭାଷାରେ ଲିଫଲେଟ ପ୍ରସ୍ତୁତ କରି ବଣ୍ଟନ କରିବା ପାଇଁ ଏଡିଜେ କହିଥିଲେ।

# ଯୋଗାଣ ବିଭାଗରେ ହିତାଧିକାରୀଙ୍କ ଭିଡ଼

ଓଡ଼ଗାଁ,୩।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ହିତାଧିକାରୀଙ୍କ ନିକଟରେ ସୂଚନା ପାଇବା ପାଇଁ ଅସମ୍ଭବ ଭିଡ ଦେଖିବାକୁ ମିଳିଛି। ହିତାଧିକାରୀଙ୍କ ପାଖରେ ସଠିକ୍ ସୂଚନା ନଥିବା ବେଳେ ଗାଁ ମାନଙ୍କରେ ଭୁଲ୍ ସୂଚନା ପାଇ ଶହଶହ ସଂଖ୍ୟାରେ ଖାଉଟି କାର୍ଡ ଆବେଦନ କାରୀ ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ସନ୍ଦେହ ଦୂର ପାଇଁ ଆସି ଦୀର୍ଘ ସମୟ ପର୍ଯ୍ୟନ୍ତ ଲମ୍ବା ଲାଇନରେ ଠିଆ ହୋଇ ରହୁଛନ୍ତି। ହିତାଧିକାରୀଙ୍କ କେ-ୱାଇସି ଅପଡେଟ୍ କରିବା ବ୍ୟବସ୍ଥା ପାଇଁ ପ୍ରତି ପଞ୍ଚାୟତରେ ସୁବିଧା ଉପଲବ୍ଧ ରହିଥିବା ବେଳେ ଭୁଲ ବୁଝାବଣା ପାଇଁ ଗାଁରୁ ହିତାଧିକାରୀମାନେ ଆସି ବ୍ଲକରେ ପହଞ୍ଚୁଛନ୍ତି। ଅନ୍ୟପକ୍ଷରେ କେବଳ ମୋବାଇଲ ଲିଙ୍କ୍ ଓ ବିବାହିତ ଝିଅ ମାନଙ୍କ ନାମ ବାପଘର ପରିବାରରୁ କାଟି ଶାଶୁଘରେ ଯୋଗ କରାଯାଉଛି। ଏହି ପ୍ରକ୍ରିୟା ଚାଲିଥିବା ବେଳେ ଅଯଥାରେ ହିତାଧିକାରୀମାନେ ବ୍ଲକରେ ପହଞ୍ଚୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଅଧିକାରୀ ମଳୟ ମେହେର କହିଥିବା ବେଳେ ସେମାନଙ୍କୁ ବୁଝାସୁଝା କରି ଫେରେଇବା ପରେ ପରିସ୍ଥିତି ନିୟନ୍ତ୍ରଣ ରହିଛି।

# କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ନିର୍ବାଚନ: ପ୍ରହଲ୍ଲାଦ ସଭାପତି, ସନ୍ତୋଷ ସମ୍ପାଦକ

ନୟାଗଡ଼,୩।୯ (ସମିସ): ନୟାଗଡ଼ ଜିଲ୍ଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ସାଙ୍ଗଠନିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ଆସନ୍ତା ତିନି ବର୍ଷ ସଭାପତି ଭାବେ ପାଇଁ ପ୍ରହଲ୍ଲାଦ ସାହୁ ଓ ସମ୍ପାଦକ ଭାବେ ସନ୍ତୋଷ କୁମାର ନାୟକ ତୃତୀୟ ଥର ପାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଂଘ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ସହିତ ଅନୁବନ୍ଧିତ ଜିଲ୍ଲା ସଂଘର କାର୍ଯ୍ୟକାରିଣୀ ସଭ୍ୟଙ୍କୁ ନେଇ ଔଷଧ ବ୍ୟବସାୟୀ ସଂଘର ଏହି ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟର ପୂର୍ବତନ ସାଧାରଣ ସମ୍ପାଦକ



ତଥା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଜେନା ଓ ସାଙ୍ଗଠନିକ ସମ୍ପାଦକ ସଞ୍ଜୟ କୁମାର ମହାନ୍ତି ଓ ଜୟ ପ୍ରକାଶ ପରିଡା ଯୋଗଦେଇ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ଭାବେ ପରମାନନ୍ଦ ପ୍ରଧାନଙ୍କ ନାମ ଘୋଷଣା କରିଥିଲେ। ଔଷଧ ବ୍ୟବସାୟୀଙ୍କ ମଧ୍ୟ ଐକ୍ୟ ମନୋଭାବ ନେଇ ସାମାଜିକ କାର୍ଯ୍ୟକ୍ରମ ଜାରି ରଖିବାକୁ ଉଭୟ ସଭାପତି ଓ ସମ୍ପାଦକ ଘୋଷଣା କରିଛନ୍ତି। ଆସନ୍ତା ୨୬ ତାରିଖ ବୁଧବାର ଜିଲ୍ଲା ସଂଘର ତ୍ରୟୋ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

ଚାପରେ ଚେପା ରଣପୁର ବିଡିଓ

# ଅଯୋଗ୍ୟଙ୍କୁ ୩୫୦୦ ବଦଳରେ ୧୨୦୦ ଭତ୍ତା

ନୟାଗଡ଼,୩।୯ (ସମିସ)

ବଳଭଦ୍ରପୁର ପଞ୍ଚାୟତ ଭତ୍ତା କେଲେଙ୍କାରୀ

ନୟାଗଡ଼ ଜିଲ୍ଲାରେ ସାମାଜିକ ସୁରକ୍ଷା ବିଭାଗର ଅବହେଳା ଓ ଦାୟିତ୍ୱ ହୀନତା ପାଇଁ ବିଭିନ୍ନ ବ୍ଲକରେ ଅଯୋଗ୍ୟ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ନକଲି ଦିବ୍ୟାଙ୍ଗଙ୍କୁ ଭତ୍ତା ସହ ସବୁ ପ୍ରକାର ସରକାରୀ ସହାୟତା ମିଳୁଛି। ରଣପୁର ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ହୋଇଥିବା ଭତ୍ତା ଦୁର୍ନୀତି ଗତ ଜୁନ ୧୧ ତାରିଖ ସକାଳରେ ପ୍ରକାଶ ପାଇଥିଲା। ଏହାକୁ ନେଇ ଅନିୟମିତତା କରିଥିବା ହିତାଧିକାରୀଙ୍କ ଭତ୍ତା ବନ୍ଦ କରାଯାଇଥିଲା। ମାତ୍ର ରଣପୁର ବିଡିଓ ମନୋଜ ନାୟକ ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୁଣି ଥରେ ଅଯୋଗ୍ୟ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ବଦଳରେ ୧୨୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଇଥିବା ଅଭିଯୋଗ ହୋଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଶହ ଶହ ହିତାଧିକାରୀଙ୍କୁ ବୟସ ନହୋଇ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଏପରିକି ୮୦ ବର୍ଷରୁ କମ ବୟସ୍କଙ୍କ ବୟସ ବଢ଼ା ଯାଇଛି। ବଳଭଦ୍ରପୁର ପଞ୍ଚାୟତ ଶତାଧିକ ଲୋକଙ୍କ ବୟସ ବୃଦ୍ଧି କରାଯାଇ କେଲେଙ୍କାରୀ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଅନୁସାରେ, ଉକ୍ତ ପଞ୍ଚାୟତ ବାସୁଦିଆ ଗ୍ରାମର ତ୍ରିନାଥ ବାରିକ ୨୦୨୨ ପଞ୍ଚାୟତ ନିର୍ବାଚନ ଭୋଟର ଲିଷ୍ଟରେ ୭୫ ବର୍ଷ ବୟସ୍କ ହୋଇଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ଭୋଟର ଲିଷ୍ଟରେ ତାଙ୍କ ବୟସକୁ ୮୨ କରାଯାଇଥିଲା। ସେ ଏବେ ରାଜ୍ୟ ସରକାରଙ୍କ ଯୋଜନା ମୁତାବକ ୩୫ ଶହ ଟଙ୍କା ଭତ୍ତା ପାଉଥିଲେ। ସେହିଭଳି ଭାବେ ସୁକ ବେହେରା ୨୦୨୨ରେ ୬୬ ବର୍ଷ ୨୦୨୪ରେ ୮୩ ବର୍ଷ। ବସନ୍ତ ଜେନାଙ୍କ ବୟସ ୨୦୨୨ ମସିହାରେ ୪୮, ୨୦୨୪ ମସିହାରେ ୬୬ ହୋଇଛି। ରବୀନ୍ଦ୍ର ବରାଡ଼ଙ୍କ ବୟସ ୫୫କୁ ୬୩ କରାଯାଇଛି। ସଦାଶିବ ଦଳେଇ ୫୩କୁ ୬୧ କରାଯାଇଛି। ଦୀନବନ୍ଧୁ ସେଠୀ ୬୫କୁ ୮୩ କରାଯାଇଛି। ଉମାକାନ୍ତ ସେଠୀ ୫୬କୁ ୬୬ କରାଯାଇଛି। ନିବେଶ ସେଠୀ ୫୬କୁ ୬୪ କରାଯାଇଛି। କୁନ୍ତଳା ଦଳେଇ ୫୯କୁ ୬୮ କରାଯାଇଛି। ପାଣ୍ଡୁ ପରିଡ଼ାଙ୍କ ବୟସକୁ ୬୯ରୁ ବୃଦ୍ଧି କରି ୮୧ କରାଯାଇଛି। ହରି ପରିଡ଼ାଙ୍କ ବୟସ ୭୫ରୁ ୮୩ କରାଯାଇଛି। ୨୦୨୨ ମସିହା ଭୋଟର ଲିଷ୍ଟ ଏବଂ ୨୦୨୪ ମସିହା ଭୋଟର ଲିଷ୍ଟକୁ ଅନୁଧ୍ୟାନ କଲେ ଏଭଳି ସାଂଘାତିକ ଚିତ୍ର ସାମ୍ନାକୁ ଆସିବା ବେଳେ ସକାଳରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ବିଡିଓ ଟିମ୍ ଗଠନ କରି ତଦନ୍ତ କରିବାର ପ୍ରତିଶୃତି ଦେଇଥିଲେ। ଏହି ହିତାଧିକାରୀଙ୍କ ଭତ୍ତା ବନ୍ଦ କରାଯାଇଥିଲା। ଏବେ ପୁଣି ଉକ୍ତ ହିତାଧିକାରୀଙ୍କୁ ୩୫ ଶହ ଟଙ୍କା ବଦଳରେ ୧୨ ଶହ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏନେଇ ରଣପୁର ବିଡିଓଙ୍କ ମତାମତ ନେବାରେ, ଏ ସମ୍ପର୍କରେ ଆମେ ଜିଲ୍ଲାକୁ ଜଣାଇଥିଲୁ। ସେଠାରୁ କ'ଣ ନିର୍ଦ୍ଦେଶ ଆସିଛି, ଭତ୍ତା ସେକ୍ସନ କ'ଣ କାର୍ଯ୍ୟ କରିଛି ବୁଝିକି କହିବେ ବୋଲି କହିଛନ୍ତି।

# ବଢୁଛି ମଦ ବେପାର; ତାତିଲେ ମହିଳା




ନିରାକାରପୁର,୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ପଞ୍ଚାୟତ ନାଲ୍‌ସିଂହ ଗ୍ରାମର ଏକାଧିକ ସ୍ଥାନରେ ଚୋରା ମଦ କାରବାର ହେଉଥିବାର ଅଭିଯୋଗ ହେଉଥିବାବେଳେ ମଦପିଇ ଘରେ ଘରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଛି। ମାର୍‌ପିଟ୍ ହେବା କାରଣରୁ ବୁଧବାର ମହିଳାମାନେ ଏକ୍‌ଜୁଟ୍ ହୋଇ ମଦ ବିରୋଧୀ ଆନ୍ଦୋଳନ କରି ଗ୍ରାମରୁ ସମ୍ପୂର୍ଣ୍ଣ ଚୋରା ମଦ ବେପାର ବନ୍ଦ କରିବାକୁ ପୁଲିସ ନିକଟରେ ଦାବି କରିଛନ୍ତି। ଏହି ମହିଳାମାନେ ଜଂକିଆ ଥାନା ଆଗରେ ଚୋରା ମଦ ବେପାର କରୁଥିବା ବେପାରୀଙ୍କୁ ଗିରଫ କରିବାକୁ ଅଡ଼ି ବସିବା କାରଣରୁ ଜଂକିଆ ଆଇଆଇସି ସୁଶାନ୍ତ କୁମାର ବେହେରା ପଦକ୍ଷେପ ନେଇ ଗୋଟିଏ ପେଟି ଦେଶୀ ମଦ ଜବତ କରିଥିବା ଜଣାପଡ଼ିଛି। ଜଂକିଆ ଥାନା କେସ୍ ନଂ ୩୧୭/୨୫ରେ ଗ୍ରାମର କାଞ୍ଚନ ପ୍ରଧାନଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି। ମହିଳାମାନଙ୍କର ଏତାଦୃଶ କାର୍ଯ୍ୟକୁ ଦେଖି ଗ୍ରାମର ଅନ୍ୟ ଚୋରା ମଦ ବେପାରୀଙ୍କ ମନରେ ଛନକା ପଶିଛି।

# ଗଞ୍ଜେଇ ଜବତ, ମହିଳା ବେପାରୀ ଗିରଫ

ଜଟଣୀ,୩।୯ (ସମିସ): ଜଟଣୀ ସହର ନିଶା କାରବାରର ପେଣ୍ଠସ୍ଥଳୀ ହୋଇଛି। ପ୍ରତିଦିନ ବିଭିନ୍ନ ନିଶାଡ଼ିଙ୍କ ଉତ୍ପାତ ଯୋଗୁଁ ସହରବାସୀ ଅତିଷ୍ଠ ହେଉଥିବାବେଳେ ମହିଳାମାନେ ଏନେଇ ଥାନାରେ ଅଭିଯୋଗ କରିଥାନ୍ତି। ହେଲେ ଏଠାରେ ଜଣେ ମହିଳା ନିଶା କାରବାର କରୁଥିବା ଅବସ୍ଥାରେ ପୁଲିସ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ବୁଧବାର ଜଟଣୀ ଥାନା ପୁଲିସ ଏସ୍‌ଆଇ ସସ୍ମିତା ସାହୁ ଟିମ୍ ସହିତ ସ୍ଥାନୀୟ କୁଦିଆରୀ ଅଞ୍ଚଳରେ ଚଢ଼ଉ କରିଥିଲେ। ସେଠାରେ ଜଣେ ମହିଳା ନିଜ ପାଖରେ ଥିବା ଜରି ବ୍ୟାଗ୍‌କୁ ଲୁଚାଇବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ମାଡ଼ି ବସିଥିଲା। ଉକ୍ତ ବ୍ୟାଗ୍‌ରୁ ୨କେଜି ଗଞ୍ଜେଇ ସହିତ ନଗଦ ୧୦ ହଜାର ଟଙ୍କା ଜବତ କରିଥିଲା। ଏନେଇ ପୁଲିସ ଉକ୍ତ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ଜଣକ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ କୁଦିଆରୀ କଦଳୀ ଗୋଦାମ ନିକଟରେ ରହୁଥିବା ପୁଷ୍ପାବତୀ ଘୋଷ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ଗୋରୁବୋଝେଇ ଗାଡ଼ି ଜବତ, ୨୯ ଗୋରୁ ଉଦ୍ଧାର

## ● ୮ ମୃତ ଗୋରୁଙ୍କୁ ପୋତିଲା ପୁଲିସ

ଖୋର୍ଦ୍ଧା,୩।୯ (ସମିସ): ୧୬ନଂ ଜାତୀୟ ରାଜପଥର ପିତାପଲି ଛକଠାରୁ ପୁଲିସ ଏକ ଗୋରୁବୋଝେଇ ୪୦୭ ଜବତ କରିଛି। ଗାଡ଼ି ଭିତରୁ ପୁଲିସ ୨୯ ଗୋରୁ ଉଦ୍ଧାର କରିଥିବାବେଳେ ତନ୍ମଧ୍ୟରେ ୮ ଗୋରୁଙ୍କର ମୃତ୍ୟୁ ହୋଇଛି। ପୁଲିସ ଏନେଇ ୨୦୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ଜାମୁସାହିରୁ ଯଦୁପୁର ଅଭିମୁଖେ ଏକ ଗୋରୁବୋଝେଇ ଗାଡ଼ି ଯାଉଥିବା ବିଶେଷ ସୂତ୍ରରୁ ଖବର ପାଇ ବଜରଙ୍ଗ ଦଳ ସଦସ୍ୟ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରି ବୁଧବାର ସକାଳ ସାଢ଼େ ୫ଟା ସମୟରେ ପିତାପଲିଠାରେ ଅଟକାଇବାରେ ସକ୍ଷମ ହୋଇଥିଲେ। ଗାଡ଼ି ଭିତରେ ଗୋରୁ ଥିବା ଦେଖି ପୁଲିସ ଜିମା ଦେଇଥିଲେ। ପୁଲିସ ଗାଡ଼ି ଭିତରୁ ଅମାନୁଷିକଭାବେ ବନ୍ଧା ହୋଇଥିବା ଗୋରୁଙ୍କୁ ଉଦ୍ଧାର କରିଥିଲା। ତେବେ ୮ ମୃତ ଗୋରୁଙ୍କୁ ପୁଲିସ ଗୋଶାଳା ପଡ଼ିଆରେ ପୋତିଥିଭାବେଳେ ୨୧ ଗୋରୁଙ୍କୁ ଜଟଣୀ ଗୋଶାଳାରେ ଛଡ଼ାଯାଇଥିବା ପୁଲିସ ସୂଚନା ଦେଇଛି।

# ମାନସିକ ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର

ଟାଙ୍ଗୀ,୩।୯ (ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ କୁହୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାନସିକ ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ମାନସିକ ରୋଗୀ ବିଶେଷଜ୍ଞ ଡା. ଆଲୋକ ଜ୍ୟୋତି ସାହୁଙ୍କ ନେତୃତ୍ୱରେ ୬ ଜଣିଆ ଡାକ୍ତରୀ ଦଳ ଶିବିରରେ ଉପସ୍ଥିତ ରହି ଏହି ବ୍ଲକ୍ ଅଧୀନସ୍ଥ ରତନପୁର, କୁହୁଡ଼ି, କୁଞ୍ଜୁରୀ ସମେତ ଆଖପାଖ ଅଞ୍ଚଳର ଶତାଧିକ ମାନସିକ ରୋଗୀ ଉପସ୍ଥିତ ରହି ନିଜ ନିଜର ଚିକିତ୍ସା, ପରାମର୍ଶ ସହିତ ନିଃଶୁଳ୍କ ଔଷଧ ନେଇଥିଲେ। ଏଭଳି ଏକ ଜନହିତକର କାର୍ଯ୍ୟକ୍ରମ ଏଠାରେ ଆୟୋଜନ ପାଇଁ ସ୍ଥାନୀୟ ଅଞ୍ଚଳ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଡାକ୍ତରୀ ଦଳକୁ ସାଧୁବାଦ ଜଣାଇଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବିତ ମହାପାତ୍ର, ଶ୍ରୀଦାତା ମହାନ୍ତି, ଅଜିତ୍ ବିକ୍ରମ ପ୍ରଧାନ, ରଶ୍ମିତା ହୋତା, ମଧୁସ୍ମିତା ପରିଡ଼ା, ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ସହକର୍ମୀଙ୍କ ସମେତ ଟାଙ୍ଗୀ ସ୍ୱାସ୍ଥ୍ୟ କେନ୍ଦ୍ରର ରେକର୍ଡ ଆସିଷ୍ଟାଣ୍ଟ ପବିତ୍ର ବେହେରା ଶିବିରକୁ ସୁପରିଚାଳନା କରିଥିଲେ। କୁହୁଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଟୁନି ମହାରଣା, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଭାକର ବରିସଲ, କୁହୁଡ଼ି ସ୍ୱାସ୍ଥ୍ୟ କର୍ମଚାରୀ, ସମସ୍ତ ଏଏନ୍‌ଏମ୍ ଓ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀମାନେ ସକ୍ରିୟ ସହଯୋଗ କରିଥିଲେ।

## ବଡ଼ବଜାର ଗଣେଶ ପୂଜା ମଣ୍ଡପ

# ସାଢ଼େ ୮ କେଜିର ରୁପା ମୁକୁଟରେ ଝଲସୁଛନ୍ତି ଗଜାନନ

ଜଟଣୀ,୩।୯ (ସମିସ)



ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା। ବୁଧବାର ଲଘୁଚାପଜନିତ ବର୍ଷାରେ ମଧ ଜନସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ଠାକୁରଙ୍କ ବିସର୍ଜନ ସମୟ ଯେତେ ପାଖେଇ ଆସୁଛି ପୂଜା ମଣ୍ଡପଗୁଡ଼ିକରେ ଲୋକଙ୍କ ଭିଡ଼ ପ୍ରବଳମାତ୍ରାରେ ଜମୁଛି। ଚଳିତ ବର୍ଷ ଜଟଣୀ ସହରରେ ମୁଖ୍ୟ ପେଣ୍ଡାଲ ଭାବେ ୪୫ରୁ ଊର୍ଦ୍ଧ୍ୱ ରହିଥିବାବେଳେ ଛୋଟ ବଡ଼ଭାବେ ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ପ୍ରଭୁ ଗଜାନନ ପୂଜା ପାଉଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ବ୍ୟାବସାୟିକ ତଥା ସର୍ବପୁରାତନ ବ୍ୟାବସାୟିକ ବଜାର ବଡ଼ବଜାରରେ ଚଳିତ ବର୍ଷ ମହାଆଡ଼ମ୍ବର ମଧ୍ୟରେ ନ ହେଲେ ମଧ ପରମ୍ପରା ଅନୁଯାୟୀ ଗଜାନନଙ୍କ ପୂଜା କରାଯାଇଛି। ଏଠାରେ ପୂଜା ପାଉଥିବା ପ୍ରଭୁ ଗଜାନନ, ମା' ସରସ୍ୱତୀ ଓ ଲକ୍ଷ୍ମୀଙ୍କ ମସ୍ତକରେ ସାଢ଼େ ୮ କେଜିର ରୁପା ଅଳଙ୍କାର ଖଚିତ ମୁକୁଟ ଶୋଭାପାଉଛି।

ଚଳିତ ବର୍ଷ ଏହି ପୂଜା ମଣ୍ଡପ ପାଇଁ ବ୍ୟବସାୟୀଙ୍କ ସଂଖ୍ୟା ହ୍ରାସ ପାଇଛି। ବଡ଼ବଜାର ଦେଇ ଜଟଣୀର ବହୁ ପ୍ରତିକ୍ଷୀତ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ଯୋଗୁଁ ଏକାଧିକ ବ୍ୟବସାୟୀଙ୍କ ବ୍ୟାବସାୟିକ ପ୍ରତିଷ୍ଠାନ ଉଚ୍ଛେଦ ହୋଇଥିଲା। ତେଣୁ ଏହି ମଣ୍ଡପକୁ ୨୦୦ ବ୍ୟବସାୟୀ ଆୟୋଜନ କରୁଥିବାବେଳେ ବ୍ୟବସାୟୀଙ୍କ ସଂଖ୍ୟା ହ୍ରାସ ପାଇଛି। ଆୟୋଜନ କିନ୍ତୁ ପରମ୍ପରା ଅନୁଯାୟୀ କରାଯାଉଛି। ଏହି ପୂଜା ଦୀର୍ଘ ୮୦ ବର୍ଷ ଧରି ହୋଇ ଆସୁଥିବାବେଳେ ଆଗକୁ ମଧ ଏହା ବଳବତ୍ତର ରହିବ ବୋଲି ସଭାପତି ଶ୍ରୀନିବାସ ଜେନା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସହରର ବଡ଼ବଜାର ପୂଜା ପେଣ୍ଡାଲ ଅତୀତରେ ଜଟଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିବାବେଳେ ବ୍ୟବସାୟୀମାନଙ୍କ ସମସ୍ୟାକୁ ଆଧାର କରି ପୂଜା ଯାକଜମକରେ ହେବା କଷ୍ଟସାଧ୍ୟ ହେଲାଣି। ଏଠାରେ ବ୍ୟବସାୟୀଙ୍କ ଅପେକ୍ଷା ଭକ୍ତମାନଙ୍କୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି ପୂଜା ମଣ୍ଡପ ଆୟୋଜକ କମିଟି ସଦସ୍ୟ। ଭକ୍ତଙ୍କ ଭକ୍ତିକୁ ଆଧାରକରି ପରମ୍ପରାନୁସାରେ ସେମାନଙ୍କୁ ଭୋଗ ପରସା ଯାଇଥାଏ ବୋଲି କୁହାଯାଇଛି। ତେଣୁ ଏଠାରେ ପ୍ରତିବର୍ଷ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।

# ବୁଧିବାମନଙ୍କଠାରେ ସନ୍ତାନଙ୍କ ଶୁଭ ମନାସିଲେ ମା'



ଖୋର୍ଦ୍ଧା/ବାଲୁଗାଁ/ନିରାକାରପୁର,୩।୯ (ସମିସ): ବୁଧବାର ବୁଧିବାମନ ଓଷା ଉଦ୍‌ଯାପିତ ହୋଇଛି। ଭାଦ୍ରବ ମାସ ପ୍ରତି ବୁଧବାରରେ ପାଳିତ ହେଉଥିଲା ଏହି ଓଷା। ସାଧାରଣତଃ ମହିଳାମାନେ ନିଜ ସନ୍ତାନସନ୍ତତିଙ୍କ ଶୁଭମନାସୀ ଏହି ଓଷା କରିଥା'ନ୍ତି। ଘରେ ଘରେ ସ୍ତ୍ରୀ ଲୋକମାନେ ନିସ୍ତାର ସହ ବୁଧେଇ ଓଷା କରିଥିଲେ। ଏହି ଓଷାକୁ ନିର୍ଜଳା ଓ ନିସ୍ତାର ସହ ପାଳନ କରିଛନ୍ତି। ଏହି ଓଷାରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ଭୈରବୀ ବା ବିମଳାଙ୍କୁ ଆବାହନ କରାଯାଏ।

ବୁଧିବାମନ ଓଷାର ପରମ୍ପରା ଅନୁଯାୟୀ, ବିଭିନ୍ନ ରଙ୍ଗର ଫୁଲ, ଫଳ, ଧୂପ, ଦୁବ, ହଳଦୀ, ଗୁଆ, କଉଡ଼ି, ନଡ଼ିଆ, ସାଲୁକନା, ଶଙ୍ଖା, ସିନ୍ଦୂର ପ୍ରଭୃତିକୁ ନେଇ ମହିଳାମାନେ ପୂଜା କରିଥା'ନ୍ତି। ଶିଳ ଓ ଶିଳପୁଆ ଏହାର ଦେବଦେବୀ ଅଟନ୍ତି। ପ୍ରଥମେ ଶିଳ ଓ ଶିଳପୁଆକୁ ଗଙ୍ଗାଜଳରେ ଅଁଳା, ହଳଦୀ ମିଶାଇ ସ୍ନାନ କରାଯାଏ। ପରେ ହଳଦୀରେ ଦିଅଁଙ୍କୁ ସ୍ଥାପନା କରି କଉଡ଼ିରେ ସଜେଇ ଦିଅନ୍ତି ଓଷେଇତିମାନେ। ପ୍ରାୟତଃ କୋଠିରେ ଅନେକ ମହିଳା ଏକତ୍ରିତ ହୋଇ ପୂଜା କରିଥିବାବେଳେ କେହି କେହି ଘରେ ଏକା ଏକା ବି ପୂଜା କରିଥିବା ଦେଖାଯାଇଛି। ମହିଳାମାନେ ସକାଳେ ସ୍ନାନ ସାରି ଦିଅଁଙ୍କୁ ସ୍ଥାପନା କରି ସନ୍ଧ୍ୟାରେ ବିଭିନ୍ନ ଭୋଗରାଗ ସହ ବୁଧେଇ ଓଷାର ବହି ପଢ଼ି ପୂଜା କରିଥିଲେ। ପ୍ରଥମ ପାଳିରେ ମାନସିକ କରି ନଡ଼ିଆଟିଏ ବସାଯାଏ। ଶେଷ ପାଳିରେ ନଡ଼ିଆଟି ବୁଧିବାମନଙ୍କ ଆଗରେ ଭଙ୍ଗାଯାଇଛି। ଆଜି ୫ପ୍ରକାର ପିଠାପଣା ଭୋଗ ଅର୍ପଣ କରାଯାଇ ବୁଧେଇ ଓଷା ବହିରେ ବୁଧେଇଙ୍କ ମହିମା ଗାନ କରିଥିଲେ। ବିଶ୍ୱାସ କରାଯାଏ ଯେ ନିଃସନ୍ତାନ ମହିଳା ପ୍ରଥମ ପାଳିରୁ ଶେଷ ପାଳି ଯାଏ ଏହି ବ୍ରତ କଲେ ସମସ୍ତଙ୍କ ଆଶିଷରେ ସନ୍ତାନପ୍ରାପ୍ତି ହୁଏ ବୋଲି କୁହନ୍ତି ୭୩ ବର୍ଷିୟା ବୃଦ୍ଧା ରାଜନ ପୃଷ୍ଟି। ସନ୍ତାନ କାମନା, ରୋଗବ୍ୟାଧିରୁ ମୁକ୍ତି, ବ୍ୟବସାୟ ବାଣିଜ୍ୟରେ ଉନ୍ନତି ପାଇଁ ମାନସିକ କରି ଘରର ସ୍ତ୍ରୀ ଲୋକମାନେ ନିସ୍ତାର ସହ ବୁଧେଇ ଓଷା ପାଳନ କରନ୍ତି ବୋଲି କହିଛନ୍ତି।

## ● ଚର୍ଚ୍ଚାରେ ନୂଆ ଜଗନ୍ନାଥ ସଡ଼କ ରେଳ ଫାଟକ

# ଜୁଲାଇରେ ୧୬ ଘଣ୍ଟା ଟ୍ରେନ୍ ବିଳମ୍ବ

ନିରାକାରପୁର,୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଳ ଫାଟକ ୨୧୯ ନମ୍ବର ଦୀର୍ଘ ବର୍ଷ ଧରି ଚର୍ଚ୍ଚାରେ ରହି ଆସିଛି। ରେଳ ଫାଟକ ପଡ଼ିଲେ ଅସମ୍ଭବ ଭିଡ଼, ଉଭୟ ପାଶ୍ୱର୍ରେ ଜରୁରୀକାଳୀନ ଯାନବାହନ ଅଟକି ଧନ ଜୀବନ ପ୍ରତି ବିପଦ ସୃଷ୍ଟି, ଯାତ୍ରୀମାନଙ୍କ ମଧ୍ୟରେ ଶୀଘ୍ର ଯିବାକୁ ନେଇ ମାର୍‌ପିଟ୍, ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ଓ ପରୀକ୍ଷାରେ ଅନେକ ସମୟରେ ବାଧା ସୃଷ୍ଟି ହେବା ସହିତ ସବୁଠାରୁ ଅଧିକ କ୍ଷତି ସହୁଛି ରେଳ ବିଭାଗ। ଏହି ରେଳ ଫାଟକ ଦେଇ ରାଜ୍ୟ ଓ ରାଜ୍ୟ ବାହାରର ଅନେକ ଲୋକ ଏହି ନୂଆ ଜଗନ୍ନାଥ ସଡ଼କ ଦେଇ ତୀର୍ଥ କ୍ଷେତ୍ର ପୁରୀକୁ ଜଗନ୍ନାଥ ଦର୍ଶନ ପାଇଁ ଯାଉଥିବାରୁ ରେଳ ଫାଟକ ଜଗୁଆଳି ଅନେକ ସମୟରେ ରେଳ ଫାଟକ ପକାଇବାରେ ଅସହାୟ ପ୍ରକାଶ କରୁଛନ୍ତି। ଫଳରେ ବିଭିନ୍ନ ଟ୍ରେନ୍ ଆସି ସିଗ୍ନାଲ ନିକଟରେ ଛିଡ଼ା ହେବାକୁ ବାଧ ହେଉଛି। ଯାହାଦ୍ୱାରା ରେଳ ଯାତାୟାତରେ ବିଳମ୍ବ ହେବା ସହିତ ବିଭାଗକୁ କ୍ଷତି ସହିବାକୁ ପଡୁଛି। ସୂଚନା ଅଧିକାର ଆଇନରେ ମିଳିଥିବା ଗତ ଜୁଲାଇ ମାସ ରିପୋର୍ଟ ଅନୁଯାୟୀ, ନିରାକାରପୁର-ତାପଙ୍ଗ ମଧ୍ୟରେ ୩,୨୮୯ଟି ଟ୍ରେନ (ଦିନକୁ ହାରାହାରୀ ୧୦୬) ଭାରୀ ଟ୍ରେନ୍ ଯାତାୟାତ କରିଥିବାବେଳେ ଏହି ଗେଟ୍ ନମ୍ବର ୨୧୯ ବିଳମ୍ବରେ ପଡୁଥିବା କାରଣରୁ ୧୬.୦୮ ଘଣ୍ଟା ବିଳମ୍ବ ଅର୍ଥାତ୍ ପ୍ରତିଦିନ ୩୧ ମିନିଟ୍ ଟ୍ରେନ୍ ଯାତାୟାତରେ ବିଳମ୍ବ ହେଉଥିବା ସୂଚାଉଛି। ତେଣୁ ରାଜ୍ୟ ସରକାର ଓ ରେଳ ବିଭାଗ ଉଚିତ୍ ପଦକ୍ଷେପ ଗ୍ରହଣ କରି ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

**ମାସକରେ ଯାତାୟାତ କରିଛି ୩୨୮୯ ଟ୍ରେନ୍**

# 'ମୋ ପରିବାର' ସଂଗଠନକୁ ସମ୍ବର୍ଦ୍ଧନା



ଜଟଣୀ,୩।୯ (ସମିସ): ରାମଚନ୍ଦ୍ରପୁରସ୍ଥିତ ମା' ଉତ୍ତରାୟଣୀ ପୀଠରୁ ଆରମ୍ଭ ହୋଇଥିବା ଅଗ୍ରଣୀ ସାମାଜିକ ସଂଗଠନ "ମୋ ପରିବାର'ର ସଦସ୍ୟମାନେ ମଙ୍ଗଳବାର ଜଟଣୀର ସମସ୍ତ ପୂଜା ମଣ୍ଡପ ବୁଲିବା ସହିତ ସମାଜରେ ସଂସ୍କାର ମାଧ୍ୟମରେ ପରିବର୍ତ୍ତନ ପାଇଁ ଠାକୁରଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। "ମୋ ପରିବାର'ର ପ୍ରତିଷ୍ଠାତା ସାମ୍ବାଦିକ ଶୁଭେନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ପ୍ରଥମେ ମା' ଉତ୍ତରାୟଣୀଙ୍କ ଦର୍ଶନ କରିସାରିବା ପରେ ହରିଭାଇନା ଛକ ପୂଜାମଣ୍ଡପ, ମା' ଡାଲଖାଇ ଫ୍ରେଣ୍ଡସ କ୍ଲବ୍, ଗୋପବନ୍ଧୁ ଛକ ପୂଜାମଣ୍ଡପ ଦର୍ଶନ କରିବା ପରେ ଲୋକମାନଙ୍କୁ "ମୋ ପରିବାର'ର ନୀତିନିୟମ ଏବଂ କାର୍ଯ୍ୟ ବିଷୟରେ ଲିଫ୍‌ଲେଟ୍ ମାଧ୍ୟମରେ ଅବଗତ କରାଇଥିଲେ। ମେଡିକାଲ ଛକ ପୂଜା ମଣ୍ଡପର ସଭାପତି ଶରତ ସାମନ୍ତରାୟ, ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଅଶୋକ ମିଶ୍ର, ରୁଦ୍ରନାରାୟଣ ଶତପଥୀ ଏବଂ କର୍ମକର୍ତ୍ତାମାନେ ସ୍ୱାଗତ କରିବା ସହିତ "ମୋ ପରିବାର'ର ପ୍ରତିଷ୍ଠାତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ "ମୋ ପରିବାର'ର ସଦସ୍ୟା ସସ୍ମିତା ମହାପାତ୍ର, ମମତା ଦ୍ୱିବେଦୀ, ଲିଲି ପଟ୍ଟନାୟକ, ସ୍ୱର୍ଣ୍ଣମୟୀ ଦାସ, ଦୀପା ନାୟକ, କଳ୍ପନା ଦାସ, ଭାରତୀ ସିଂ, ଲକ୍ଷ୍ମୀପ୍ରିୟା ମିଶ୍ର, ସନ୍ଧ୍ୟାରାଣୀ ମହାରଣା, ବିନତୀ ପ୍ରଧାନ, ସଦସ୍ୟ ଶୁଭ୍ରାଂଶୁ କୁମାର, ମନୋଜ ଜେନା, ରୋଶନ ନାୟକ, ମନୋଜ ମହାରଣା, ଭାଗ୍ୟଧର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଗୁରୁ ଦିବସରେ ରାଜଧାନୀରେ ବିଶାଳ ସମାବେଶ କରିବ 'ଓଷ୍ଟା'

ଖୋର୍ଦ୍ଧା/ବାଣପୁର,୩।୯ (ସମିସ): ସ୍ଥାନୀୟ ପଲ୍ଲାସ୍ଥିତ 'ଓଷ୍ଟା' ଜିଲ୍ଲା କାର୍ଯ୍ୟାଳୟଠାରେ ଖୋର୍ଦ୍ଧା ଜିଲ୍ଲା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ମିଳିତ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ସହିତ ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତିରେ ଶିକ୍ଷକ କର୍ମଚାରୀମାନେ ଶିକାର ହେଉଛନ୍ତି ବୋଲି ଜିଲ୍ଲା ଓଷ୍ଟା ସମ୍ପାଦକ ସୁଧାକର ମହାପାତ୍ର ସୂଚନା ଦେଇଛନ୍ତି। ବିଭିନ୍ନ ଦାବି ନେଇ ପବିତ୍ର ଗୁରୁ ଦିବସରେ ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ମହାସମାବେଶ କରିବା ପାଇଁ ସଂଘ ନିଷ୍ପତ୍ତି ନେଇଛି। ପରେ ଜିଲ୍ଲା ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର, କାର୍ଯ୍ୟକାରୀ ସଭାପତି ପ୍ରକାଶ କୁମାର ପଲାଇ, ଜିଲ୍ଲା ମଦ୍ରାସା ସଂଘର ସମ୍ପାଦକ ଫିରୋଜ ଖାନ୍, ଓଷ୍ଟାର ଉପଦେଷ୍ଟା ଅମ୍ବିକା ପ୍ରସାଦ ପଟ୍ଟନାୟକ, ଗଣେଶ୍ୱର ମିଶ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ଶିଶିର ଦାଶ, ଘନଶ୍ୟାମ ସ୍ୱାଇଁ, ରମେଶ ଚନ୍ଦ୍ର ପ୍ରଧାନ, ରତିକାନ୍ତ କହଲସିଂ, ଶରତ ଚନ୍ଦ୍ର ରାଉତ, ଗଣେଶ୍ୱର ପୃଷ୍ଟି, ସୁନୀଲ ପଣ୍ଡା, ମାନସ ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ଆଶିଷ ପଟ୍ଟନାୟକ ପ୍ରମୁଖ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସଫଳ ରୂପାୟଣ ପାଇଁ ବୁଧବାର ବାଣପୁର ବ୍ଲକ୍ 'ଓଷ୍ଟା' ପକ୍ଷରୁ ସଭାପତି କୈଳାଶ ଚନ୍ଦ୍ର ଲାଠିଙ୍କ ସଭାପତିତ୍ୱରେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୧ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଷ୍ଟା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶିଶିର କୁମାର ଦାସ ଯୋଗଦେଇ ଆନ୍ଦୋଳନ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଜିଲ୍ଲା ଓଷ୍ଟା କାର୍ଯ୍ୟକରୀ ସଭ୍ୟ ତ୍ରିନାଥ ହୋତା, ବ୍ଲକ୍ ଉପସଭାପତି ମମତା ହୋତା, ସୁମନ୍ତ ଫତେସିଂ, ମହେଶ୍ୱର ଜେନା, ଆଭାମୟ ରଥ, ଜୟନ୍ତ ବଳିୟାରସିଂହ ଓ ସୁପ୍ରଭା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ବ୍ଲକ୍ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଳାଇସାହି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଗ୍ରହଣ

ବୋଲଗଡ଼,୩।୯ (ସମିସ): ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ଦଳାଇସାହି ଗ୍ରାମ ପଞ୍ଚାୟତର ସରପଞ୍ଚ ସତ୍ୟଭାମା ଦେଇଙ୍କ ବିରୋଧରେ ଅନାସ୍ଥା ଭୋଟ୍ ଆଗତ ହୋଇଥିଲା। ବୁଧବାର ଦିନ ୧୧ଟା ୧୫ରୁ ୧ଟା ୧୫ ପର୍ଯ୍ୟନ୍ତ ହସିଲ୍‌ଦାର ବିଜୟ କୁମାର ସେଠୀ, ବିଡିଓ ସୁମନ ସୁଧା କୁଣ୍ଡୁ ଏବଂ ଏବିଡିଓ ରତିକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ଦଳାଇସାହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଭୋଟ୍ ଅନୁଷ୍ଠିତ ହୋଇଛି। ଦଳାଇସାହି ପଞ୍ଚାୟତରେ ୧୮ଟି ୱାର୍ଡ ରହିଥିବାବେଳେ ୭ ନମ୍ବର ୱାର୍ଡ ସଭ୍ୟ ପଦ ଖାଲି ପଡ଼ିଛି। ୧୭ଟି ୱାର୍ଡ ସଦସ୍ୟଙ୍କ ମଧ୍ୟରୁ ୧୬ ଜଣ ଏବଂ ସରପଞ୍ଚ ନିଜ ନିଜ ଭୋଟ୍ ଦେଇଥିଲେ। ୧୦ ନମ୍ବର ୱାର୍ଡ ସଭ୍ୟ ଶୁଭଶ୍ରୀ ବେହେରା ଭୋଟ୍ ଦେବାକୁ ଆସି ନ ଥିଲେ। ସତ୍ୟଭାମା ଅନାସ୍ଥା ପ୍ରସ୍ତାବ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଚାରପତି ଆର୍ .କେ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ଯେ, ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଫଳାଫଳ ଘୋଷଣା କରାଯିବ ନାହିଁ। ଭୋଟ୍‌ଦାନ ସମାପ୍ତ ହେବା ପରେ ସ୍ଥାନୀୟ ପୁଲିସ ସହାୟତାରେ ଅପରାହ୍ଣ ୨ଟାରେ ବାଲଟ୍ ବାକ୍ସକୁ ଖୋର୍ଦ୍ଧା ସରକାରୀ କୋଷାଗାରକୁ ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଘରୋଇ ଜମିରେ ଟଣାହେଉଛି ୧୧ କେଭି ତାର

ଖୋର୍ଦ୍ଧା,୩।୯ (ସମିସ)

ବେଗୁନିଆ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗୋପାଳପୁର ଗାଁରେ ଜନୈକ ଚାଷୀଙ୍କ ଜମିରେ ଜୋର୍‌ଜବରଦସ୍ତ ଉଚ୍ଚକ୍ଷମତା ସମ୍ପନ୍ନ ୧୧କେଭି ବିଦ୍ୟୁତ୍ ତାର ଟଣାଯାଉଛି। ପ୍ରତିବାଦ କଲେ ଜମି ମାଲିକଙ୍କୁ ହତ୍ୟା ଧମକ ଦିଆଯାଉଥିବା ଉକ୍ତ ଜମି ମାଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜମି ମାଲିକ ଏନେଇ ଉଠାଜଳସେଚନ ବିଭାଗ, ବିଦ୍ୟୁତ୍ ବିଭାଗ ପ୍ରଭୃତିଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଜିଲ୍ଲାପାଳଙ୍କୁ ଭେଟି ନ୍ୟାୟ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ଗୋପାଳପୁରର ନିରଞ୍ଜନ ମୁଦୁଲି ଜଣେ ଚାଷୀ। ଜମି ତାଙ୍କର ବଡ଼ ପୁଞ୍ଜି ହୋଇଥିବା କହିଛନ୍ତି। ମାତ୍ର ତାଙ୍କ ଜମି ମଝିରେ ଗ୍ରାମର ୩ଜଣ ପ୍ରଭାବଶାଳୀ ବ୍ୟକ୍ତି ବଳପୂର୍ବକ ବିଦ୍ୟୁତ୍ ବିଭାଗ ଓ ଠିକାଦାରଙ୍କୁ ହାତବାରିଶି କରି ୧୧ କେଭି ଉଚ୍ଚକ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଟାଣିବାକୁ ଉଦ୍ୟମ କରୁଛନ୍ତି। ଯାହାକୁ ନିରଞ୍ଜନ ବିରୋଧ କରିଛନ୍ତି। ବିନା ଅନୁମତିରେ ବିଦ୍ୟୁତ୍ ବିଭାଗ କିପରି ଘରୋଇ ଜମିରେ ଖୁଣ୍ଟ ପକାଇ ତାର ଟାଣିବାକୁ ଅନୁମତି ଦେଉଛି ସେ ପ୍ରଶ୍ନ କରିଛନ୍ତି। ଜମି ମାଲିକ ନିରଞ୍ଜନଙ୍କ କହିବା ଅନୁସାରେ, ଉକ୍ତ ବିଦ୍ୟୁତ୍ ତାର ତାଙ୍କ ଜମିରେ ଥିବା ଆମ୍ବଗଛ ଡାଳ ଭିତର ଦେଇ ଯାଉଥିବାବେଳେ ଯେଉଁ ଚାଷଜମି ଉପର ଦେଇ ଯାଉଛି ଉକ୍ତ ଜମିରେ ସେ ଆଇଏଫ୍‌ଏସ୍ ମଡେଲରେ ଏକ ଫାର୍ମ ପାଇଁ ଆବେଦନ କରିଛନ୍ତି। ୧୧କେଭି ମୁକୁଳା ତାର ଦ୍ୱାରା ଭବିଷ୍ୟତରେ ଆମ୍ବଗଛରେ ବିଦ୍ୟୁତ୍ ପ୍ରବାହିତ ହୋଇ ଜୀବନହାନୀ ହେବାର ସମ୍ଭାବନା ରହିଛି। ଏଥିସହିତ ନିରଞ୍ଜନଙ୍କ ଫାର୍ମ ପୋଖରୀ ଉପର ଦେଇ ଉକ୍ତ ତାର ଗଲେ ପୋଖରୀଟି ବାତିଲ୍ ହେବାର ଆଶଙ୍କା ରହିଛି। ସେହିପରି ଏହି ଅଞ୍ଚଳରେ ହାତୀ ଚଳପ୍ରଚଳ ରହିଥିବାରୁ ଉକ୍ତ ତାର ସଂସ୍ପର୍ଶରେ ଆସି ହାତୀ ମୃତ୍ୟୁ ହେବା ସମ୍ଭାବନା ରହିଛି। ଏ ସମ୍ପର୍କରେ ବିଦ୍ୟୁତ୍ ତାର ଜମି ଭିତରେ ନ ନେବା ଲାଗି ପ୍ରତିବାଦ କରିବାରୁ ସମାନେ ତାଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ଏନେଇ ନିରଞ୍ଜନ ଓ ତାଙ୍କ ପରିବାର ସ୍ଥାନୀୟ ସରପଞ୍ଚ ଓ ଭଦ୍ରବ୍ୟକ୍ତିଙ୍କୁ ଜଣାଇଥିଲେ। ପରେ ନିରଞ୍ଜନ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ଏସ୍‌ଡିଓ, କନିଷ୍ଠ ଯନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗକୁ ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେଇ ଆଞ୍ଚଳିକ କର୍ମଚାରୀଙ୍କ ମାଧ୍ୟମରେ ନିରଞ୍ଜନଙ୍କୁ ଗାଳିଗୁଲଜ କରି ଜବରଦସ୍ତ ଖୁଣ୍ଟରେ ଚଢ଼ି କାମ କରିବା ସହ ଆମ୍ବଗଛର ଡାଳ ହାଣିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ମଙ୍ଗଳବାର ଉକ୍ତ ବ୍ୟକ୍ତିମାନେ ଜମି ଉପରେ ଗଣ୍ଡଗୋଳ କରିବା ଉଦ୍ଦେଶ୍ୟରେ ଭଡ଼ାଟିଆ ମହିଳା ଆଣି ଢାଲ କରି ଜବରଦସ୍ତ ଖୁଣ୍ଟରେ ତାର ଟାଣିଛନ୍ତି। ନିରଞ୍ଜନ ଓ ତାଙ୍କ ପୁଅ ପ୍ରତିବାଦ କରିବାରୁ ସେଠାରେ ମାରି ପୋତିଦେବାକୁ ଧମକ ଦେଇଥିଲେ। ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ନିରଞ୍ଜନ ଏନେଇ ବେଗୁନିଆ ଥାନାରେ ମଧ ଅଭିଯୋଗ କରିଥିବାବେଳେ ଭୟରେ ତାଙ୍କ ପରିବାର ଚାଷଜମିକୁ ଯାଇପାରି ନ ଥିବା କହିଛନ୍ତି। ତେଣୁ ନ୍ୟାୟ ଦାବିରେ ବୁଧବାର ନିରଞ୍ଜନ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଭବିଷ୍ୟତରେ ବିପଦ ଆଶଙ୍କା ଥିବା ୧୧କେଭି ବିଦ୍ୟୁତ୍ ତାରକୁ ଚାଷଜମି ଉପରୁ ସ୍ଥାନାନ୍ତରିତ କରାଯାଇ ଅନ୍ୟ ସ୍ଥାନରେ ସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗ କରାଯିବାକୁ ସେ ନିବେଦନ କରିଥିବାବେଳେ ତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ ଲାଗି ଦାବି କରିଛନ୍ତି।



**ପ୍ରତିବାଦ କଲେ ମିଳୁଛି ହତ୍ୟା ଧମକ; ନ୍ୟାୟ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ**

# ନାଭାଲ ୟୁନିଟ୍ ଏନ୍‌ସିସି ପକ୍ଷରୁ ଚିଲିକା ସେଲିଂ ଉଦ୍‌ଘାଟିତ

ବାଲୁଗାଁ,୩।୯ (ସମିସ): କଟକ ମୁଖ୍ୟାଳୟ ଅନ୍ତର୍ଗତ ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନ୍‌ସିସି, କଟକ ଅନୁକୂଲ୍ୟରେ ଚିଲିକା ସେଲିଂ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଆସନ୍ତା ୧୦ ତାରିଖରେ ଆନୁଷ୍ଠାନିକ ଭାବେ ସମାପନ ହେବ। ଏହି ଅଭିଯାନ ଦୁଃସାହସିକ କାର୍ଯ୍ୟ ସହ ସମାଜସେବାର ମିଶ୍ରଣ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟତା ଓ ସାମୁଦାୟିକ ସମ୍ପର୍କର ଭାବନା ସୃଷ୍ଟି କରିବା ପାଇଁ ଏନ୍‌ସିସିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଆୟୋଜିତ ଶିବିରରେ ସାରା ଓଡ଼ିଶାରୁ ପ୍ରାୟ ୬୦ ଜଣ ନାଭାଲ୍ କ୍ୟାଡେଟ୍ ଅଂଶଗ୍ରହଣ କରି ୧୦ ଦିନ ଧରି ସମୁଦାୟ ୨୨୦ କିଲୋମିଟରର ଏକ ଦୁଃସାହସିକ ଦୂରତା ଅତିକ୍ରମ କରିବେ। ନୌଯାତ୍ରା ସମୟରେ କ୍ୟାଡେଟ୍‌ମାନେ କଠୋର ନୌସେନା ଅଭ୍ୟାସ ଓ ନାବିକ ତାଲିମ ଗ୍ରହଣ କରିବା ସହ ବିସ୍ତୃତ ଚିଲିକା ହ୍ରଦର ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ପରିବେଶ ସଚେତନତା, ସାମାଜିକ ସେବା ଓ ସାମାଜିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ନିୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଶିବିରକୁ କାର୍ଯ୍ୟନିର୍ବାହୀ ଅଧିକାରୀ କମାଣ୍ଡର ସତେନ୍ଦ୍ର ଧୁଲ୍ ଉଦ୍‌ଘାଟନ କରିଥିବାବେଳେ ଶୃଙ୍ଖଳା ଓ ଦୃଢ଼ତା ମାଧ୍ୟମରେ ଉତ୍କର୍ଷତା ହାସଲ କରିବାକୁ କ୍ୟାଡେଟ୍‌ମାନଙ୍କୁ ପ୍ରେରଣା ଦେଇ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ତୃତୀୟ ଓଡ଼ିଶା ନାଭାଲ୍ ୟୁନିଟ୍ ଏନ୍‌ସିସିର କମାଣ୍ଡିଂ ଅଫିସର୍ କମାଣ୍ଡର ସୁଶାନ୍ତ କୁମାର ମହାନ୍ତି ସାମିଲ୍ ହୋଇ କ୍ୟାଡେଟ୍‌ମାନଙ୍କୁ ସେମାନଙ୍କ ଉତ୍ସାହ ପାଇଁ ପ୍ରଶଂସା କରିବା ସହ ନେତୃତ୍ୱ, ସାହସ ଓ ଦଳଗତ କାର୍ଯ୍ୟ ଗଠନରେ ଏପରି ଅଭିଯାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିବାବେଳେ ଏହି ଅଭିଜ୍ଞତା ସେମାନଙ୍କୁ ଭବିଷ୍ୟତର ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହ ସମ୍ମୁଖୀନ କରିବା ପାଇଁ ପ୍ରେରଣା ଦେବ ବୋଲି କହିଥିଲେ।



# ଦଳ ଛାଡ଼ିଲେ କବିତା

ହାଇଦରାବାଦ୍, ୩।୯(ଏଜେନ୍ସି): ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ସୁପ୍ରିମୋ କେସିଆରଙ୍କ ଝିଅ କେ କବିତା ବିଆରଏସ୍ ପାର୍ଟିର ଏମ୍‌ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଶୃଙ୍ଖଳା ଭଙ୍ଗ ଓ ଦଳ



ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପାର୍ଟିରୁ ନିଲମ୍ବନ କରାଯାଇଥିଲା। କବିତା ସମ୍ବାଦିକ ସମ୍ମିଳନୀରେ ନିଜ ଭାଇ ତଥା ପାର୍ଟି ନେତା କେଟି ରାମା ରାଓ (କେଟିଆର)ଙ୍କୁ ସେ ଦାଦା ପୁଅ ଭାଇ ସନ୍ତୋଷ ରାଓଙ୍କ ଉପରେ ଭରସା ନ କରିବାକୁ ସତର୍କ କରାଇଛନ୍ତି। ଉଲ୍ଲେଖଥାଉ କି, କବିତା ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ନିଜାମାବାଦ୍‌ରୁ ସାଂସଦ ରହିଥିଲେ। ଦୀର୍ଘ ସମୟ ହେବ ପାର୍ଟି ନେତୃତ୍ୱକୁ ନେଇ ତାଙ୍କର ଭାଇ କେଟି ରାମା ରାଓ ଓ ଦାଦାପୁଅ ଭାଇ ହରିଶ ରାଓଙ୍କ ମଧ୍ୟରେ ବିବାଦ ଚାଲିଛି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ବିଆରଏସ୍‌ର କେତେଜଣ ନେତାଙ୍କ ସହ ମିଶି ଆମର ପରିବାର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଭାଇ କେଟିଆରଙ୍କ ସମେତ ପାର୍ଟିର କେତେଜଣ ନେତାଙ୍କ ବିରୋଧରେ ସେ ଏକାଧିକ ଅଭିଯୋଗ ଆଣିଛନ୍ତି।

## ଆମେରିକା ଅଧିକାରୀଙ୍କ ମୃତ୍ୟୁକୁ ନେଇ ହଇଚଇ

ଢ଼ାକା, ୩।୯(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ଏକ ହୋଟେଲରେ ଶନିବାର ଆମେରିକୀୟ ସେନାବାହିନୀର ଏକ ସ୍ପେଶାଲ ଫୋର୍ସ କମାଣ୍ଡର ଜଣେ ବରିଷ୍ଠ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଅଧିକାରୀଙ୍କ ନାମ ଟେରେନ୍ସ ଅରଭେଲ ଜ୍ୟାକ୍‌ସନ। ଏ ନେଇ ଭାରତୀୟ ଗୁଇନ୍ଦା ଏଜେନ୍ସି ଚିନ୍ତା ପ୍ରକାଟ କରିଛି। କିନ୍ତୁ ଭାରତ ଆନୁଷ୍ଠାନିକ ଭାବେ ଏ ନେଇ କୌଣସି ମନ୍ତବ୍ୟ ଦେଇନାହିଁ। ଜ୍ୟାକସନ୍ ଗତକେତେ ମାସ ହେବ ଢ଼ାକାରେ ରହୁଥିଲେ ଓ ସେ ଅଗଷ୍ଟ ୨୯ରେ ବେଷ୍ଟିନ ହୋଟେଲରେ ଅବସ୍ଥାନ କରିଥିଲେ। ସେ କ'ଣ ପାଇଁ ବାଂଲାଦେଶ ଯାତ୍ରା କରି ସେଠାରେ ରହୁଥିଲେ ସେ ନେଇ କିଛି ସ୍ୱଷ୍ଟ କରାଯାଇନାହିଁ। କୌଣସି ଯାଞ୍ଚ ନ କରାଯାଇ ତାଙ୍କ ମୃତଦେହକୁ ଆମେରିକା ଦୂତାବାସକୁ ଦିଆଯାଇଛି। ଫଳରେ ଏ ନେଇ ପ୍ରଶ୍ନ ଉଠିଛି। ଜ୍ୟାକସନ ବାଂଲାଦେଶରେ କାହିଁକି ରହୁଥିଲେ ଓ କାହାକୁ ଭେଟିବାକୁ ଯାଇଥିଲେ ବୋଲି ଭାରତ ପ୍ରଶ୍ନ କରିଛି। ଜ୍ୟାକସନ ହଠାତ ମୃତ୍ୟୁବରଣ କରିବା ଖବରକୁ ଭାରତ ସହଜରେ ଗ୍ରହଣ କରିପାରୁନାହିଁ। ଏହା ଆଞ୍ଚଳିକ ସୁରକ୍ଷା ତଥା ନିରାପତ୍ତା ପାଇଁ ଏହା ଏକ ଗମ୍ଭୀର ପ୍ରଶ୍ନ ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସି ତରଫରୁ କୁହାଯାଇଛି।

## ଗଣେଶ ଶୋଭାଯାତ୍ରାରେ ପଶିଗଲା ଏସ୍‌ୟୁଭି କାର; ୩ ମୃତ, ଡ୍ରାଇଭର ଗିରଫ

ଯଶପୁର, ୩।୯ (ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର ଏକ ଧାର୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ଏକ ବଡ଼ ଅଘଟଣ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଏସ୍‌ୟୁଭି କାର ନିୟନ୍ତ୍ରଣ ହରାଇ ଗଣେଶ ପ୍ରତିମା ବିସର୍ଜନ ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ବୁଧବାର ସୂଚନା ଦେଇଛି। କାର ଚାଳକ ସୁଖସାଗର ବୈଷ୍ଣବଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ବଗିଚା ପୁଲିସ ଥାନ ଅଞ୍ଚଳର ଜୁରୁଡାଣ୍ଡ ଗାଁରେ ଏହି ଘଟଣା ଘଟିଥିଲା। ୧୦୦ରୁ ଊର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ବାହାରି ଗଣେଶ ପ୍ରତିମା ବିସର୍ଜନ କରିବାକୁ ବାହାରିଥିଲେ। ଗୁରୁତର ଭାବେ ଆହତ ଶ୍ରଦ୍ଧାଳୁଙ୍କୁ ନିକଟସ୍ଥ ସୁରଗୁଜା ଜିଲ୍ଲାର ଅମ୍ବିକାପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟମାନଙ୍କୁ ଲୋକାଲ କମ୍ୟୁନିଟି ହେଲ୍ଥ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଓ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି।

## ୧୭ ବର୍ଷ ପରେ ଜେଲ୍‌ରୁ ମୁକୁଳିଲେ ଗ୍ୟାଙ୍ଗଷ୍ଟର ଗୱାଲୀ



ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୧୭ ବର୍ଷ ବନ୍ଦୀ ଭାବେ ରହିବା ପରେ ଗ୍ୟାଙ୍ଗଷ୍ଟର ଅରୁଣ ଗୱାଲି ନାଗପୁର ସେଣ୍ଟ୍ରାଲ ଜେଲରୁ ମୁକୁଳିଛନ୍ତି। ୨୦୦୭ରେ ଘଟିଥିବା ଏକ ହତ୍ୟା ମାମଲାରେ ତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିଲେ। ମୁମ୍ବାଇ ଶିବସେନା କର୍ପୋରେଟର କମଲାକର ଜାମସାନ୍ଦେକର ହତ୍ୟା କରିଥିବା ଅଭିଯୋଗରେ ୭୬ ବର୍ଷୀୟ ଗୱାଲୀଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ବିଭିନ୍ନ ପ୍ରକାର ଔପଚାରିକତା ଶେଷ ହେବା ପରେ ଗୱାଲୀ ବୁଧବାର ଦିନ ୧୨.୩୦ରେ ଜେଲ ବାହରକୁ ଆସିଥିଲେ। ତାଙ୍କ ପରିବାର ସଦସ୍ୟ, ଓକିଲ ଓ ସମର୍ଥକମାନେ ଜେଲ ବାହାରେ ସ୍ୱାଗତ କରିଥିଲେ। ସେ ମଧ୍ୟ ଅଖିଳ ଭାରତୀୟ ସେନା ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ। ତାଙ୍କର ଅପରାଧ ତାଲିକା ବେଶ୍ ଲମ୍ବା ରହିଛି।

## ନିଶାଦ୍ରବ୍ୟ ବୋଟ ଉପରେ ଆକ୍ରମଣ; ୧୧ ମୃତ

ୱାଶିଂଟନ, ୩।୯ (ଏଜେନ୍ସି): ଲାଟିନ ଆମେରିକାରେ ଚାଲିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆମେରିକା ନୌସେନା ଭେନେଜୁଏଲାରୁ ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିରେ ୧୧ଜଣ ନିଶାଦ୍ରବ୍ୟ ଚୋରା ଚାଲଣକାରୀ ମୃତ୍ୟୁବରଣ କରିଛନ୍ତି। ଆମେରିକା ସେନା ତରଫରୁ ଏକ କାଇନେଟିକ୍ ଷ୍ଟାଇକ୍ ଦ୍ୱାରା ଏହି ଡ୍ରଗ୍ସ ମାଫିଆଙ୍କ ଉପରେ ଆକ୍ରମଣ କରାଯାଇଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଆମେରିକା ନୌସେନାର କୌଣସି କର୍ମଚାରୀଙ୍କର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଆମେରିକାରେ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଏହା ଦ୍ୱାରା ଟ୍ରମ୍ପ ଚେତାବନୀ ଦେଇଛନ୍ତି।



# ଉ.କୋରିଆ ବାହାରେ ପ୍ରଥମଥର ଦେଖାଦେଲେ କିମ୍ ଜୋଙ୍ଗ୍‌ଙ୍କ ଝିଅ

ବେଜିଂ, ୩।୯(ଏଜେନ୍ସି): ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଅନ୍‌ଙ୍କ ଝିଅ କିମ୍ ଜୁ ଆଏଙ୍କୁ ପ୍ରଥମଥର ପାଇଁ ଦେଶ ବାହାରେ ଦେଖିବାକୁ ମିଳିଛି। ଚୀନ୍‌ର ବିଜୟ ଦିବସ ପାଳନ ଅବସରରେ ପିତାଙ୍କ ସହ କିମ୍ ଜୁ ଆଏଙ୍କୁ ସମସ୍ତେ ଦେଖିବାକୁ ପାଇଥିଲେ। ତାଙ୍କୁ କିମ୍ ଜୋଙ୍ଗଙ୍କ ଉତ୍ତରାଧିକାରୀ ଭାବେ ବିବେଚନା କରାଯାଉଛି। ଜୁଙ୍କ ବୟସ ଏବେ ୧୩ ବର୍ଷ। ସେ ୨୦୨୨ରେ ପିତାଙ୍କ ସହ ସୈନ୍ୟ ପରେଡ, ଅସ୍ତ୍ରଶସ୍ତ୍ର ପରିକ୍ଷଣ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥାନ୍ତି। ତେବେ ଉତ୍ତର କୋରିଆ ବାହାରେ ତାଙ୍କୁ ପ୍ରଥମଥର ଦେଖାଯାଇଛି ବୋଲି ଗଣମାଧ୍ୟମଗୁଡିକ ଦାବି କରିଛି। କିମ୍ ଜୋଙ୍ଗଙ୍କ ୩ଟି ସନ୍ତାନ ଅଛନ୍ତି। କିମ୍ ଜୁଙ୍କ ବାଦ୍ ଦେଲେ ତାଙ୍କର ଆଉ ଜଣେ ଭାଇ ଅଛନ୍ତି। ତେବେ ତୃତୀୟ ସନ୍ତାନ ଜଣକ ପୁଅ କି ଝିଅ ତାହା ସ୍ୱଷ୍ଟ ହୋଇନାହିଁ। କିମ୍ ଜୁଙ୍କୁ ପିତା କିମ ଜଙ୍ଗ ତାଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପନା କରୁଛନ୍ତି।



# ଭାରତକୁ ଅଧିକ ଏସ୍-୪୦୦ ଦେବ ରୁଷ୍

ନୂଆଦିଲ୍ଲୀ, ୩।୯ (ଏଜେନ୍ସି): ରୁଷିଆ ଭାରତକୁ ପୁଣି ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଦେବ। ଏହି ମିସାଇଲ ପ୍ରଣାଳୀ କିଣିବାକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି। ଭାରତକୁ ଆହୁରି ଅଧିକ ଏସ୍-୪୦୦ ଦେବାକୁ ରୁଷ ପ୍ରସ୍ତୁତ ବୋଲି ରୁଷିଆର ଜଣାଶୁଣା ନ୍ୟୁଜ ଏଜେନ୍ସି ଟାସ୍ ସୂଚନା ଦେଇଛି। ରୁଷିଆର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ମନ୍ତବ୍ୟ ଦେଇଛନ୍ତି ବୋଲି ଟାସ କହିଛି। ଉଲ୍ଲେଖଥାଉ କି, ୨୦୧୮ରେ ୫ଟି ଏସ୍-୪୦୦ ସିଷ୍ଟମ କ୍ରୟ କରିବାକୁ ଭାରତ ଓ ରୁଷ୍ ମଧ୍ୟରେ ୫.୪ ବିଲିୟନ ଡଲାର ଅର୍ଥାତ ୪୮ ହଜାର କୋଟି ଟଙ୍କା ମୂଲ୍ୟରେ ଚୁକ୍ତି କରିଥିଲା। ଏପର୍ଯ୍ୟନ୍ତ ଭାରତକୁ ୩ଟି ଏସ୍-୪୦୦ ସଷ୍ଟମ ମିଳିଛି। ବାକି ଦୁଇଟି ୨୦୨୬-୨୭ରେ ମିଳିବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷରେ ହୋଇଥିବା ଅପରେସନ ସିନ୍ଦୂରରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଥିଲା ଓ ପାକିସ୍ତାନ ତରଫରୁ ଛଡା ଯାଇଥିବା ମିସାଇଲ ଓ ଡ୍ରୋନ୍ ଆକ୍ରମଣକୁ ଏହି ସିଷ୍ଟମ ଆକାଶରେ ହିଁ ନିଷ୍କ୍ରିୟ କରିଥିଲା।

# ତୃତୀୟ ବିଶ୍ୱଯୁଦ୍ଧ ପ୍ରସ୍ତୁତିରେ ୟୁରୋପ

ପ୍ୟାରିସ, ୩।୯ (ଏଜେନ୍ସି): ନାଟୋ ରାଷ୍ଟ୍ର ଏବଂ ରୁଷ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଫ୍ରାନ୍ସର ଯୁଦ୍ଧ ପ୍ରସ୍ତୁତିରୁ ଏଭଳି ସଙ୍କେତ ମିଳିଛି। ପ୍ରଘଟ ହୋଇଯାଇଥିବା ଏକ ଗୁଇନ୍ଦା ଚିଠିରୁ ଏହା ଜଣାପଡ଼ିଛି। ଫ୍ରାନ୍ସ ନିଜ ନାଗରିକ ଏବଂ ହସ୍ପିଟାଲଗୁଡିକୁ ବଡ଼ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବାକୁ କହିଛି। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମାର୍ଗଦର୍ଶିକା ମଧ୍ୟ ଜାରି କରିସାରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦିନକୁ ଶତାଧିକ ଆହତ ସୈନିକଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବାକୁ ଡାକ୍ତରଖାନାଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏହି ସୂତ୍ରରୁ ପ୍ରକାଶ।

ଏହି ଗୁପ୍ତ ଚିଠିରୁ ଜଣାପଡ଼ିଛି ଯେ ଫ୍ରାନ୍ସ କେବଳ ନିଜର ନୁହେଁ, ବରଂ ନାଟୋ ଦେଶର ସୈନିକଙ୍କ ପାଇଁ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରୁଛି। ଏଥିନିମନ୍ତେ ଉନ୍ନତ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କୁହାଯାଇଛି। ନାଟୋର ଧାରା-୫ ଅନୁଯାୟୀ କୌଣସି ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଆକ୍ରମଣ ହେଲେ ସବୁ ଦେଶ ଏକାଠି ହୋଇ ଏହାର ମୁକାବିଲା କରିବେ। ଏଭଳି ସ୍ଥିତିରେ ବ୍ରିଟେନ, ଆମେରିକା ଏବଂ ୟୁରୋପର ଅନେକ ଦେଶ ମଧ୍ୟ ସିଧାସଳଖ ଯୁଦ୍ଧରେ ସାମିଲ ହୋଇପାରନ୍ତି। ତେଣୁ ତୃତୀୟ ବିଶ୍ୱଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି

**ହସ୍ପିଟାଲ ସଜାଡୁଛି ଫ୍ରାନ୍ସ**

**ପୋଲାଣ୍ଡରେ ସେନା ମୁତୟନ ବୃଦ୍ଧି**

**ଉତ୍ତେଜନା ପଛରେ ରୁଷ୍‌ର ଯୁଦ୍ଧାଭ୍ୟାସ**

ଏଭଳି ପ୍ରସ୍ତୁତି କରାଯାଉଛି ବୋଲି ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସେନାରେ ଅଧିକ ଯବାନଙ୍କୁ ନିଯୁକ୍ତି କରାଯାଉଛି। ପୋଲାଣ୍ଡ ଏବଂ ବାଲ୍‌ଟିକ ଦେଶଗୁଡିକରେ ମଧ୍ୟ ସେନାକୁ ମଜବୁତ କରାଯାଉଛି। ଏହି ରାଷ୍ଟ୍ରଗୁଡିକରେ ଟ୍ୟାଙ୍କ, ମାଇଲଫିଲ୍ଡ ଏବଂ ରକେଟ ସିଷ୍ଟମ ସହ ସଂଯୁକ୍ତ ବାୟୁରକ୍ଷା ପ୍ରଣାଳୀ ପ୍ରସ୍ତୁତ ହୋଇରହିଛି। ଜର୍ମାନୀର ପ୍ରମୁଖ ଜେନେରାଲ କାର୍ଷ୍ଟେନ ବ୍ରେଉର ଚେତାବନୀ ଦେଇଛନ୍ତି ଯେ ରୁଷର ଜାପାଡ-୨୦୨୫ ଯୁଦ୍ଧାଭ୍ୟାସର ଭୟାବହତାକୁ ଏଡାଇହେବ ନାହିଁ। ଏହା ଆଉ ଏକ ବିଶ୍ୱଯୁଦ୍ଧ ଅଡ଼କୁ ନେଇଯାଉଛି। ଅନ୍ୟପଟେ 'ଅପରେସନ ଡାୟଚଲାଣ୍ଡ' ନାମରେ ଜର୍ମାନୀ ଏକ କାଗଜପତ୍ର ପ୍ରସ୍ତୁତ କରିଛି। ଏଥିରେ ସୁରକ୍ଷିତ ସ୍ଥାନ, ବଙ୍କର ଏବଂ ନାଟୋ ସୈନିକ ସହିତ ଗାଡ଼ି ଗୁଡିକର ମୁତୟନ ନେଇ ସୂଚନା ଦିଆଯାଇଛି। ଏହା ବ୍ୟତୀତ ପରମାଣୁ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତି ହେଉଛି। ଏଭଳି ଆକ୍ରମଣ ସ୍ଥିତିରେ ଜୀବନ ବଞ୍ଚାଇବାର ଉପାୟ ଉପରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ଚିଠିରୁ ଜଣାପଡ଼ିଛି ଯେ ଜୁଲାଇରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତୃତୀୟ ବିଶ୍ୱଯୁଦ୍ଧ ସ୍ଥିତିରେ ଦୁଇ ଦେଶ ସମନ୍ୱିତ ଭାବେ ଆକ୍ରମଣ କରିବେ ବୋଲି ଏଥିରେ କୁହାଯାଇଥିଲଶ।

ସମ୍ଭାବ୍ୟ ଯୁଦ୍ଧ ପ୍ରସ୍ତୁତିକୁ ନେଇ ୟୁରୋପ ପ୍ରସ୍ତୁତି ଚଳାଇଥିବା ବେଳେ ବିଶେଷଜ୍ଞଙ୍କ ଅନୁଯାୟୀ ଏହା ବିଶ୍ୱଯୁଦ୍ଧ ଆରମ୍ଭ ହେବାର ସଙ୍କେତ ଦେଉଛି।

# କୋହଳ ହେଲା ସିଏଏ ସୀମା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଲ୍ପସଂଖ୍ୟକଙ୍କ ପାଇଁ କେନ୍ଦ୍ର ସରକାର ବୁଧବାର ନାଗରିକତା ସଂଶାଧନ କାନୁନ୍ (ସିଏଏ)ରେ ଏକ ବଡ଼ ପରବର୍ତ୍ତନ କରିଛନ୍ତି। ଏହି ୩ଟି ପଡୋଶୀ ଦେଶରୁ ଆସିଥିବା ଅଲ୍ପସଂଖ୍ୟକ ନାଗରିକ ଯଥା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାରସୀ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ଅସ୍ୱାସ୍ଥ୍ୟକର ଖବର ଆସିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆସିଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ବିନା ପାସପୋର୍ଟରେ ରହିବାକୁ ଅନୁମତି ଦିଆଯାଇଛି।

**୨୦୨୪ ପର୍ଯ୍ୟନ୍ତ ପଡୋଶୀ ଦେଶରୁ ଆସିଥିବା ଅଲ୍ପସଂଖ୍ୟକ ଭାରତରେ ରହିପାରିବେ**

ପୂର୍ବରୁ ସିଏଏ ଅନୁସାରେ ଏହା ୨୦୧୪ ପର୍ଯ୍ୟନ୍ତ ସୀମିତ ଥିଲା। ଯଦି ଏହି ଲୋକମାନଙ୍କର ପାସପୋର୍ଟ ଓ କାଗଜପତ୍ରର ବୈଧତା ଶେଷ ହୋଇଛି, ସେମାନେ ଭାରତରେ ରହିପାରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ପୂର୍ବରୁ ସିଏଏ ଅନୁସାରେ ୨୦୧୪ ଡିସେମ୍ବର ୩୧ରେ ତାରିଖ ପର୍ଯ୍ୟନ୍ତ ଆସିଥିବା ଅଲ୍ପସଂଖ୍ୟକଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଇଥିଲା। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୨୪ ମାର୍ଚ୍ଚ ୧୧ରେ ସାରା ଦେଶରେ ସିଏଏ ଆଇନ୍ ଲାଗୁ କରିଥିଲେ। ଏହି ଆଇନ୍ ଅନୁସାରେ ଚଳିତ ବର୍ଷ ମେ ମାସରେ ୧୪ ଜଣ ଲୋକଙ୍କୁ ଭାରତର ନାଗରିକତା ପ୍ରଦାନ କରାଯାଇଥିଲା। ସେହିପରି ନେପାଳ ଓ ଭୁଟାନର ନାଗିରକଙ୍କୁ ଭାରତ ଆସିବା ପାଇଁ ଭିସାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ୧୯୫୫ରେ ଲାଗୁ ହୋଇଥିବା ଆଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।

# ପୁଣି ବିଳିବିଳେଇଲେ ଟ୍ରମ୍ପ

## ଏକତରଫା ସମ୍ପର୍କ ଚଳିବନି



ୱାସିଂଟନ, ୩।୯ (ଏଜେନ୍ସି): 'ମୃତ୍ୟୁ ଚର୍ଚ୍ଚା'ରେ ବିରାମ ଲଗାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସର୍ବ ସମ୍ମୁଖକୁ ଆସିଛନ୍ତି। ସେ ହ୍ୱାଇଟ ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭାରତକୁ ପୁଣି ଦୋଷ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଦୀର୍ଘ ଦିନ ହେଲା ଆମେରିକା ସହ ଭାରତର ଏକତରଫା ସମ୍ପର୍କ ଥିଲା। ସେଥିପାଇଁ ନୂଆଦିଲ୍ଲୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଟ୍ରମ୍ପଙ୍କ ଅନୁଯାୟୀ ଆମେରିକା ସାମଗ୍ରୀ ଉପରେ ଭାରତ ଶତ ପ୍ରତିଶତ ଶୁଳ୍କ ଲଗାଉଛି। ଏହା ବିଶ୍ୱରେ ସର୍ବାଧିକ। ଏଥିଯୋଗୁଁ ଦୁଇ ଦେଶର ମଧ୍ୟରେ ବାଣିଜ୍ୟ ଅସନ୍ତୁଳନ ସୃଷ୍ଟି ହୋଇଛି। ଆମେରିକା ବହୁତ କମ୍ ଏବଂ ଭାରତ ସର୍ବାଧିକ ବ୍ୟବସାୟ କରୁଥିଲା। କାରଣ ସେତେବେଳେ କୌଣସି ଶୁଳ୍କ ଲଗାଯାଉ ନ ଥିଲା। ଏହାର ଲାଭ ଭାରତ ଉଠାଉ ଥିଲା। ଟ୍ରମ୍ପ ଏଥିପାଇଁ ଆମେରିକୀୟ କମ୍ପାନୀ ହାର୍ଲେ ଡେଭିଡସନର ଉଦାହରଣ ଦେଇଛନ୍ତି। ଏହି କମ୍ପାନୀର ମୋଟରସାଇକେଲ ଉପରେ ଭାରତ ୨୦୦ ପ୍ରତିଶତ ଶୁଳ୍କ ଲଗାଉ ଥିଲା। ଏଥିପାଇଁ କମ୍ପାନୀ ଗାଡ଼ି ବିକ୍ରି କରିପାରୁ ନ ଥିଲା। ତେଣୁ ଏହି କମ୍ପାନୀକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପଡ଼ିଥିଲା। ଏହା ଫଳରେ ଆଉ ହାର୍ଲେ ଡେଭିଡସନକୁ ଶୁଳ୍କ ଦେବାକୁ ପଡୁନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ଆର୍ଥିକ ଉତ୍ତେଜନା ବୃଦ୍ଧି ପାଇଛି। ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତକୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡୁଛି। ଟ୍ରମ୍ପ ପୁଣି ନିଜ ଶୁଳ୍କକୁ ଉଚିତ ଦର୍ଶାଇଛନ୍ତି। ସେ ଏହାକୁ ଯୁଦ୍ଧ ସମାଧାନର ଅସ୍ତ୍ର କହିଛନ୍ତି। ଏହି ନୀତି ଯୋଗୁଁ ଆମେରିକାକୁ ଆଲୋଚନାର ଶକ୍ତି ମିଳୁଛି। ଏହି ଚମତ୍କାର ଅସ୍ତ୍ରବଳରେ ୭ ଯୁଦ୍ଧ ଅଟକାଇ ଥିବା ଟ୍ରମ୍ପ ଦାବି କରିଛନ୍ତି। ସେ ପୂର୍ବତନ ଜୋ ବାଇଡେନ ପ୍ରଶାସନକୁ ମଧ୍ୟ ନିଶାଣ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ହେଉଛି ବିଶ୍ୱର ମେରୁଦଣ୍ଡ। ପ୍ରଥମ ଚାରି ବର୍ଷର କାର୍ଯ୍ୟକାଳରେ ସେ ଏହାକୁ ମଜବୁତ କରିଥିଲେ। କିନ୍ତୁ ବାଇଡେନ ପ୍ରଶାସନ ଏହାକୁ ଦୁର୍ବଳ କରିଦେଇଥିଲା। ଏବେ ଶୁଳ୍କ ନୀତି ଯୋଗୁଁ ଆମେରିକା ଆର୍ଥିକ ଭାବେ ମଜବୁତ ହେଉଛି।

## ଭାରତ ସହ ତିକ୍ତତା ଆମେରିକାକୁ ମହଙ୍ଗା ପଡ଼ିବ: ଫିନ୍‌ଲାଣ୍ଡ ରାଷ୍ଟ୍ରପତି

ହେଲସିଙ୍କି, ୩।୯ (ଏଜେନ୍ସି): ବୈଦେଶିକ ନୀତିକୁ ଗ୍ଲୋବାଲ ସାଉଥ୍ ପ୍ରତି ବିଶେଷ କରି ଭାରତ ନିମନ୍ତେ ଅଧିକ ସମ୍ମାନ ଏବଂ ସହଯୋଗ ଦେବା ଜରୁରୀ। ଯଦି ଏପରି ନ ହୁଏ ତେବେ ଆମେରିକା ଏହି ବାଜି ହାରିଯିବ ବୋଲି ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ କହିଛନ୍ତି। ବିଦେଶୀ ନୀତିକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷ କରି ଆମେରିକାକୁ ଚେତାବନୀ ଦେଇ ଷ୍ଟବ୍ ଏହି ଟିପ୍ପଣୀ ଦେଇଛନ୍ତି। ସେ ୟୁରୋପୀୟ ଦେଶଗୁଡ଼ିକୁ ମଧ୍ୟ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗ ଦେଇଥିବା ଏହି ବୈଠକ ୟୁରୋପୀୟ ରାଷ୍ଟ୍ରଗୁଡିକ ପାଇଁ ସତର୍କ ଘଣ୍ଟି ସଦୃଶ। ଏହି ସମ୍ମିଳନୀ କ'ଣ ବାଜିରେ ଲାଗିଛି ବୋଲି ମନେ ପକାଇ ଦେଉଛି। ଆମେ ସମସ୍ତେ ଏକ ପୁରୁଣା ବ୍ୟବସ୍ଥାକୁ ସଂରକ୍ଷିତ କରି ରଖିବାକୁ ଚାହୁଁଛେ। କିନ୍ତୁ ଏସ୍‌ସିଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ଏକତାକୁ ଦୁର୍ବଳ କରିବାରେ ଲାଗିଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ଭାବେ ପରିଚିତ ଆଲେକଜାଣ୍ଡାର ଏହି ଟିପ୍ପଣୀ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା ନେତାଙ୍କ ମଧ୍ୟରେ ଷ୍ଟବ୍ ସାମିଲ ଅଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ ଷ୍ଟବ୍‌ଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା କ୍ଷୁଦ୍ର ରାଷ୍ଟ୍ରଗୁଡିକ ମଧ୍ୟରେ ଷ୍ଟବ୍‌ଙ୍କ ପରି ନେତା ନାହାନ୍ତି। ଏହା ପୂର୍ବରୁ କୌଣସି ୟୁରୋପୀୟ ନେତାଙ୍କୁ ଏଭଳି କ୍ଷମତା ମିଳି ନ ଥିଲା।

# ପବନଙ୍କ ପତ୍ନୀଙ୍କ ପାଖରେ ୨ଟି ଭୋଟ ପରିଚୟପତ୍ର; ବିଜେପି

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିଜେପି ଓ ନିର୍ବାଚନ କମିସନଙ୍କ ବିରୋଧରେ ଭୋଟ ଚୋରି କରିବାର ଅଭିଯୋଗ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏବେ ବିଜେପି ମଧ୍ୟ ଏ ନେଇ ପାଲଟା ଅଭିଯୋଗ ଆଣିଛି। ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ପବନ ଖେଡ଼ାଙ୍କ ପତ୍ନୀ କୋଟା ନୀଳିମା ପାଖରେ ଦୁଇଟି ଭୋଟ ପରିଚୟ ପତ୍ର ରହିଛି ବୋଲି ବିଜେପି ଅଭିଯୋଗ କରିଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ସାମାଜିକ ଗଣମାଧ୍ୟମ ଏକ୍ସରେ ଏ ନେଇ ପୋଷ୍ଟ କରି ସୂଚନା ଦେଇଛି। ନୀଳିମାଙ୍କ ନାମ ତେଲଙ୍ଗାନାର ଖରରାତାବାଦ୍ ଓ ଦିଲ୍ଲୀର ନୂଆଦିଲ୍ଲୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟର ତାଲିକାରେ ରହିଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପୂର୍ବରୁ ମଙ୍ଗଳବାର ଖେଡାଙ୍କ ପାଖରେ ଦୁଇଟି ଭୋଟର ଆଇକାର୍ଡ ରହିଥିବା କଥା ଦାବି କରିଥିଲେ ଓ ଏ ନେଇ ସବୁ ତଥ୍ୟ ସେୟାର କରିଥିଲେ। ଦିଲ୍ଲୀର ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର (ଇଆରଓ) ଖେଡ଼ାଙ୍କ ନିକଟକୁ ନୋଟିସେ ପଠାଇଛି। ଦୁଇଟି ସ୍ଥାନରେ ଭୋଟ ତାଲିକାରେ ନାମ ରହିଥିବାରୁ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନହିଁ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି।



# ବିଜୟ ଦିବସରେ ଚୀନର ଶକ୍ତି ପ୍ରଦର୍ଶନ

ବେଜିଂ, ୩।୯(ଏଜେନ୍ସି): ଚୀନ ବୁଧବାର ତା'ର ୮୦ତମ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ରାଜଧାନୀ ବେଜିଂରେ ଦେଶର ସର୍ବବୃହତ୍ ସୈନ୍ୟ ପରେଡର ଆୟୋଜନ କରାଯାଇଥିଲା। ଏଥିସହ ଚୀନ୍ ସାରା ବିଶ୍ୱ ଆଗରେ ନିଜ ଶକ୍ତି ଓ ସାମର୍ଥ୍ୟର ନମୁନା ପ୍ରଦର୍ଶନ କରିଥିଲା। ଆମେରିକାର ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଚୀନ ବିଜୟ ଦିବସ ଅବସରରେ ଏହି ସାମରିକ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶିତ କରିଥିଲା। ଏଥିରେ ମହାକାଶ ବା ଅନ୍ତରୀକ୍ଷରେ ଆକ୍ରମଣ କରୁଥିବା ମିସାଇଲ, ବିନା ପାଇଲଟ୍‌ରେ ଉଡୁଥିବା ଫାଇଟର ଜେଟ୍, ପାଣି ଭିତର ଚାଲୁଥିବା ଡ୍ରୋନ୍ ସମେକ ବହୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ପରେଡ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ଅସ୍ତ୍ର, ୪୫ଟି ସୈନ୍ୟ ଦଳ ଓ ୧୦୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ଥିଲା।

**ବିଶ୍ୱର ସର୍ବବୃହତ ଯୁଦ୍ଧାସ୍ତ୍ର ପ୍ରଦର୍ଶନ**

ପ୍ରଦର୍ଶିତ ହୋଇଥିବା ଅଧିକାଂଶ ଅସ୍ତ୍ରଶସ୍ତ୍ର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହି ଅସ୍ତ୍ରଶସ୍ତ୍ର ଚୀନ୍‌ର ସାମରିକ ଦକ୍ଷତା ଓ ଉନ୍ନତ ବୈଷୟିକ ଜ୍ଞାନକୌଶଳ ପ୍ରଦର୍ଶନ କରୁଛି ବୋଲି ଚୀନ୍ ରାଷ୍ଟ୍ରପତି ସି ଜିଙ୍ଗ୍‌ପିଙ୍ଗ୍ କହିଛନ୍ତି। ଏହି ଅବସରରେ ଚୀନ୍ ପିଏଚ୍‌ଏଲ୍-୧୬ ମଲ୍ଟିପଲ ରକେଟ ଲଞ୍ଚର ପ୍ରଦର୍ଶିତ କରିଥିଲା। ସେହପରି ପାଣି ଭିତରେ ଚାଲୁଥିବା ଏଜେଏକ୍ସ୦୦୨ ଡ୍ରୋନ୍ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

# ସୁନା ଅଳଙ୍କାରକୁ ମାନିବ ଏହି ମେକ୍‌ଅପ୍

ମେକ୍‌ଅପ୍ ଭଳି ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହା ସାଧା ପରିଧାନକୁ ସୁନ୍ଦର କରିଥାଏ । ବର୍ତ୍ତମାନ ବିଭିନ୍ନ ଅଳଙ୍କାର ବିକଳ୍ପ ଥିଲେ ମଧ୍ୟ, ସୁନା ଅଳଙ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ଲୋକପ୍ରିୟତା ସବୁବେଳେ ରହିଥାଏ । ତେଣୁ ପାରିବାରିକ ଉତ୍ସବ, ବିବାହ, ଜନ୍ମଦିନ, ବର୍ଷପୁରାଣୀ ଆଦିରେ ମହିଳାମାନେ ସୁନା ଅଳଙ୍କାର ପିନ୍ଧି ଯିବାକୁ ପସନ୍ଦ କରନ୍ତି । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ତେଣୁ ସୁନା ଅଳଙ୍କାର ପିନ୍ଧି ସୁନ୍ଦର ଦିଶିବାକୁ ଚାହୁଁଥିଲେ, ମେକ୍‌ଅପ୍ ପ୍ରତି ଧ୍ୟାନ ଦେବା ଜରୁରି ।



### ମେକ୍‌ଅପ୍ ବେସ୍‌କୁ ରଖନ୍ତୁ ହାଲୁକା

ମେକ୍‌ଅପ୍ କରୁଥିବା ସମୟରେ ବେସ୍‌କୁ ଧ୍ୟାନ ଦିଅନ୍ତୁ । ବିଶେଷ କରି ସୁନା ଅଳଙ୍କାର ପିନ୍ଧୁଥିଲେ ଯତ୍ନବାନ ହେବା ଆବଶ୍ୟକ । କାରଣ ସୁନା ଅଳଙ୍କାର ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ତେଣୁ ମେକ୍‌ଅପ୍‌କୁ ହାଲୁକା ରଖିଲେ ଏହା ବେଶି ସୁନ୍ଦର ଲାଗିଥାଏ । ଏଥିପାଇଁ ହାଲୁକା ଫାଉଣ୍ଡେସନ୍ କିମ୍ବା ବିବି କ୍ରିମ୍ ବ୍ୟବହାର କରିପାରିବେ । ଥରେ ଫାଉଣ୍ଡେସନ୍ ଲଗାଇବା ପରେ ମୁହଁରେ ଥିବା ଦାଗକୁ କମ୍ କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ଏହାପରେ ଟ୍ରାନ୍ସଲୁସେଣ୍ଟ ପାଉଡର ବ୍ୟବହାର କରି ଫ୍ରେଶ୍ ମ୍ୟାଟ୍ ଲୁକ୍ ଦିଅନ୍ତୁ ।

### ଆଖିକୁ କରନ୍ତୁ ହାଇଲାଇଟ୍

ମେକ୍‌ଅପ୍ କରିବା ସମୟରେ ଆଖିକୁ ହାଇଲାଇଟ୍ କରନ୍ତୁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଆଖିକୁ ହାଇଲାଇଟ୍ କରିବା ପାଇଁ ହାଲୁକା ଗୋଲଡେନ୍ କିମ୍ବା ବ୍ରୋଞ୍ଜ ସିମର ଆଇସ୍ୟାଡୋ ବ୍ୟବହାର କରିପାରିବେ । ଏହାପରେ କପର୍ କିମ୍ବା ବ୍ରାଉନ୍ ଆଇସ୍ୟାଡୋ ସ୍ମଜ୍ କରି ଲଗାଇପାରିବେ । ଏହାଦ୍ୱାରା ଆଖିର ସୁନ୍ଦରତା ଦ୍ୱିଗୁଣା ବୃଦ୍ଧି ପାଇଥାଏ । ସେହିପରି ଆଖିରେ କଳା ଆଇଲାଇନରରେ ୱିଙ୍ଗ୍ କରିପାରିବେ । ସେହିପରି ଆଖି ମେକ୍‌ଅପ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ମସ୍କାରା ଲଗାଇବାକୁ ଭୁଲନ୍ତୁନି ।

### ତ୍ୱଚାକୁ ୱାର୍ମ ଟୋନ୍ ଦିଅନ୍ତୁ

ସୁନା ଅଳଙ୍କାର ପିନ୍ଧୁଥିଲେ ବ୍ରୋଞ୍ଜ, ପୀଚ୍ ଓ ଧୂସର ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ । ଏହି ୱାର୍ମଟୋନ୍ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ । ଏଥିସହ ଅଳଙ୍କାରର ରଙ୍ଗକୁ ନିୟନ୍ତ୍ରଣ କରିଥାଏ । ବ୍ଲଶ୍‌କୁ ମଧ୍ୟ ୱାର୍ମ ରଖିବା ଆବଶ୍ୟକ । ସୁନା ଅଳଙ୍କାର ସହ ପିଚ୍ କିମ୍ବା କୋରାଲ ବ୍ଲଶ୍ ଅଧିକ ସୁନ୍ଦର ଲାଗିଥାଏ ।

# ରୋଜଗାରର ରାହା ପାଲଟିଛି ରେଜିନ୍ ଆର୍ଟ

ସାଧାରଣତଃ ଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଏହାକୁ ଠାକୁର ପୂଜା, ସାଜସଜ୍ଜା, ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର କରାଯାଏ; କିନ୍ତୁ ଏବେ ଏହା କେବଳ ସାଜସଜ୍ଜା ନୁହେଁ, ଫେଶନର ଏକ ଅଂଶ ପାଲଟିଛି । ଫୁଲ ଓ ପତ୍ରକୁ ଶୁଖାଇ ରେଜିନ୍ ଆର୍ଟ ମାଧ୍ୟମରେ ଭଳିକି ଭଳି ଲକେଟ୍, କାନଫୁଲ, ଅଳଙ୍କାର ଓ ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି, ଉତ୍ତରାଖଣ୍ଡ ହଲ୍‌ଦ୍ୱାନିର ରକ୍ଷନ୍ଦା ବିଷ୍ଟ । ଏଥିସହ ସେ ରେଜିନ୍ ଆର୍ଟରେ ଘରସଜ୍ଜା ଉପକରଣ ପ୍ରସ୍ତୁତ କରି ଅନ୍ୟ ମହିଳାଙ୍କୁ ପ୍ରୋତ୍ସାହିତ କରିଛନ୍ତି ।




### ଅଳଙ୍କାର ଓ ସାଜସଜ୍ଜା ଉପକରଣ

ରକ୍ଷନ୍ଦା ସୂର୍ଯ୍ୟମୁଖୀ, ଗୋଲାପ, ମୋଗରା, ମଲ୍ଲୀ, ଚମେଲି ଭଳି ଫୁଲ ଉପଯୋଗ କରି ମୁଦି, କାନଫୁଲ, ଲକେଟ୍, ବ୍ରେସ୍‌ଲେଟ୍ ଭଳି ରେଜିନ୍ ଅଳଙ୍କାର ତିଆରି କରନ୍ତି । ଏଥିସହ ରେଜିନ୍ ଆର୍ଟ ମାଧ୍ୟମରେ ସେ ଫଟୋ ଫ୍ରେମ୍, ବୁକ୍‌ମାର୍କ୍, ଟ୍ରେ ଏବଂ ଅନ୍ୟ ଘରକରଣା ଜିନିଷ ତିଆରି କରିଥାନ୍ତି । ବିଶେଷ କଥା ହେଉଛି ତାଙ୍କର ସମସ୍ତ ଉତ୍ପାଦ ଘର ତିଆରି ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଏହା ଜିନିଷ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।

### କରିଛନ୍ତି ନିଜର ବ୍ରାଣ୍ଡ

ରେଜିନ୍, ଅକ୍ସୀ ରେଜିନ୍, ଏବଂ ଜାସମୋନାଇଟ୍ ଭଳି ଉପାଦାନ ବ୍ୟବହାର କରି ସେ ଫୁଲକୁ ସଂରକ୍ଷିତ କରନ୍ତି । ଏହାଦ୍ୱାରା ଫୁଲ ଦୀର୍ଘ ସମୟ ଧରି ସତେଜ ଓ ସୁନ୍ଦର ରହିଥାଏ । ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଏ । ତାଙ୍କ କହିବାନୁଯାୟୀ ସେ ସାମାଜିକ ଗଣମାଧ୍ୟମରେ ରେଜିନ୍ ଆର୍ଟ ଦେଖି ଏଥିପ୍ରତି ଆକର୍ଷିତ ହୋଇଥିଲେ । ଧୀରେ ଧୀରେ ଶିଖି ଏଥିରେ ସଫଳ ହୋଇଥିଲେ । ସେ ଦୀର୍ଘ ତିନିବର୍ଷ ଧରି ଏହି କାର୍ଯ୍ୟ କରି ଆସୁଛନ୍ତି । ସେ ଇନ୍‌ଷ୍ଟାଗ୍ରାମରେ 'ରେସ୍‌ମୋନାଇଟ୍' ନାମରେ ଏକ ଆକାଉଣ୍ଟ ଖୋଲି ଏହି ବ୍ୟବସାୟ ଜାରି ରଖିଛନ୍ତି । ଏଥିରେ ଲୋକେ ତାଙ୍କ ହାତ ତିଆରି ଜିନିଷ ଦେଖି କିଣିଥାନ୍ତି । ଏଥିସହ ସେ ବିଭିନ୍ନ ପ୍ରଦର୍ଶନୀରେ ନିଜ ଷ୍ଟଲ୍ ପକାଇଥାନ୍ତି ।



### ବଢ଼ୁଛି ରେଜିନ୍ ଆର୍ଟର ଚାହିଦା

ଏହା ଏକ ପ୍ରକାର କଳା । ଏଥିରେ ତରଳ ରେଜିନରେ ବିଭିନ୍ନ ଗ୍ଲିଟର୍ ମିଶାଇ ସେଥିରେ ଫୁଲ ଦେଇ ବିଭିନ୍ନ ଅଳଙ୍କାର ଓ ଘରସଜ୍ଜା ଜିନିଷ ଆଦି ପ୍ରସ୍ତୁତ କରାଯାଇଥାଏ । ଏହା ଦୀର୍ଘସ୍ଥାୟୀ ମଧ୍ୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଲୋକେ ରକ୍ଷନ୍ଦାଙ୍କ ରେଜିନ୍ ଜୁଏଲାରୀକୁ ଖୁବ୍ ପସନ୍ଦ କରନ୍ତି । ଏହା ଅନ୍ୟ ଅଳଙ୍କାରଠୁ ଭିନ୍ନ ହୋଇଥିବାରୁ ଯୁବତୀମାନେ ଏଥିପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି । ତେବେ ଏହି ଅଳଙ୍କାର ତିନିଶହ ଟଙ୍କାରୁ ଆରମ୍ଭ ହୋଇ ବିଭିନ୍ନ ମୂଲ୍ୟ ଯାଏ ରହିଛି । ରକ୍ଷନ୍ଦାଙ୍କ କହିବାନୁଯାୟୀ ଲୋକେ ଏହି ଜିନିଷକୁ ଖୁବ୍ ପସନ୍ଦ କରୁଛନ୍ତି । ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରେରିତ କରିଛନ୍ତି । ତେବେ ଆତ୍ମବିଶ୍ୱାସ ଓ ସୃଜନଶୀଳତା ଥିଲେ ସବୁକିଛି ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।

# କାନ୍ଥରୁ କ୍ରେୟନ୍ ରଙ୍ଗ ସଫା କରିବାର ଉପାୟ



ଘରର କାନ୍ଥ ସଫାସୁତୁରା ରହିଲେ ସୁନ୍ଦର ଦେଖାଯାଏ; କିନ୍ତୁ ଘରେ ଛୋଟ ପିଲାଥିଲେ କାନ୍ଥ ଅପରିଷ୍କାର ତଥା ଗାରେଇ ହେବା ସ୍ୱାଭାବିକ କଥା । ବାରମ୍ବାର ମନା କରିବା ସତ୍ତ୍ୱେ ପିଲାମାନେ କାନ୍ଥରେ କ୍ରେୟନ, ପେନ୍‌ସିଲ୍ ଆଦି ଗାରେଇଥାନ୍ତି । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେବେ କାନ୍ଥରୁ ଏହି ରଙ୍ଗକୁ ସହଜ ଉପାୟରେ କିପରି ଛଡ଼ାଇବେ ଜାଣିବା ସେ ବିଷୟରେ...

### ଗ୍ଲାସ୍ କ୍ଲିନର୍

କାନ୍ଥରେ ପିଲାମାନେ ରଙ୍ଗ, ପେନ୍‌ସିଲ୍, କଲମ ଆଦି ଗାରେଇ ଥିଲେ, ଏଥିପାଇଁ ଓଦା କପଡ଼ା ବ୍ୟବହାର ନ କରି ଗ୍ଲାସ କ୍ଲିନର୍ ବ୍ୟବହାର କରିପାରିବେ । ଏହା ମାର୍କେଟରେ ସହଜରେ ମିଳିବ । ଏଥିପାଇଁ ଗ୍ଲାସ୍ କ୍ଲିନର୍‌କୁ କାନ୍ଥରେ ସ୍ପ୍ରେ କରି ପାଞ୍ଚସାତ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ । ଏହାପରେ ଏହାକୁ ଏକ କପଡ଼ାରେ ସଫା କରନ୍ତୁ ।

### ଡିସ୍‌ୱାସ୍ ଲିକ୍ୱିଡ୍

ଡିସ୍‌ୱାସ୍‌ରେ କେବଳ ବାସନ ନୁହେଁ, କାନ୍ଥକୁ ମଧ୍ୟ ଚମକାଇ ପାରିବେ । ଏଥିପାଇଁ ଉଷୁମ ପାଣିରେ ଡିସ୍‌ୱାସ୍ ଜେଲ୍ ପକାଇ ଘାଣ୍ଟି ଦିଅନ୍ତୁ । ଏହି ପାଣିରେ ଏକ କପଡ଼ା ଭିଜାଇ କାନ୍ଥକୁ ସଫା କରନ୍ତୁ ।

# ଦୋ ମୁହାଁ କେଶର ଘରୋଇ ଉପଚାର

ଅନେକ ମହିଳା ଦୋମୁହାଁ କେଶ ସମସ୍ୟା ଦୂର କରିବା ପାଇଁ କେଶ କାଟି ଦିଅନ୍ତି । କିନ୍ତୁ ଏହା ସତ୍ତ୍ୱେ ଦୋ ମୁହାଁ କେଶ ପୁଣି ଦେଖିବାକୁ ମିଳିଥାଏ । ଏହାଦ୍ୱାରା କେଶ ରୁକ୍ଷ ଓ ଦୁର୍ବଳ ହୋଇଯାଏ । ବାରମ୍ବାର ପାର୍ଲର ଯାଇ ଖର୍ଚ୍ଚାନ୍ତରୁ ବଞ୍ଚିବାକୁ ଚାହୁଁଥିଲେ, ଘରୋଇ ଉପଚାର ଆପଣାଇ ଦୋମୁହାଁ କେଶ ସମସ୍ୟା ଦୂର କରିପାରିବେ । ଜାଣିବା ସେ ବିଷୟରେ...



### ହେୟାର୍ ମାସ୍କ

ଏଥିପାଇଁ ନଡ଼ିଆ ତେଲ ଓ ଶୁଦ୍ଧ ମହୁ ବ୍ୟବହାର କରିପାରିବେ । କେଶର ଲମ୍ବ ଅନୁସାରେ ଗୋଟିଏ ପାତ୍ରରେ ନଡ଼ିଆ ତେଲ ନେଇ ସେଥିରେ ଦୁଇ ଚାମଚ ମହୁ ମିଶାନ୍ତୁ । ଏହାକୁ ଭଲରେ ଚାମଚ ସାହାଯ୍ୟରେ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ଏପରି କରନ୍ତୁ ବ୍ୟବହାର

ଏହାକୁ ବ୍ୟବହାର କରିବା ଖୁବ୍ ସହଜ । ଏଥିପାଇଁ ପ୍ରଥମେ କେଶ ପରିଷ୍କାର ଅଛି କି ନାହିଁ ତାହା ଧ୍ୟାନ ରଖିବା ଜରୁରୀ । ସେହିପରି ଆବଶ୍ୟକ ହେଲେ ସାମ୍ପୁ ଲଗାଇ ପୁଣିଥରେ କେଶ ସଫା କରି ଦିଅନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ହେୟାର୍ ମାସ୍କ ଲଗାନ୍ତୁ । ଏହାକୁ କେଶମୂଳରୁ ନେଇ ଅଗ ଯାଏ ଭଲରେ ଲଗାନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ଏକ ମାଇଲ୍ଡ ସାମ୍ପୁରେ କେଶ ଧୋଇଦିଅନ୍ତୁ ।

### ସପ୍ତାହରେ ଲଗାନ୍ତୁ ଦୁଇଥର

ସପ୍ତାହରେ ଅତି କମ୍‌ରେ ଦୁଇଥର ଏହି ମାସ୍କ ଲଗାଇବା ଆବଶ୍ୟକ । ଏହା ଦ୍ୱାରା ଧୀରେ ଧୀରେ ଦୋମୁହାଁ କେଶ ସମସ୍ୟା ଦୂର ହୋଇଥାଏ । କେଶ ସୁସ୍ଥ, ସୁନ୍ଦର ଓ ମଜଭୂତ ରହିଥାଏ ।

# ଫେଶନରେ ଆଫ୍‌ଗାନୀ ସୁଟ୍



ଫେଶନ ଅନୁଯାୟୀ ଯୁବତୀମାନେ ପାରମ୍ପରିକ ଓ ଆଧୁନିକ ସ୍ପର୍ଶ ଥିବା ପୋଷାକ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ସେମିତି ଏକ ସୁଟ୍ ହେଉଛି ଆଫ୍‌ଗାନୀ ସୁଟ୍ । ଏହା ଦେଖିବାକୁ ଆକର୍ଷଣୀୟ ହେବାସହ, ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ତେଣୁ ଯୁବତୀମାନେ ଏହାକୁ ପାର୍ଟି, ଫଙ୍କ୍‌ସନ୍ ଆଦି ସ୍ଥାନକୁ ପିନ୍ଧିଯିବାକୁ ପସନ୍ଦ କରିଥାନ୍ତି ।

### ଆଫ୍‌ଗାନୀ ସୁଟ୍

ଅଫିସ୍ ଓ କଲେଜ ଯାଉଥିବା ମହିଳାଙ୍କ ପାଇଁ ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ଏହା ଅଧିକ କ୍ଲାସି ଓ ପ୍ରଫେସ୍‌ନାଲ୍ ଲାଗିଥାଏ । ଏହାକୁ ବଜାରରୁ କିଣିପାରିବେ, ନଚେତ୍ ନିଜ ପସନ୍ଦ ଅନୁଯାୟୀ କପଡ଼ା କିଣି ଏହାକୁ ପ୍ରସ୍ତୁତ କରିପାରିବେ । ଏଥିସହ କଣ୍ଟ୍ରାଷ୍ଟ ଦୁପଟା ପକାଇ ଷ୍ଟାଇଲ୍‌କୁ ଦୁଇଗୁଣା କରିପାରିବେ ।

### ଫର୍ମାଲ କୁର୍ତ୍ତା

ଫର୍ମାଲ ଓ ଷ୍ଟାଇଲିଶ୍ କୁର୍ତ୍ତା ସେଟ୍ ଚାହୁଁଥିଲେ, ଭି-ନେକ୍ ଓ ଏ-ଲାଇନ୍ କଟିଙ୍ଗ ଯୁକ୍ତ କୁର୍ତ୍ତାସେଟ୍ କରିପାରିବେ । ଏହାକୁ ସାଧା ସୂତା ପ୍ରିଣ୍ଟ କପଡ଼ାରେ ପ୍ରସ୍ତୁତ କରିପାରିବେ । ଆଫ୍‌ଗାନୀ କୁର୍ତ୍ତା ସେଟ୍‌ର ଏହି ଷ୍ଟାଇଲ୍ କାର୍ଯ୍ୟସ୍ଥଳୀ ପାଇଁ ଖୁବ୍ ଭଲ ହୋଇଥାଏ ।

### ପାର୍ଟି ପାଇଁ ସିମର୍


ବିବାହ କିମ୍ବା କୌଣସି ପାର୍ଟି, ଫଙ୍କ୍‌ସନ୍ ପାଇଁ ଆକର୍ଷଣୀୟ ପୋଷାକ ପିନ୍ଧିବାକୁ ଚାହୁଁଥିଲେ, ସିମର୍ ଫ୍ୟାବ୍ରିକ୍‌ରେ ନିର୍ମିତ, ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ମାଳି ଓ ହାଲୁକା ଏମ୍ବ୍ରୋଡୋରୀ ଡିଜାଇନର ଏହି ସୁଟ୍ ଅଧିକ ଓଜନିଆ ଲାଗେ ନାହିଁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

### ଫ୍ଲୋରାଲ୍ ପ୍ରିଣ୍ଟ

ଏବେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ଓ ଡ୍ରେସ୍‌ର ଲୋକପ୍ରିୟତା ରହିଛି । ଏହା ଷ୍ଟାଇଲିଶ୍ ହେବା ସହ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏପରି ସ୍ଥଳେ ଚାହିଁଲେ, ପ୍ରିଣ୍ଟେଡ୍ କପଡ଼ାରେ ଏହି ସୁଟ୍ ତିଆରି କରିପାରିବେ । ଫୁଲ୍ ସ୍ଲିଭ୍‌ସ କିମ୍ବା ପଫ୍ ସ୍ଲିଭ୍ ବ୍ଲାଉଜ୍ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ ।

## ମୋ ହାଣ୍ଡିଶାଳରୁ...

# ମିଲେଟ୍ ଖିରୀ



### ଆବଶ୍ୟକ ସାମଗ୍ରୀ

କ୍ଷୀର – ଚାରି କପ୍, ପିସ୍ତା ଗୁଣ୍ଡ – ଦୁଇଚାମଚ, କାଜୁ ଗୁଣ୍ଡ – ଦୁଇ ଚାମଚ, କିସମିସ୍ –ଚାରି ପାଞ୍ଚୋଟି, କୋଡୋ ମିଲେଟ୍ – ଦୁଇ କପ୍, ଚିନି – ଅଧା କପ୍, ଗୁଆଘିଅ – ଦୁଇ ଚାମଚ, ଗୁଜରାତି- ଅଧା ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ଚୁଲାରେ କଡ଼େଇ ବସାଇ ଚାରି କପ୍ କ୍ଷୀର ଦେଇ ଫୁଟାନ୍ତୁ । ଏହାପରେ ଏକ କଡ଼େଇ ବସାଇ ସେଥିରେ ଦୁଇଚାମଚ ଘିଅ ଦେଇ, ଦୁଇ ଚାମଚ ପିସ୍ତା, ବାଦାମ, କାଜୁ ଓ କିସ୍‌ମିସ୍ ଦେଇ ଅଳ୍ପ ସମୟ ଭାଜି ଏକ ପାତ୍ରରେ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ଘିଅ ଦେଇ ସେଥିରେ କୋଡୋ ମିଲେଟ୍ ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଯିବା ପରେ ଏହାକୁ ଫୁଟନ୍ତା କ୍ଷୀରରେ ପକାଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ଚିନି, ଗୁଜରାତି ଗୁଣ୍ଡ ଦେଇ ଘାଟନ୍ତୁ । ଶେଷରେ ଭାଜି ରଖିଥିବା ଡ୍ରାଏ ଫ୍ରୁଟ୍ସ ସବୁକୁ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମିଲେଟ୍ ଖିରୀ' ।

# ଚର୍ଚ୍ଚାରେ କ୍ରିକେଟରଙ୍କ ବ୍ରୋଙ୍କୋ ଟେଷ୍ଟ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆଇପିଏଲ୍ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅନେକ ପ୍ରତିଷ୍ଠିତ ଭାରତୀୟ କ୍ରିକେଟର କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଏହା ମଧ୍ୟରେ କିଛି ଖେଳାଳି ଦୁଲୀପ୍ ଟ୍ରଫିରେ ଅବତୀର୍ଣ୍ଣ ହୋଇଥିଲାବେଳେ ଆଉ କିଛି ଏସିଆ କପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେଥିଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିରେ ଖେଳାଳିମାନଙ୍କର ଫିଟନେସ ଟେଷ୍ଟ କରାଯାଇଛି। ନୂଆକରି ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ନିଯୁକ୍ତ ପାଇଥିବା ଆଡ୍ରିଆନ ଲୀ ରକ୍ସଙ୍କ ପ୍ରସ୍ତାବିତ ବ୍ରୋଙ୍କୋ ଟେଷ୍ଟକୁ ନେଇ ଚର୍ଚ୍ଚା ଚାଲିଛି। ଭାରତୀୟ ଖେଳାଳିମାନେ କଷ୍ଟସାଧ୍ୟ ବ୍ରୋଙ୍କୋ ଟେଷ୍ଟରେ ପାସ କଲେ ଚୟନଲାଗି ଉପଲବ୍ଧ ହେବେ ବୋଲି କୁହାଯାଇଥିଲା। କିନ୍ତୁ ରୋହିତ ଶର୍ମାଙ୍କଠାରୁ ଆରମ୍ଭ କରି ଅର୍ଶଦୀପ ସିଂହଙ୍କ ସମେତ ଅନେକ ଖେଳାଳି ଏଠାରେ ଫିଟ୍‌ନେସ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ କେବଳ ୟୋ ୟୋ ଟେଷ୍ଟ କରାଯାଇଥିଲା। ଆବଶ୍ୟକ ହେଲେ ବ୍ରୋଙ୍କୋ ଟେଷ୍ଟକୁ ବିସିସିଆଇ ଗ୍ରହଣ କରିବ ବୋଲି କୁହାଯାଇଛି।

# ଜୁନିଅର ହକି ବିଶ୍ୱକପ୍ ବୟକଟ୍ କରିବ ପାକିସ୍ତାନ

ଲାହୋର, ୩।୯ (ଏଜେନ୍ସି): ଚଳିତ ବର୍ଷ ଶେଷ ଭାଗରେ ଏଫ୍‌ଆଇଏଚ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭାରତରେ ଆୟୋଜିତ ହେବ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏହା ଚେନ୍ନଇର ମଦୁରାଇରେ ଖେଳାଯିବ। ତେବେ ଏହି ମେଗା ଇଭେଣ୍ଟକୁ ପାକିସ୍ତାନ ଦଳ ବୟକଟ୍ କରିବ ବୋଲି ଜଣାପଡ଼ିଛି। 'ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି ରହିଛି। ଏଭଳି ସ୍ଥିତିରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ' ବୋଲି ପାକିସ୍ତାନ ହକି ମହାସଂଘର ସଭାପତି ତାରିକ ବଗତି କହିଛନ୍ତି। ଲାହୋରରେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ତାରିକ କହିଛନ୍ତି, 'ଏଭଳି ଉତ୍ତେଜନାମୂଳକ ପରିସ୍ଥିତିରେ ଭାରତ ଯାଇ ଚଳିତ ଏସିଆ କପ୍ ଖେଳିବା ସମ୍ଭବପର ନ ଥିଲା। ଉଭୟ ପାର୍ଶ୍ୱରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି। ଏଭଳି ସମୟରେ ବର୍ତ୍ତମାନ କି ନିକଟ ଭବିଷ୍ୟତରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ। ସେହିଭଳି ଯଦି ଭାରତୀୟ କ୍ରିକେଟ୍ ଦଳ ଏଠାକୁ ଆସିପାରୁ ନାହିଁ ତେବେ ପାକିସ୍ତାନ ହକି ଦଳ ଭାରତ ଗସ୍ତରେ ମଧ୍ୟ ଯିବ ନାହିଁ।' ଅପରପକ୍ଷରେ ପାକିସ୍ତାନ ବିଶ୍ୱକପରେ ଭାଗନେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି ବୋଲି ଭାରତୀୟ ହକି ମହାସଂଘର ସମ୍ପାଦକ ଭୋଲାନାଥ ସିଂ କହିଛନ୍ତି।

# ଜର୍ସି ସ୍ପନସର ବିନା ଏସିଆ କପ୍ ଖେଳିବ ଭାରତ


ନୂଆଦିଲ୍ଲୀ,୩।୯ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ୮ଟି ଦଳକୁ ନେଇ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଥିଲେ ମଧ୍ୟ ଜର୍ସି ଓ କିଟ୍ ସ୍ପନସର ବିନା ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ ବୋଲି ନିଶ୍ଚିତ ହୋଇଛି। ଅନ୍‌ଲାଇନ୍ ଗେମିଂ ପ୍ଲାଟଫର୍ମକୁ ଭାରତ ସରକାର ବାସନ୍ଦ କରିବା ପରେ ଜର୍ସି ସ୍ପନସରରୁ ବାଦ୍ ପଡ଼ିଥିଲା ଡ୍ରିମ-୧୧। ଏହି ସ୍ଥାନ ପୂରଣ ଲାଗି ବିସିସିଆଇ ଟେଣ୍ଡର ଆହ୍ୱାନ କରିଛି। ଏତେ ଶୀଘ୍ର ଏହା ପୂରଣ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଜର୍ସି ସ୍ପନସର ନ ଥାଇ ଖେଳିବ ବୋଲି ସ୍ପଷ୍ଟ ହୋଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳିବ। ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ସହ ଗ୍ରୁପ୍-'ଏ' ମୁକାବିଲାରେ ଭାରତ ଅବତୀର୍ଣ୍ଣ ହେବ।

# ଆଜିଠାରୁ ଦୁଲୀପ ଟ୍ରଫି ସେମିଫାଇନାଲ ଲଢ଼େଇ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆନ୍ତଃଜୋନ୍ ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଜାତୀୟ ଦଳକୁ ଫେରିବା ଲାଗି ଆଶାୟୀ ଥିବା ଖେଳାଳିଙ୍କ ଲାଗି ଏହା ବେଶ ସହାୟକ ହେବ। ଆସନ୍ତାକାଲିର ସେମିଫାଇନାଲ ମୁକାବିଲାରେ ପଶ୍ଚିମାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଖେଳିବ। ଏସିଆ କପ୍ ଦଳରୁ ବାଦ୍ ପଡ଼ି ଚର୍ଚ୍ଚାରେ ଥିବା ଶ୍ରେୟସ ଆୟର, ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ଏଠାରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ। ରଜତ ପାଟିଦାରଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ଜୋରଦାର ମୁକାବିଲା କରିବ ବୋଲି ଆଶା କରାଯାଉଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯିବ।

# ୟୁଏସ୍ ଓପନ୍ | ସେମିରେ ଜୋକୋଭିଚ୍-ଆଲ୍‌କାରାଜ୍

ନ୍ୟୁୟର୍କ,୩।୯ (ଏଜେନ୍ସି):

ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ଲାଗି ଆଶାୟୀ ଥିବା ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ୟୁଏସ୍ ଓପନ ୨୦୨୫ ପୁରୁଷ ଏକକ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ମଙ୍ଗଳବାର ରାତିରେ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲ ମୁକାବିଲାରେ ଜୋକୋଭିଚ୍ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୩ଘଣ୍ଟା ୪୨ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଫଳରେ ୩୮ ବର୍ଷୀୟ ଜୋକୋଭିଚ ବୟସ ଓ କ୍ଲାନ୍ତହୀନତାକୁ ପଛରେ ପକାଇ ଏହି ମ୍ୟାଚ୍ ଜିତିନେଇଥିଲେ। ଏଠାରେ ୪ଥର ଟାଇଟଲ ଜିତିଥିବା ଜୋକୋଭିଚ୍ ୧୪ଥର ଲାଗି ସେମିଫାଇନାଲରେ ପ୍ରବେଶ କରି ଜିମି କନର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅନ୍ୟ ପକ୍ଷରେ ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଲକାରାଜ ୩-୦ ସେଟ୍‌ରେ ନଂ-୨୦ ସିଡ ଜିରି ଲେହେକାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ସହ ମୁକାବିଲା ଲାଗି ସେ ନିଜକୁ ଭଲ ଭାବେ ପ୍ରସ୍ତୁତ କରିନେଇଥିଲେ। ଜୋକୋଭିଚ୍‌ଙ୍କ ସହ ୭ଥର ମେଜର ମୁକାବିଲାରେ ଆଲକାରାଜ ହାରିନାହାନ୍ତି। କିନ୍ତୁ ଏଟିପି ମୁକାବିଲାରେ ଜୋକୋଭିଚ୍ ୩-୨ରେ ଆଗୁଆ ରହିଛନ୍ତି। ଆଲକାରାଜ ଓ ନଂ-୧ ଜାନିକ ସିନ୍ନରଙ୍କ ମଧ୍ୟରେ ଫାଇନାଲ ଲଢ଼େଇର ମୁଖ୍ୟ ପ୍ରତିବନ୍ଧକ ଭାବେ ମୁଁ ରହିଛି। ଏବେ ଉଭୟ ବିଶ୍ୱର ଶ୍ରେଷ୍ଠ ଖେଳାଳି। କିନ୍ତୁ ସେମିଫାଇନାଲ ମୁକାବିଲାରେ ମୁଁ ଖେଳ ଦେଖିବାକୁ ଯିବି ନାହିଁ, ଖେଳିବି ବୋଲି ସେମିଫାଇନାଲରେ ପ୍ରବେଶ କରିବା ପରେ କହିଛନ୍ତି ଜୋକୋଭିଚ୍।

ପୁରୁଷ ବିଭାଗର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବ। କ୍ୱାର୍ଟରରେ ୮ ନମ୍ବର ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଓ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟର ଇଟାଲୀର ଜାନିକ ସିନ୍ନର ସେମିଫାଇନାଲ ସ୍ଥାନ ଲାଗି ୧୦ ନମ୍ବର ସିଡ ତଥା ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କ ସହ ମୁକାବିଲା କରିବେ।

## ଓହରିଲେ ଭୋଣ୍ଡ୍ରୋଉସୋଭା, ସେମିରେ ସାବାଲେଙ୍କା

ମଙ୍ଗଳବାର ରାତିରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଓ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କ ମଧ୍ୟରେ ମହିଳା ଏକକ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆଘାତ ଲାଗିଥିବା ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ଭୋଣ୍ଡ୍ରୋଉସୋଭା ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ଏହା ଫଳରେ ବିନା ଲଢ଼େଇରେ ନଂ-୧ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ତାଙ୍କର ମୁକାବିଲା ହେବ ନଂ-୪ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କ ସହ। ପେଗୁଲା ଏକ ସହଜ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ଆଉ ଜଣେ ଖେଳାଳି ବାର୍ବରା କ୍ରେଜିକୋଭାଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ସେହିପରି ମହିଳା ଏକକ ବିଭାଗର ଅନ୍ୟ ଦୁଇ କ୍ୱାର୍ଟରଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ନଂ-୨ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ନଂ-୮ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କର ମୁକାବିଲା ହେବ। ଗୁରୁବାର ସକାଳେ ନଂ-୧୧ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ମୁଚୋଭାଙ୍କ ସହ ଫର୍ମକୁ ଫେରିଥିବା ନଂ-୨୩ ସିଡ୍ ଜାପାନର ନାଓମି ଓସାକାଙ୍କ ସହ ମୁକାବିଲା ହେବ।

## ପୁରୁଷ ଯୁଗଳ କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ଭାରତର ୟୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଚତୁର୍ଥ ସିଡ ଜର୍ମାନୀର ଟିମ୍ ପୁଏଜ୍ ଓ କେଭିନ କ୍ରୱିଏଜ୍‌ଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହି ମୁକାବିଲା ଦୀର୍ଘ ଏକ ଘଣ୍ଟା ୨୩ ମିନିଟକାଳ ଚାଲିଥିଲା। ଏହି ବିଜୟ ଫଳରେ ଭାରତର ଭାମ୍ବ୍ରୀ ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟରେ ପ୍ରଥମଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକ୍‌ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ନେଇ ଗଠିତ ଯୋଡିଙ୍କୁ ଭେଟିବେ।

# ସିଏସ୍‌କେକୁ ଏନ୍ ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ



ଚେନ୍ନଇ, ୩।୯ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ବରିଷ୍ଠ କ୍ରିକେଟ୍ ପ୍ରଶାସକ ତଥା ବିସିସିଆଇର ପୂର୍ବତନ ସଭାପତି ଏନ୍ ଶ୍ରୀନିବାସନ ପାଞ୍ଚଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗସ (ସିଏସ୍‌କେ) ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀନିବାସନଙ୍କ ସମେତ ତାଙ୍କ ଝିଅ ରୂପା ଗୁରୁନାଥଙ୍କୁ ଚେନ୍ନାଇ ସୁପର୍ କିଙ୍ଗସ କ୍ରିକେଟ୍ ଲିମିଟେଡ୍ (ସିଏସ୍‌କେସିଏଲ୍)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତେବେ ବୟସକୁ ଦୃଷ୍ଟିରେ ରଖି ଯାତ୍ରାକୁ ସୀମିତ ରଖିବା ଲାଗି ୮୦ ବର୍ଷୀୟ ଶ୍ରୀନିବାସଙ୍କୁ ସିଏସ୍‌କେର ପରାମର୍ଶଦାତା ଭୂମିକାରେ ଦେଖିବାକୁ ମିଳିବ। ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥନ ଏହି ସୂଚନା ଦେଇଛନ୍ତି। ତାଙ୍କର ଉପସ୍ଥିତି ସିଏସ୍‌କେର ରଣନୀତି ଓ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଭାରତୀୟ କ୍ରିକେଟ୍‌ରେ ଦଶନ୍ଧିରୁ ଉର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଥିବା ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ ଚେନ୍ନାଇ ସୁପର୍ କିଙ୍ଗସକୁ ଏଭଳି ସମୟରେ ହୋଇଛି ଯେତେବେଳେ ଦଳ ଗତ ଆଇପିଏଲ୍ ବିପର୍ଯ୍ୟୟରୁ ମୁକୁଳିବା ଲାଗି ଚେଷ୍ଟା କରୁଛି। ଆଇପିଏଲ୍ ଇତିହାସରେ ସିଏସ୍‌କେ ପ୍ରଥମଥର ଲାଗି ଗତ ସଂସ୍କରଣରେ ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୨୦୦୮ରେ ସିଏସ୍‌କେ ଗଠନ ପଛରେ ଶ୍ରୀନିବାସନ ପ୍ରମୁଖ ଭୂମିକା ରହିଥିଲେ। କିନ୍ତୁ ସେ କେବେ ମଧ୍ୟ ଅଫିସିଆଲ୍ ଭାବେ ସିଏସ୍‌କେ ଫ୍ରାଞ୍ଚାଇଜର କୌଣସି ପଦବୀରେ ରହି ନ ଥିଲେ।

# ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଲୌରା

ମହିଳା ଦିନିକିଆ ବିଶ୍ୱକପ୍

ଜୋହାନ୍ସବର୍ଗ, ୩।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ବୁଧବାର ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯୁବ ବ୍ୟାଟର୍ ଲୌରା ୱଲଭାର୍ଡଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସୁନେ ଲସ୍, ମାରିଜାନ୍ନେ କାପ୍ପ, କ୍ଲୋଏ ଟ୍ରାୟନ ଓ ଆୟାବୋଙ୍ଗା ଖାକାଙ୍କ ଭଳି ଅଭିଜ୍ଞ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅକ୍ଟୋବର ୩ରେ ଇଂଲଣ୍ଡ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ଘୋଷିତ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ୍ (ଅଧିନାୟିକା), ଆନେକ ବୋଶ୍ଚ, ତାଜମିନ ବ୍ରିଟ୍ସ, ନାଦିନେ ଡି କ୍ଲର୍କ, ଆନେରି ଡେର୍କସେନ, ସିନାଲୋ ଜାଫତା, ମାରିଜାନ୍ନେ କାପ୍ପ, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ, ସୁନେ ଲସ୍, କାରାବୋ ମେସୋ, ନୋଙ୍କୁଲୁଲେକୋ ମାଲବା, ତୁମି ସେଖୁଖୁନେ, ନୋନ୍ଦୁମିସୋ ଶାଙ୍ଗାସେ ଓ କ୍ଲୋଏ ଟ୍ରାୟନ।

# ଡବଲ୍ ସ୍ୱର୍ଣ୍ଣ ବିଜୟିନୀ ରଶ୍ମିତା ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩।୯ (ସମିସ): ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା ରଶ୍ମିତା ସାହୁଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍‌ରେ ଅଧ୍ୟୟନ କରୁଥିବା ରଶ୍ମିତାଙ୍କୁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବୁଧବାର ଆର୍ଥିକ ପ୍ରୋତ୍ସାହନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରଶ୍ମିତାଙ୍କୁ ଆଗାମୀ କ୍ରୀଡ଼ା କ୍ୟାରିୟରରେ ସମସ୍ତ ସହଯୋଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗାଇ ଦେବାକୁ ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଚୌଦ୍ୱାରର ରଶ୍ମିତା ୨୦୦ ମିଟର କାନୋଇଂ-୧ ଓ ୫୦୦ ମିଟର କାନୋଇଂ-୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ଉଦ୍‌ଯାପିତ




ଭୁବନେଶ୍ୱର, ୩।୯ (ସମିସ): ସ୍ଥାନୀୟ ପାଣ୍ଡରାସ୍ଥିତ ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀରେ ଦୁଇ ଦିନିଆ ୨୩ତମ ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫ଟି ଏକାଡେମୀର ୨୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀର ୪୧ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଜଣ ସ୍ୱର୍ଣ୍ଣ, ୭ ଜଣ ରୌପ୍ୟ ଏବଂ ୧୦ ଜଣ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୯ ନମ୍ବର ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

ଏସିଆ କପ୍ ହକି ସୁପର-୪ ମୁକାବିଲା

# ଦକ୍ଷିଣ କୋରିଆ ସହ ମ୍ୟାଚ୍ ଡ୍ର ରଖିଲା ଭାରତ

ରାଜଗିର,୩।୯ (ଏଜେନ୍ସି):



ମନଦୀପ ସିଂହଙ୍କ ଶେଷ ମୁହୂର୍ତ୍ତ ଗୋଲ ବଳରେ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍ ସୁପର-୪ ମୁକାବିଲାରେ ଦକ୍ଷିଣ କୋରିଆ ସହ ଭାରତ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛି। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ପ୍ରଥମାର୍ଦ୍ଧରେ ୨-୧ରେ ଦକ୍ଷିଣ କୋରିଆ ଆଗୁଆ ରହିବା ପରେ ଗୋଲ ଶୁଝାଇବାକୁ ଭାରତ କରିଥିବା ପ୍ରବଳ ଉଦ୍ୟମକୁ ଦକ୍ଷିଣ କୋରିଆ ପ୍ରତିହତ କରିଥିଲା। କିନ୍ତୁ ଖେଳ ଶେଷ ମୁହୂର୍ତ୍ତରେ ବା ୫୩ତମ ମିନିଟ୍‌ରେ ମନଦୀପ ପାଇଥିବା ସୁଯୋଗର ସଦ୍‌ବ୍ୟବହାର କରି ଗୋଲ ସ୍କୋର କରିବା ଫଳରେ ଭାରତ ଏହି ମ୍ୟାଚ୍ ଡ୍ର ରଖିଥିଲା। ଭାରତ ପକ୍ଷରୁ ପ୍ରଥମ ଗୋଲ୍‌ଟି ହାର୍ଦ୍ଦିକ ସିଂହ ଦେଇଥିଲେ। ଏହା ମଧ୍ୟ ଫିଲ୍ଡ ଗୋଲ ଥିଲା। ଭାରତୀୟ ଡ୍ରାଗ୍ ଫ୍ଲିକରମାନେ ଏହି ମ୍ୟାଚ୍‌ରେ ଗୋଟିଏ ହେଲେ ଗୋଲ ସ୍କୋର ନ କରିବା ଦଳର ଦୁର୍ବଳ ପ୍ରସ୍ତୁତିକୁ ପଦାରେ ପକାଇଦେଇଛି। ଦକ୍ଷିଣ କୋରିଆ ପକ୍ଷରୁ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଜିହୁନ ୟାଙ୍ଗ୍ ଓ ପେନାଲ୍ଟି କର୍ଣ୍ଣରରୁ କିମ୍ ହେୟନହଙ୍ଗ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚ୍‌ରେ ପଏଣ୍ଟ ହରାଇବା ପରେ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅନ୍ୟ ଦୁଇଟି ସୁପର-୪ ମ୍ୟାଚ୍‌ରେ ଜିତିବା ନିହାତି ଆବଶ୍ୟକ ହୋଇପଡ଼ିଛି। ଏହି ମ୍ୟାଚ୍ ମଧ୍ୟରୁ ଆସନ୍ତାକାଲି ଲଢ଼ୁଆ ଖେଳ ପ୍ରଦର୍ଶନ କରିଥିବା ମାଲେସିଆ ସହ ଓ ଶନିବାର ଚୀନ୍ ସହ ସୁପର-୪ ମ୍ୟାଚ୍ ଖେଳିବ। ଆସନ୍ତାକାଲି ପ୍ରଥମ ସୁପର-୪ ମୁକାବିଲା ଚୀନ୍ ଓ କୋରିଆ ମଧ୍ୟରେ ଖେଳାଯିବ। ଏଠାରେ ବର୍ଷା ଯୋଗୁଁ ଭାରତ-କୋରିଆ ମୁକାବିଲା ପାଖାପାଖି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା।

## ଚୀନ୍‌କୁ ୨-୦ ଗୋଲରେ ହରାଇଲା ମାଲେସିଆ

ବୁଧବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ମାଲେସିଆ ୨-୦ ଗୋଲରେ ଚୀନ୍‌କୁ ହରାଇ ପୂରା ପଏଣ୍ଟ ସଂଗ୍ରହ କରିଛି। ଦଳ ପକ୍ଷରୁ ଏକ ନମ୍ବର ଜର୍ସି ପରିହିତ ଖେଳାଳି ସୟଦ ଚୋଲାନ ପେନାଲ୍ଟି କର୍ଣ୍ଣରୁ ଓ ୧୧ ନମ୍ବର ଅଖିମୁଲ୍ଲା ଅନୁଆର ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଉଭୟ ଦଳ ଗୋଲ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଟୁର୍ଣ୍ଣାମେଣ୍ଟରେ ୩ଟି ଯାକ ଲିଗ୍ ମୁକାବିଲାକୁ ସହଜରେ ଜିତିଥିବା ମାଲେସିଆ ପକ୍ଷରୁ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ କରିବାରେ ସମର୍ଥ ହୋଇଥିଲା। ଆସନ୍ତାକାଲି ସୁପର-୪ର ଦ୍ୱିତୀୟ ମୁକାବିଲାରେ ଭାରତ ସହ ଖେଳିବ ମାଲେସିଆ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଏଯାଏ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଛନ୍ତି।

ନନ୍ଦିଘୋଷ
'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS